R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୦୩
ତିଥି : ଦ୍ୱାଦଶୀ
୨୮ ଏପ୍ରିଲ ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 203
28 April 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୪୩° ଉପରେ ୧୦ ସହର

# ଆକାଶୁ ଖସୁଛି ନିଆଁ



ଭୁବନେଶ୍ୱର, ୨୭ ।୪ (ସବ୍ୟୁ) : ରାଜ୍ୟରେ ଏବେ ତାତି ଅସହ୍ୟ ହେଉଛି। ସତେଯେପରି ଆକାଶୁ ଖସୁଛି ନିଆଁ ପିଣ୍ଡୁଳା । ପ୍ରବଳ ଝାଞ୍ଜି ମାଡ଼ରେ ଜନଜୀବନ ଆକ୍ରାମାକ୍ରା ହୋଇପଡୁଛି। ମଧ୍ୟାହ୍ନ ବେଳକୁ ରାସ୍ତାଘାଟ ଶୂନଶାନ୍ ହୋଇଯାଉଛି । ରାତିରେ ଗରମ ସହ ଗୁଳୁଗୁଳି ଯୋଗୁଁ ଘରେ ରହି ହେଉନି। ତେବେ ଉପକୂଳରେ ସମୁଦ୍ର ଆଡୁ ତୁହାକୁ ତୁହା ପବନ ବହିବା ଯୋଗୁଁ ତାତି ସାମାନ୍ୟ କମିଛି । ପଶ୍ଚିମରେ ତାତି ଅପରିବର୍ତ୍ତିତ ରହିଛି ଏବଂ ଆଗକୁ ମଧ୍ୟ ଏଭଳି ତାତି ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନ୍‌ରେ କୁହାଯାଇଛି ଯେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଆଭ୍ୟନ୍ତରରେ ଗ୍ରୀଷ୍ମ ଲହରୀ ପ୍ରବାହିତ ହେବ । ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୪୩° ଉପରେ ରହିପାରେ । ସୋମବାର ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୪.୭° ରେକର୍ଡ଼ ହୋଇଥିବାବେଳେ ବରଗଡ଼ରେ ୪୩.୯°, ବୌଦ୍ଧରେ ୪୩.୫°, ବଲାଙ୍ଗୀରରେ ୪୩.୩°, ସମ୍ବଲପୁରରେ ୪୩.୨°, ନୂଆପଡ଼ାରେ ୪୩.୨°, ଟିଟିଲାଗଡ଼, ରାଉରକେଲା, ହୀରାକୁଦ ଓ ସୁନ୍ଦରଗଡ଼ରେ ତାପମାତ୍ରା ୪୩° ରେକର୍ଡ଼ କରାଯାଇଛି । ସେହିପରି ସୋନପୁରରେ ୪୨.୮°, ତାଳଚେରରେ ୪୨.୬°, ଅନୁଗୋଳରେ ୪୨.୩°, ଭବାନୀପାଟଣାରେ ୪୨.୨°, ନୟାଗଡ଼ରେ ୪୧.୨°, ଖୋର୍ଦ୍ଧାରେ ୩୮° ଏବଂ ଭୁବନେଶ୍ୱରରେ ୩୬.୫° ତାପମାତ୍ରା ରେକର୍ଡ଼ ହୋଇଛି ।

ସୋମବାର ବହୁ ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇଥିବା ଜଣାପଡ଼ିଛି । (୯ ପୃଷ୍ଠାରେ)

- ଝାରସୁଗୁଡ଼ାରେ ସର୍ବାଧିକ ୪୪.୭°
- ଉପକୂଳରେ କାଳବୈଶାଖୀ ବର୍ଷା
- ଆଭ୍ୟନ୍ତରରେ ଗ୍ରୀଷ୍ମ ଲହରୀ ଜାରି

## ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷରିତ

# ୮୨୮୪ ରପ୍ତାନୀ ସାମଗ୍ରୀ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ



ନୂଆଦିଲ୍ଲୀ, ୨୭ ।୪ : ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟିକ ଚୁକ୍ତି (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋଏଲ ନ୍ୟୁଜିଲାଣ୍ଡର ବାଣିଜ୍ୟ ମନ୍ତ୍ରୀ ଟଡ୍ ମ୍ୟାକକ୍ଲେ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଉଭୟ ଦେଶ ମଧ୍ୟରେ ରପ୍ତାନୀ ବଜାର ଖୋଲିବ ଏବଂ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଚୁକ୍ତି ସ୍ୱାକ୍ଷର ପାଇଁ ୨୦୨୫ ମାର୍ଚ୍ଚରୁ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଏହା ଭାରତ ପାଇଁ ଏକ ବଡ ସଫଳତା ବୋଲି କୁହାଯାଉଛି। ପ୍ରାୟ ୮ ହଜାର ୨୮୪ ରପ୍ତାନୀ ସାମଗ୍ରୀ ସମ୍ପୂର୍ଣ୍ଣ ଶୁଳ୍କ ମୁକ୍ତ ହେବ।

### ୧୫ ବର୍ଷରେ ଭାରତରେ ବିନିଯୋଗ ହେବ ୧.୮ ଲକ୍ଷ କୋଟି

ପୂର୍ବରୁ ଭାରତରୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ହାରାହାରି ୨.୨% ଶୁଳ୍କ ଲାଗୁଥିଲା। ଭାରତରୁ ମୁଖ୍ୟତଃ ବୟନ, ଚମଡା ସାମଗ୍ରୀ ରପ୍ତାନୀ ଉପରେ ୧୦% ଶୁଳ୍କ ଲଗାଯାଉଥିଲା। ବର୍ତ୍ତମାନ ଏହା ଶୂନ ରହିବ। ଏହାଦ୍ୱାରା ପୋଷାକ, ଇଞ୍ଜିନିୟରିଂ ସାମଗ୍ରୀ, କେମିକାଲ, ଇଲେକ୍ଟ୍ରୋନିକ୍ସ ଓ ଖାଦ୍ୟ ସାମଗ୍ରୀ କ୍ଷେତ୍ର ଲାଭବାନ ହେବ। ଔଷଧ ଶିଳ୍ପ ମଧ୍ୟ ଏହାଦ୍ୱାରା ଲାଭବାନ (୯ ପୃଷ୍ଠାରେ)

## ଓଡ଼ିଶାର 'ଡାଲମା' ଖାଇଲେ ଜାପାନ ରାଷ୍ଟ୍ରଦୂତ

# ସୋସିଆଲ ମିଡ଼ିଆରେ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭ ।୪ (ସବ୍ୟୁ) : ଗତ ୨୪ ତାରିଖ ଦିନ ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସ୍‌ଡବ୍ଲ୍ୟୁ ଓ ଜାପାନର ଜେଏଫ୍‌ଇ ଷ୍ଟିଲ୍ ମଧ୍ୟରେ ଏକ ଜଏଣ୍ଟ ଭେନ୍‌ଚର୍ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା । ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ । ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମେଡିଆ ହ୍ୟାଣ୍ଡେଲ 'ଏକ୍ସ' ରେ ଲେଖିଛନ୍ତି ଯେ, "ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି। ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ ।"

ରାଷ୍ଟ୍ରଦୂତ ମିଷ୍ଟର (୯ ପୃଷ୍ଠାରେ)

## ଜମା ଟଙ୍କା ଦେଲାନି ବ୍ୟାଙ୍କ

# ପ୍ରମାଣ ଲାଗି କଙ୍କାଳ ଖୋଳି ଆଣିଲା ଭାଇ



ଢେଙ୍କିକୋଟ, ୨୭ ।୪ (ସବ୍ୟୁ): କେନ୍ଦୁଝର ଜିଲ୍ଲା ସାମପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଅନ୍ତର୍ଗତ ଡିଆନାଳି ଗ୍ରାମ ଆଜି ଚର୍ଚ୍ଚାରେ । ବଡ଼ଭାଇ ରଖି ଥିବା ଜମା ଟଙ୍କା ବ୍ୟାଙ୍କ ନ ଦେବାରୁ ସାନଭାଇ ମୃତ ବଡ଼ଭାଇର ଶବ ଧରି ସୋମବାର ଦିନ ବ୍ୟାଙ୍କକୁ ଆସିଥିଲା ।

ଘଟଣାରୁ ଜଣାପଡିଛି ସାମପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଅନ୍ତର୍ଗତ ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କ ବଡ଼ଭାଇ ଗଲର ମୁଣ୍ଡା ( ୬୫ ) ଆଜକୁ ଏକମାସ ରୁ ଅଧିକ ହେବ ଦୁରାରୋଗ୍ୟରେ ପଡି ମତ୍ୟୁ ବରଣ କରିଥିଲେ । ସାନଭାଇ ଜିତୁ ବଡଭାଇ ର ଶବକୁ ଘର ପାଖରେ ପୋତିଥିଲା । ତେବେ ବଡଭାଇର ମଲ୍ଲିପଶି ଠାରେ ଥିବା ଓଡିଶା ଗ୍ରାମ୍ୟବ୍ୟାଙ୍କ ରେ ଜମାଖାତାରେ କିଛି ଟଙ୍କାଥିଲା । ଉକ୍ତ ଟଙ୍କାକୁ ସାନଭାଇ ଜିତୁ ଉଠାଇବାକୁ ଯାଇଥିବା ବେଳେ ବ୍ୟାଙ୍କ ମ୍ୟାନେଜର ଭାଇର ଡେଥ ସାର୍ଟିଫିକେଟ ମାଗିଥିଲେ । ଜିତୁ କିନ୍ତୁ ଡେଥ ସାର୍ଟିଫିକେଟ କଣ ବୁଝିନଥିଲା। ଶେଷରେ ମ୍ୟାନେଜର ମୋ କଥାକୁ ବିଶ୍ୱାସ ଯାଉନି ଭାବି ସେ ରାଗରେ ମ୍ରିୟମାଣହୋଇ ବଡଭାଇର ପୋତିଥିବା ଶବକୁ କାଢି, ଏକ ଅଖାରେ ବାନ୍ଧି ବ୍ୟାଙ୍କ ସମ୍ମୁଖରେ ରଖି ଟଙ୍କାପାଇଁ ଅଡିବସିଥିଲ। ଏ ଘଟଣା ଦେଖିବାକୁ ବ୍ୟାଙ୍କ ସାମ୍ନା ଶହଶହ ଲୋକ ରୁଣ୍ଡିଭୂତ ହୋଇଥିଲେ। ଶେଷରେ ବ୍ୟାଙ୍କ ମ୍ୟାନେଜର ପାଟଣା ପୋଲିସକୁ ଖବର ଦେଇଥିଲେ । ଖବରପାଇ ପୋଲିସ ଆସି ଜିତୁକୁ ବୁଝାଇବା ସହିତ ଟଙ୍କା ଦିଆଯିବାର ବ୍ୟବସ୍ଥା କରାଯିବ କହିବାରୁ ସେ ଭାଇର ଶବକୁ ନେଇ ଚାଲିଯାଇଥିଲା ।

# ଆମେରିକାକୁ ଇରାନର ୩ ପ୍ରସ୍ତାବ

ନୂଆଦିଲ୍ଲୀ, ୨୭ ।୪ : ଇରାନ ଓ ଆମେରିକା ମଧ୍ୟରେ ଆଲୋଚନା ପାଇଁ ଉଦ୍ୟମ ଜାରି ରହିଥିଲେ ବି କୌଣସି ନିଷ୍କର୍ଷ ବାହାରିପାରୁନାହିଁ। ଇରାନ ପକ୍ଷରୁ ପାକିସ୍ତାନ ମାଧ୍ୟମରେ ଆମେରିକାକୁ ନୂଆ ପ୍ରସ୍ତାବ ଦିଆଯାଇଛି। ଯଦି ଆମେରିକା ତାହା ଗ୍ରହଣ କରେ ତେବେ ଯୁଦ୍ଧ ଶେଷ ହେବାର ସମ୍ଭାବନା ରହିଛି। ଯୁଦ୍ଧକୁ ଇତିମଧ୍ୟରେ ଦୁଇ ମାସ ବିତିଲାଣି।

ଇରାନ ପକ୍ଷରୁ କୁହାଯାଇଥିବା ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ଯେ ଆମେରିକା ଇରାନ ବନ୍ଦର ଓ ହରମୁଜ୍ ପ୍ରଣାଳୀରେ ଯେଉଁ ଅବରୋଧ କରିଛି ତାହା ହଟାଇବା ଦରକାର। ଇରାନ ହରମୁଜ୍ ପ୍ରଣାଳୀକୁ ଖୋଲିବାକୁ ରାଜି ଅଛି। କିନ୍ତୁ ପରମାଣୁ ଅସ୍ତ୍ର ଉପରେ ଆଲୋଚନା କରାଯିବ ବୋଲି ମଧ୍ୟ କହିଛି। ଇରାନର ଏହି ନୂତନ ମତକୁ ରଣନୈତିକ ପରିବର୍ତ୍ତନ ବୋଲି ବିବେଚନା କରାଯାଇଛି। ଇରାନ ଚାହୁଁଛି ହରମୁଜ୍ ପ୍ରଣାଳୀ ପ୍ରଥମେ ଖୋଲାଯାଉ ଏବଂ ଆମେରିକା ଅବରୋଧ ହଟାଯାଉ। ସାମୁଦ୍ରିକ ସଙ୍କଟ ସମ୍ପୂର୍ଣ୍ଣ ସମାଧାନ ହେବାପରେ ପରମାଣୁ ଆଲୋଚନା ଆରମ୍ଭ ହେବ। ଏହାଛଡା ଦୀର୍ଘ ସମୟ ପାଇଁ ଯୁଦ୍ଧ ବିରତି ବୃଦ୍ଧି କରିବାକୁ ଦାବି ରଖାଯାଇଛି। ମାତ୍ର (୯ ପୃଷ୍ଠାରେ)

## ଲିଙ୍ଗରାଜ ମନ୍ଦିର ସତ୍ୱଲିପି କମିଟିର ପ୍ରସ୍ତାବ

# ନିଯୁକ୍ତ ହେବେ ସ୍ୱତନ୍ତ୍ର ଅଧିକାରୀ

### ଆଇନମନ୍ତ୍ରୀଙ୍କୁ ଦେଲେ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ



ଭୁବନେଶ୍ୱର, ୨୭ ।୪ (ସବ୍ୟୁ) : ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କରାଯିବ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ%ଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟରେ ଏହା ଦର୍ଶାଯାଇଛି ।

ଏହି କମିଟି ସୋମବାର ନିଜର ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଦାଖଲ କରିଛନ୍ତି । ରିପୋର୍ଟ ଗ୍ରହଣ ସହ ଏହାକୁ ସଂପୂର୍ଣ୍ଣ ଅନୁଶୀଳନ କରାଯାଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । (୯ ପୃଷ୍ଠାରେ)

# ପୃଥକ ଦୁର୍ଘଟଣା : ଚାଲିଗଲା ୪ ଜୀବନ

କରଞ୍ଜିଆ, ୨୭।୪ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଠାରେ ସୋମବାର ସକାଳେ ପୃଥକ ପୃଥକ ସ୍ଥାନରେ ଦୁର୍ଘଟଣା ଘଟି ସ୍ୱାମୀ-ସ୍ତ୍ରୀଙ୍କ ସମେତ ୪ଜଣଙ୍କର ଜୀବନ ଯାଇଛି । ଏଥି ସହିତ ଜଣେ ଅତି ଗୁରୁତର ହୋଇ ସଂକଟପନ୍ନ ଅବସ୍ଥାରେ ଅଛନ୍ତି ଏହା ସହିତ ଆଉ ୩ଜଣ ଆହତ ହୋଇଛନ୍ତି। କରଞ୍ଜିଆ ଗ୍ରୀଡ଼ ସବ ଷ୍ଟେସନ ନିକଟ ବାମନସାଳ ପାଖରେ ପାଞ୍ଚ ଗ୍ରାମର ଜଣେ ଦମ୍ପତି କରଞ୍ଜିଆ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ନିଜ ଗ୍ରାମକୁ ଫେରୁଥିଲେ ।ଏହି ସମୟରେ ଓପର ପାଶ୍ୱର୍ରୁ ଏକ ସ୍କୋର୍ପିଓ କାର ଉକ୍ତ ଦମ୍ପତିଙ୍କ ବାଇକି ନଂ ଓଆର ୦୯ ଜେ ୭୯୮ ) କୁ ଧକ୍କା ଦେଇଥିଲା ।ଫଳରେ ଉକ୍ତ ଦାମ୍ପତି ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ ।ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ଅଣାଯାଇଥିଲା, ଏଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

ସେହିଭଳି ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚଣ୍ଡିଖୋଲ ନିକଟ ଧର୍ମଶାଳା ପାଖରୁ ଗୋଟିଏ କାର ଓଡ଼ି୦୪ଜେ ୦୦୨୨ ମୟୁରଭଞ୍ଜର ରାଇଁରଙ୍ଗପୁର ଆଡକୁ ଆସୁଥିଲା କାଡଡିହ ନିକଟରେ କରଞ୍ଜିଆରୁ ଯାଉଥିବା ପ୍ରଶାନ୍ତି ନାମକ ଏକ ବସ ଧକ୍କା ଦେଇଥିଲା । ଫଳରେ କାରରେ ବସିଥିବା (୯ ପୃଷ୍ଠାରେ)

# ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ସରିଲା ପ୍ରଚାର



ନୂଆଦିଲ୍ଲୀ, ୨୭ ।୪ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ଆଜି ପ୍ରଚାର ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥାତ୍ ୨୯ ତାରିଖରେ ୧୪୨ଟି ବିଧାନସଭା ଆସନ ଲାଗି ଭୋଟ୍ ଗ୍ରହଣ କରାଯିବ। ପ୍ରଚାରର ଶେଷ ଦିନରେ ପଶ୍ଚିମବଙ୍ଗରେ ହାଇଭୋଲ୍‌ଟେଜ୍ ପ୍ରଚାର ଦେଖିବାକୁ ମିଳିଛି। ଟିଏମ୍‌ସି ଓ ବିଜେପି ମଧ୍ୟରେ ବାକ୍‌ଯୁଦ୍ଧ ଜୋରଦାର ହୋଇଛି।

ବିଜେପି ପକ୍ଷରୁ ଟିଏମ୍‌ସି ବିରୋଧରେ ଯେଉଁ ଅଭିଯୋଗ କରାଯାଉଛି ତାହାର ମଧ୍ୟ କଡା ଜବାବ ଟିଏମ୍‌ସି ଦେଉଛି । ଏସ୍‌ଆଇଆର, ଅନୁପ୍ରବେଶ, ଦୁର୍ନୀତି ଓ ବେକାରୀ ଆଦି ପ୍ରସଙ୍ଗ ଉପରେ ଉଭୟ ବିଜେପି ଓ ଟିଏମ୍‌ସି ସେମାନଙ୍କ ମତ ରଖିଛନ୍ତି। ବିଜେପି ନେତୃବୃନ୍ଦ ଟିଏମ୍‌ସି ଅନୁପ୍ରବେଶକାରୀଙ୍କୁ ନେଇ ସରକାର ଚଳାଉଛି ବୋଲି ଅଭିଯୋଗ କରୁଛି। ଅପରପକ୍ଷରେ ମମତା ବିଜେପିକୁ ବିଭାଜିତ ରାଜନୀତି କରୁଛି ବୋଲି ଅଭିଯୋଗ ଆଣିବା ସହ ରାଜ୍ୟକୁ ମାଛ ଓ ଅଣ୍ଡା ମଧ୍ୟରେ ବିଭାଜିତ କରିବାକୁ ଚାହୁଁଛି ବୋଲି କହିଛନ୍ତି। ଆଜି ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଜୋରଦାର ପ୍ରଚାର କରିଛନ୍ତି। ସେହିଭଳି ମମତା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭବାନୀପୁର ନିର୍ବାଚନମଣ୍ଡଳୀରେ ପଦଯାତ୍ରା କରି ଭୋଟ୍ ମାଗିଛନ୍ତି। ଏପ୍ରିଲ ୨୯ରେ ହେବାକୁ ଥିବା ମତଦାନରେ ୩ କୋଟି ୨୧ ଲକ୍ଷ ୭୩ ହଜାର ୮୩୭ ଭୋଟର ଭୋଟ୍ ଦେବେ। ସେଥିମଧ୍ୟରୁ ୧ କୋଟି ୬୪ ଲକ୍ଷ ୩୫ ହଜାର ୬୨୭ ଜଣ ପୁରୁଷ ଥିବାବେଳେ ୧ କୋଟି ୫୭ ଲକ୍ଷ ୩୭ ହଜାର ୪୧୮ ମହିଳା ଅଛନ୍ତି। ପ୍ରାୟ ୪୧୦୦ ପୁଲିଂ ବୁଥ୍‌ରେ ମତଦାନ ହେବ। ପ୍ରତି ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବ। ନିର୍ବାଚନ କମିଶନ ଏଥିଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ୨୩୨୧ କମ୍ପାନୀ କେନ୍ଦ୍ରୟ (୯ ପୃଷ୍ଠାରେ)

- ୨୯ରେ ୧୪୨ ଆସନରେ ଭୋଟ୍
- ଶେଷ ଦିନରେ ମୋଦୀ, ଶାହା, ମମତାଙ୍କ ଜୋର୍‌ଦାର ପ୍ରଚାର
- ମେ' ୪ରେ ହେବ ଗଣତି

## ରାଜ୍ୟସଭା ନିର୍ବାଚନରେ ୮ ବିଜେଡି ବିଧାୟକଙ୍କ କ୍ରସ୍ ଭୋଟିଂ

# ସଦସ୍ୟତା ରଦ୍ଦ କରିବାକୁ ବିଜେଡି ବିଧାୟକଙ୍କ ଦାବି

ଭୁବନେଶ୍ୱର, ୨୭ ।୪ (ସବ୍ୟୁ) : ରାଜ୍ୟସଭାରେ ଦଳ ବିରୋଧୀ କାମ କରିଥିବା ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ବିଜେଡି ବିଧାୟକମାନେ ଫେରାଦ ହୋଇଛନ୍ତି। ଆଇନ୍ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏହି ବିଧାୟକମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ବିଜେଡିର ସବୁ ବିଧାୟକମାନେ ଆଜି ଶଙ୍ଖ ଭବନରେ ବୈଠକ କରିଥିଲେ। ସେଠାରୁ ସିଧାସଳଖ ଆସି ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ଦାବି କରିଥିଲେ। ପୂର୍ବରୁ ଏହି ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବାଚସ୍ପତିଙ୍କୁ ଚିଠି ଲେଖିଥିଲେ।

ଗତ ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ନବ ମଲ୍ଲିକ, ଚକ୍ରମଣି କହଁର, ସୁବାସିନୀ ଜେନା, ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ, ରମାକାନ୍ତ ଭୋଇ କ୍ରସ୍ ଭୋଟିଂ କରିଥିଲେ। ଏମାନଙ୍କ ସଭ୍ୟପଦ ରଦ୍ଦ ଲାଗି ପୃଥକ୍ ପୃଥକ୍ ଭାବେ ୮ ପିଟିସନ୍ ବିଜେଡି ଦାଖଲ କରିଛି। ଏହି ବିଧାୟକମାନେ ସ୍ୱେଚ୍ଛାକୃତ ଭାବେ ଦଳର ନେତୃତ୍ୱ ଓ ଦଳର ସମ୍ବିଧାନକୁ ବିରୋଧ କରିଛନ୍ତି ସେମାନଙ୍କ ସଭ୍ୟପଦ ଖାରଜ ହୋଇପାରିବ। ଦଳ ବିରୋଧ କାମ ନ କରିବା ପାଇଁ ବିଜେଡି ସମ୍ବିଧାନରେ ରହିଛି। ବିରୋଧୀ ଦଳ ମୁଖ୍ୟ ସଚେତକ ନିର୍ବାଚନର ଦୁଇଦିନ ପୂର୍ବରୁ ହ୍ୱିପ୍ ଜାରି କରିଥିଲେ। କୌଣସି ବିଧାୟକ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଓ ଦଳୀୟ ବୈଠକରେ ଯୋଗଦେବେ।

### ବାଚସ୍ପତିଙ୍କୁ ଭେଟି ଦେଲେ ୮ ପୃଥକ୍ ସ୍ମାରକପତ୍ର

ଦଳର ନିଷ୍ପତ୍ତି ଓ ନିର୍ଦ୍ଦେଶ ନମାନି ଦଳରୁ ଦୂରେଇ ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଶରତ ଯାଦବ ଓ ହିମାଚଳ ପ୍ରଦେଶର ଘଟଣାକୁ ବିଜେଡି ପକ୍ଷରୁ ଅବତାରଣା କରାଯାଇଛି। ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ସମ୍ବିଧାନବିତ୍ ଓ ଆଇନ୍ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ନିର୍ଯ୍ୟାସ ଆସିଲା ଯେ ଯେଉଁମାନେ ସେମାନେ ଏହା କରିନାହାନ୍ତି। ୨୦୧୭ ଡିସେମ୍ବର ୪ରେ ଶରଦ ଯାଦବଙ୍କ ରାଜ୍ୟସଭା ସଦସ୍ୟ ରଦ୍ଦ ହୋଇଥିଲା। ଦଳ ବିରୋଧୀ ମନ୍ତବ୍ୟ ଦେବାସହ ଦଳ ବିରୋଧରେ କାର୍ଯ୍ୟ କରିଥିଲେ। ସୁପ୍ରିମ୍‌କୋର୍ଟ ବି କହିଥିଲେ ସେ ଦଳୀୟ ଅନୁଶାସନରେ ନଥିଲେ। ଶିମିଲାରେ ବି ୬ ଜଣ ବିଧାୟକଙ୍କ (୯ ପୃଷ୍ଠାରେ)

## ଇତିହାସ

୧୭୪୦- ମରାଠା ଶାସକ ପେଶୱା ବାଜିରାଓ ପ୍ରଥମଙ୍କ ନିଧନ ।

୧୮୪୭- ପ୍ରଥମ ଅଶ୍ୱେତ ନାଗରିକ ଭାବେ ଜର୍ଜ ବି ୱେଶନ ନ୍ୟୁୟର୍କ ନ୍ୟାୟାଳୟକୁ ଯାଇଥିଲେ ।

୧୯୧୦- ଇଂଲଣ୍ଡରେ କ୍ଲୋଡ ଗ୍ରାହମ ୱାଇଟ ନାମକ ଜଣେ ପାଇଲଟ ପ୍ରଥମ ଥର ପାଇଁ ରାତିରେ ବିମାନ ଉଡ଼ାଇଥିଲେ ।

୧୯୨୯- ପ୍ରସିଦ୍ଧ ଡିଜାଇନର ଭାନୁ ଅଥେୟାଙ୍କ ଜନ୍ମ ।

୧୯୩୫- ମସ୍କୋରେ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ଟ୍ରେନର ଚଳାଚଳ ଆରମ୍ଭ ।

୧୯୩୭- ଇରାକରେ ସଦାମ ହୁସେନଙ୍କ ଜନ୍ମ ।

୧୯୯୩- ଜାମ୍ବିଆର ବିମାନ ଦୁର୍ଘଟଣାରେ ୩୦ ଫୁଟବଲ ଖେଳାଳିଙ୍କ ମୃତ୍ୟୁ ।

## ତ୍ୱଚାର ଯତ୍ନ



ଖରାଦିନେ ନିଜର ସ୍ୱାସ୍ଥ୍ୟ ଭଳି ତ୍ୱଚାର ମଧ୍ୟ ଯତ୍ନ ନେବାର ଆବଶ୍ୟକତା ରହିଛି । ଏହି ସମୟରେ ଏଭଳି ଅନେକ କଥା ଅଛି ଯାହାକୁ ଆମକୁ ମାନିବାକୁ ହେବ । ଆସନ୍ତୁ ସେହିଭଳି କିଛି ଟିପ୍ସ ସମ୍ପର୍କରେ ଜାଣିବା ଯାହାକୁ ଖରାକୁ ବାହାରିବା ଆଗରୁ ଅନୁକରଣ କରିବାର ଅଛି ।

- ନିୟମିତ ସନସ୍କ୍ରିନ ବ୍ୟବହାର : ଖରାରୁ ରକ୍ଷା ପାଇବା ପାଇଁ ବାହାରକୁ ଯିବାର ୨୦ ମିନିଟ୍ ପୂର୍ବରୁ ଅତିକମରେ ଏସପିଏଫ ୩୦ ଥିବା ସନସ୍କ୍ରିନ ଲଗାନ୍ତୁ ।
- ତ୍ୱଚାକୁ ହାଇଡ୍ରେଟ୍ ରଖନ୍ତୁ : ଦିନକୁ ଅତିକମରେ ୮ ରୁ ୧୦ ଗ୍ଲାସ୍ ପାଣି ପିଅନ୍ତୁ ଏବଂ ହାଲୁକା ୱାଟର-ବେସଡ୍ ମଶ୍ଚରାଇଜର୍ ବ୍ୟବହାର କରନ୍ତୁ ।
- ଗୋଲାପ ଜଳ : ଖରାରୁ ଫେରିବା ପରେ ମୁହଁରେ ଗୋଲାପ ଜଳ ସ୍ପ୍ରେ କରନ୍ତୁ, ଏହା ତ୍ୱଚାକୁ ତୁରନ୍ତ ଶୀତଳତା ପ୍ରଦାନ କରିଥାଏ ।
- ପ୍ରାକୃତିକ ଫେସ୍ ପ୍ୟାକ୍ : ସପ୍ତାହକୁ ଥରେ ଦହି - ବେସନ କିମ୍ବା ମୁଲତାନି ମାଟିର ପ୍ୟାକ୍ ଲଗାନ୍ତୁ, ଯାହା ତ୍ୱଚାରୁ ଅତିରିକ୍ତ ତେଲ ଏବଂ ଟ୍ୟାନିଂ ଦୂର କରିବ ।
- ସୂତା ପୋଷାକ ଓ ଚଷମା : ସର୍ବଦା ହାଲୁକା ରଙ୍ଗର ସୂତା ପୋଷାକ ପିନ୍ଧନ୍ତୁ ଏବଂ ଆଖିର ସୁରକ୍ଷା ପାଇଁ ସନ୍ଗ୍ଲାସ୍ ବ୍ୟବହାର କରନ୍ତୁ ।

## ସୋସିଆଲ କୋଟ୍ସ



ମୁଁ ଓଏମ୍‌ଜି-୨ କରିବାର ପ୍ରେରଣା ନିଜ ଘରୁ ନେଇଛି । ମୋ ପୁଅ ସହ ମୋର ଏଭଳି କିଛି ସ୍ମୃତି ରହିଛି, ଯାହା ମୋତେ ଓଏମ୍‌ଜି-୨ କରିବାକୁ ପ୍ରେରଣା ଦେଇଥିଲା ।

**ଅମିତ ରାୟ, ନିର୍ଦ୍ଦେଶକ**



ମୋ ପାଇଁ କୌଣସି ପ୍ରୋଜେକ୍ଟ ଛୋଟ କିମ୍ବା ବଡ ନୁହେଁ । ମୁଁ ସବୁବେଳେ ଛୋଟ ପ୍ରୋଜେକ୍ଟରେ କାମ କରିବାକୁ ଆଗ୍ରହ ରଖିଥାଏ । ଏଥିରେ ମୋତେ ଖୁସି ମିଳିଥାଏ ।

**କେକେ ମେନନ୍, ଅଭିନେତା**



ସମସ୍ତଙ୍କୁ ସମ୍ମାନ ଦେବା ମୋର ଏହା ଏକ ଅଭ୍ୟାସ । ଯେବେ ବି ମୁଁ କୌଣସି ସନ୍ୟାସୀ କିମ୍ବା ଯୋଗୀଙ୍କୁ ଦେଖିଥାଏ ତାଙ୍କ ପାଦ ଛୁଇଁ ପ୍ରଣାମ କରିଥାଏ ।

**ରଜନୀକାନ୍ତ, ଅଭିନେତା**

## ଜାରି ରହିଛି ଜୈବିକ ପରିବର୍ତ୍ତନ

ବିଜ୍ଞାନ ଜଗତରେ ଏପର୍ଯ୍ୟନ୍ତ ଏହା ବିଶ୍ୱାସ କରାଯାଉଥିଲା କି ଗତ ୧୦ ହଜାର ବର୍ଷ ମଧ୍ୟରେ ମାନବ ଶରୀରରେ କୌଣସି ଜୈବିକ ପରିବର୍ତ୍ତନ ହୋଇନାହିଁ । ମାତ୍ର 'ଜର୍ନାଲ ନେଚର'ରେ ପ୍ରକାଶିତ ହାର୍ଭାର୍ଡ ମେଡିକାଲ ସ୍କୁଲର ଏକ ବିଶାଳ ଅଧ୍ୟୟନ ଏହି ଧାରଣାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଛି । ବୈଜ୍ଞାନିକମାନେ ପ୍ରାୟ ୧୫,୮୩୬ ପ୍ରାଚୀନ ମାନବ ଅବଶେଷର ଡିଏନଏ ପରୀକ୍ଷା କରି ପ୍ରମାଣ କରିଛନ୍ତି ଯେ ମାନବ ଶରୀରର 'ସଫ୍ଟୱେୟାର' ଆଜି ବି ଅପଡେଟ୍ ହେଉଛି । ଗତ ୧୦ ହଜାର ବର୍ଷ ମଧ୍ୟରେ ପ୍ରକୃତି ଅତିକମରେ ୪୭ ୯ଟି ଜିନ୍ ଭାରିଆଣ୍ଟକୁ ପ୍ରୋତ୍ସାହିତ କରିଛି । ଏହି ଗବେଷଣାରୁ ଜଣାପଡ଼ିଛି ଯେ ସିଲିଆକ୍ ରୋଗ ସହ ଜଡ଼ିତ ମ୍ୟୁଟେସନ୍ ମାତ୍ର ୪ ହଜାର ବର୍ଷ ପୂର୍ବେ ସୃଷ୍ଟି ହୋଇଛି । ସେହିଭଳି ୟୁରୋପରେ 'ଟାଇପ୍ ବି' ବ୍ଲଡ୍ ଗ୍ରୁପ୍ ଏବଂ ବୟସ୍କମାନଙ୍କ ମଧ୍ୟରେ କ୍ଷୀର ହଜମ କରିବାର କ୍ଷମତା ଭଳି ଆନୁବଂଶିକ ପରିବର୍ତ୍ତନ ପରବର୍ତ୍ତୀ ସମୟରେ ବିକଶିତ ହୋଇଛି । ବୈଜ୍ଞାନିକଙ୍କ ଅନୁସାରେ, ଆମର ସାଂସ୍କୃତିକ ଓ ବୈଷୟିକ ପ୍ରଗତି ଆମର ଜୈବିକ ବିକାଶକୁ ଅଟକାଇ ନାହିଁ, ବରଂ ଏହାକୁ ନୂତନ ଦିଗ ପ୍ରଦାନ କରିଛି । ରିପୋର୍ଟଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



## ପେଟରୋଗ ଭଲ କରୁଛି ମାଟି



ୟୁରୋପର ଜିବ୍ରାଲ୍ଟର ପାହାଡ଼ରେ ରହୁଥିବା ବାର୍ବରୀ ମକାକ୍ ପ୍ରଜାତିର ମାଙ୍କଡ଼ମାନଙ୍କ ମଧ୍ୟରେ ଏକ ଅଜବ ଅଭ୍ୟାସ ଦେଖିବାକୁ ମିଳିଛି । ଏହି ମାଙ୍କଡମାନେ ପେଟ ଖରାପ ହେବା କାରଣରୁ ମାଟି ଖାଉଥିବା ଜଣାପଡ଼ିଛି । ବୈଜ୍ଞାନିକଙ୍କ ଅନୁଯାୟୀ, ପର୍ଯ୍ୟଟକମାନଙ୍କ ସଂସ୍ପର୍ଶରେ ଆସି ମାଙ୍କଡ଼ମାନେ ଚିପ୍ସ, ଚକୋଲେଟ୍ ଏବଂ ଆଇସକ୍ରିମ ଭଳି ଜଙ୍କ୍ ଫୁଡ୍ ଖାଇବାକୁ ଅଭ୍ୟସ୍ତ ହୋଇଯାଇଛନ୍ତି । ଯାହା ସେମାନଙ୍କ ହଜମ ପ୍ରକ୍ରିୟାକୁ ବିଗାଡ଼ି ଦେଉଛି । ଏହି ସମସ୍ୟାର ସମାଧାନ ପାଇଁ ମାଙ୍କଡ଼ମାନେ ମାଟି ଖାଇବା ଆରମ୍ଭ କରିଛନ୍ତି । ଯେଉଁ ଅଭ୍ୟାସକୁ 'ଜିଓଫ୍ୟାଗି' କୁହାଯାଏ; ବିଶ୍ୱାସ କରାଯାଏ ଯେ ମାଟିରେ ଥିବା ବ୍ୟାକ୍ଟେରିଆ ଏବଂ ମିନେରାଲ୍ସ ସେମାନଙ୍କ ପେଟର ମାଇକ୍ରୋବାୟୋମକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ । ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଏହି ମାଙ୍କଡ଼ମାନଙ୍କ ଖାଦ୍ୟର ପ୍ରାୟ ୨୦% ଅଂଶ ପର୍ଯ୍ୟଟକଙ୍କଠାରୁ ମିଳୁଥିବା ଅସ୍ୱାସ୍ଥ୍ୟକର ଖାଦ୍ୟ ହୋଇଥିବା ବେଳେ, ଅଧିକ ପର୍ଯ୍ୟଟକ ଆସୁଥିବା ଉପରିଭାଗ ଅଞ୍ଚଳର ମାଙ୍କଡ଼ମାନେ ଅନ୍ୟମାନଙ୍କ ତୁଳନାରେ ଦୁଇଗୁଣ ଅଧିକ ଜଙ୍କ୍ ଫୁଡ୍ ଖାଉଛନ୍ତି ।

## ମୋବାଇଲ ଲାଇବ୍ରେରୀ

କର୍ଣ୍ଣାଟକର ଜଣେ ଅଟୋ ଚାଳକ ନିଜ ଅଟୋରିକ୍ସାକୁ ଏକ ଚଳନ୍ତି ଗ୍ରନ୍ଥାଗାର ବା 'ମୋବାଇଲ୍ ଲାଇବ୍ରେରୀ'ରେ ପରିଣତ କରି ସମସ୍ତଙ୍କୁ ଚକିତ କରିଛନ୍ତି । ଏହି ଅଭିନବ ପ୍ରୟାସର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଏହି ଅଟୋର ସିଟ୍ ପଛପଟେ ଏକ ଛୋଟ ର୍‌ୟାକ୍ ପ୍ରସ୍ତୁତ କରାଯାଇ ବିଭିନ୍ନ ପ୍ରକାରର ବହି ରଖାଯାଇଛି, ଯାହାଦ୍ୱାରା ଯାତ୍ରୀମାନେ ଯାତ୍ରା ସମୟରେ ମୋବାଇଲ୍‌ରେ ବ୍ୟସ୍ତ ନରହି ବହି ପଢ଼ାର ଆନନ୍ଦ ନେଇପାରିବେ । କେବଳ ବହି ନୁହେଁ, ଯାତ୍ରାକୁ ଅଧିକ ମଜାଦାର କରିବା ପାଇଁ ଚାଳକ ଜଣକ ଯାତ୍ରୀମାନଙ୍କ ପାଇଁ କ୍ୟାଣ୍ଡି ବା ଚକୋଲେଟର ଏକ ଜାର୍ ମଧ୍ୟ ରଖିଛନ୍ତି । ଇନଷ୍ଟାଗ୍ରାମରେ ଏହି ଭିଡିଓକୁ ୧୬ ଲକ୍ଷରୁ ଅଧିକ ଲୋକ ଦେଖିସାରିଥିବା ବେଳେ ୟୁଜରମାନେ ଏହାକୁ ମାନବିକତା ଓ ଜ୍ଞାନର ଅଟୋ କହି ପ୍ରଶଂସା କରୁଛନ୍ତି । ଲୋକଙ୍କୁ ପୁଣିଥରେ ବହି ପଢ଼ିବା ଅଭ୍ୟାସକୁ ଫେରାଇ ଆଣିବା ପାଇଁ ଏହା ଏକ ନିଆରା ପଦକ୍ଷେପ ବୋଲି ସବୁଠି ଚର୍ଚ୍ଚା ହେଉଛି ।




## ବଢ଼ିବ ମଣିଷ ଆୟୁ

ବିଶାଳକାୟ ବୋହେଡ୍ ତିମି ମାନଙ୍କ ଦୀର୍ଘାୟୁର ରହସ୍ୟ ଏବେ ମଣିଷର ଆୟୁଷ ବଢ଼ାଇବା ଦିଗରେ ଏକ ନୂଆ ଆଶା ସଞ୍ଚାର କରିଛି । ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚୁଥିବା ଏହି ଜୀବମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଦ୍ଭୁତ ରହିଥିବା ବେଳେ ସେମାନଙ୍କ ଶରୀରରେ ଥିବା ସିଆଇଆରବିପି ନାମକ ଏକ ପ୍ରୋଟିନ୍ ଏହାର ମୁଖ୍ୟ କାରଣ ବୋଲି ରୋଚେଷ୍ଟର ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି । 'ନେଚର' ପତ୍ରିକାରେ ପ୍ରକାଶିତ ଏହି ଗବେଷଣା ଅନୁଯାୟୀ, ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ତୁଳନାରେ ଏହି ତିମିଙ୍କ ଶରୀରରେ ୧୦୦ ଗୁଣ ଅଧିକ ସିଆଇଆରବିପି ପ୍ରୋଟିନ୍ ରହିଥାଏ । ଯାହା ଡିଏନଏ ମରାମତି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ । ସୂଚନା ଅନୁସାରେ ଏହି ପ୍ରୋଟିନ୍‌କୁ ହ୍ୟୁମ୍ୟାନ କଲଚର ସେଲ ( ଲାବରେ ରଖାଯାଇଥିବା ମଣିଷର କୋଷ ) ଓ ଫ୍ରୁଟ ଫ୍ଲାଏର କୋଷରେ ପ୍ରୟୋଗ କରାଗଲା, ସେତେବେଳେ ଡିଏନଏ ମରାମତି ପ୍ରକ୍ରିୟାରେ ଉନ୍ନତି ଆସିବା ସହ ଉଭୟଙ୍କ ଆୟୁଷ ମଧ୍ୟ ବୃଦ୍ଧି ପାଇଥିବା ଜଣା ପଡିଛି । ବିଶେଷକରି ଆର୍କଟିକର ଅତି ନିମ୍ନ ତାପମାତ୍ରା ଯୋଗୁଁ ଏହି ପ୍ରୋଟିନ୍ ବଢୁଥିବାରୁ ବୈଜ୍ଞାନିକମାନେ ମଣିଷ ଶରୀରରେ ଏହାକୁ ବଢ଼ାଇବା ପାଇଁ ଥଣ୍ଡା ପାଣିରେ ଗାଧୋଇବା ଭଳି ଜୀବନଶୈଳୀ ପରିବର୍ତ୍ତନ ଉପରେ ଅନୁଧ୍ୟାନ କରୁଛନ୍ତି । ଏହି ଉପାଦାନ ଭବିଷ୍ୟତରେ ମଣିଷକୁ ସୁସ୍ଥ ଓ ଦୀର୍ଘାୟୁ କରିବାରେ ସହାୟକ ହୋଇପାରେବୋଲି ବୌଜ୍ଞାନିକମାନେ ଆଶା ରଖିଛନ୍ତି । ଏ ଦିଗରେ ଆହୁରି ପରୀକ୍ଷଣ ଜାରି ରହିଛି ।

## କାନ୍ଦିଲେ ଆମିର



ଆମିର ଖାନ୍ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ ତଥା ଜୁନୈଦ ଖାନ୍ ଓ ସାଇ ପଲ୍ଲବୀଙ୍କ ଅଭିନୀତ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଏକ ଦିନ୍' ଆସନ୍ତା ମେ' ୧ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି । ରବିବାର ମୁମ୍ବାଇଠାରେ ଏହାର ଏକ ମ୍ୟୁଜିକାଲ୍ ଇଭେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆମିର ଖାନ୍ ନିଜ ବାନ୍ଧବୀ ଗୌରୀ ସ୍ପ୍ରାଟ୍ ଓ ତାଙ୍କ ପୁଅଙ୍କ ସହ ସାମିଲ ହୋଇଥିଲେ । ତେବେ ଫିଲ୍ମର ଏକ ଗୀତ ଦେଖି ସେ ବେଶ୍ ଭାବୁକ ହୋଇ କାନ୍ଦିବାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଅବସରରେ ଆମିର ସାଇ ପଲ୍ଲବୀଙ୍କୁ ଆମିର ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳିଥିଲା । ସେହିଭଳି ପୁଅ ଜୁନୈଦଙ୍କ ଅଭିନୟ ତାଙ୍କ ଭାବପ୍ରବଣ କରିଥିବା ସେ ପ୍ରକାଶ କରିଥିଲେ, ଯାହା ତାଙ୍କ ଆଖିରେ ଲୁହ ଆଣିଦେଇଥିବା ଆମିର କହିଥିଲେ । ସୁନୀଲ ପାଣ୍ଡେଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ମାଧ୍ୟମରେ ସାଇ ପଲ୍ଲବୀ ନିଜର ବଲିଉଡ୍ ଡେବ୍ୟୁ କରୁଥିବା ବେଳେ ଏହା ହିନ୍ଦୀ ସମେତ ତେଲୁଗୁ ଓ ତାମିଲ ଭାଷାରେ ମଧ୍ୟ ରିଲିଜ୍ ହେବ । ଫିଲ୍ମଟି ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ପୁରା ଟିମ ଆଶା ରଖିଛନ୍ତି ।



**ମେଷ:** ମାନସିକ ଶାନ୍ତି, ଗୃହେ ଉତ୍ସବ, ଦୂରଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ଉଚ୍ଚବ୍ୟକ୍ତିଙ୍କ ସହାୟତା, ପାରିବାରିକ ଖୁସି, ଶତ୍ରୁ ସମସ୍ୟା, ଶୁଭକାର୍ଯ୍ୟରେ ବିଳମ୍ବ, ଶାରୀରିକ ସୁସ୍ଥତା, ନୂତନ କର୍ମନିଯୁକ୍ତି, ଦ୍ରବ୍ୟଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ବୃଷ:** ନୂତନ ଦ୍ରବ୍ୟକ୍ରୟ, କର୍ମକ୍ଷେତ୍ରେ ଉନ୍ନତି, ଗୃହନିର୍ମାଣ, ଦୂରଯାତ୍ରା, ନୂତନ ବନ୍ଧୁଲାଭ, ଶତ୍ରୁ ପରାଜିତ, ବହୁ ପରିଶ୍ରମ, ଗୃହେ ଆନନ୍ଦ, ସନ୍ତାନଖୁସି, ଲୋକସମ୍ପର୍କ ବୃଦ୍ଧି, ଦେବକାର୍ଯ୍ୟରେ ଆନନ୍ଦ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଆର୍ଥିକ ପ୍ରଗତି, ସାମାନ୍ୟ କଳହ, ସନ୍ତାନ ସମସ୍ୟା, କର୍ମକ୍ଷେତ୍ରେ ସ୍ୱଳ୍ପଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦ୍ରବ୍ୟକ୍ରୟ, ନୂତନ ନିଯୁକ୍ତି, ପୁରାତନ ସମସ୍ୟାରୁ ମୁକ୍ତି, ଶରୀରସୁସ୍ଥ, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଗ୍ରାମଦେବତୀ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି, ଧନଲାଭ, କର୍ମକ୍ଷେତ୍ରେ ସଫଳ, ନୂତନ କାର୍ଯ୍ୟ ଆରମ୍ଭ, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳ, ନୂତନ ବନ୍ଧୁଲାଭ, ଶରୀର ସୁସ୍ଥ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା- ୯, ଆରାଧନା-ପ୍ରଭୁ ହନୁମାନ ।

**ସିଂହ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାନସିକ ଶାନ୍ତି, କାର୍ଯ୍ୟ ସଫଳ, ଲୋକସମ୍ପର୍କ ବୃଦ୍ଧି, ପୁରାତନ ରୋଗ ଦେଖାଦେବ, ଦ୍ରବ୍ୟପ୍ରାପ୍ତି, ଶୁଭଖବର, ବନ୍ଧୁ ସହଯୋଗ, ବିଦ୍ୟାରେ ସଫଳ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଲକ୍ଷ୍ମୀନାରାୟଣ ।

**କନ୍ୟା:** ସମ୍ମାନଲାଭ, ଶୁଭଖବର, ନିଯୁକ୍ତିଲାଭ, ସମସ୍ୟା ସମାଧାନ, ଶରୀର ସୁସ୍ଥ, ଦୂରଯାତ୍ରାରେ ଲାଭ, ଶତ୍ରୁ ପରାଜିତ, ବନ୍ଧୁଲାଭ, ନୂତନ କାର୍ଯ୍ୟ ଆରମ୍ଭ, ଦାମ୍ପତ୍ୟ ଖୁସି, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

**ତୁଳା:** ମାନସିକ ଅଶାନ୍ତି, ଅର୍ଥ ସମସ୍ୟା, କର୍ମକ୍ଷେତ୍ରେ ସମସ୍ୟା, ଉତ୍ସବ ପାଇଁ ଦୂରଯାତ୍ରା, ଦାମ୍ପତ୍ୟ କଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଭିନ୍ନ କାର୍ଯ୍ୟରେ ବିଳମ୍ବ, ସନ୍ତାନ ଖୁସି: ବିଶିଷ୍ଟ ବ୍ୟକ୍ତି ସହାୟତା, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୪, ଆରାଧନା- ଶ୍ରୀ ଗଣେଶ ।

**ବିଛା:** ବନ୍ଧୁଲାଭ, ବିବାଦ ସମାଧାନ, ସୁସମାଚାର, ଭୂସମ୍ପତ୍ତିଲାଭ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଗୃହେ ଶୁଭକାର୍ଯ୍ୟ, ଦାମ୍ପତ୍ୟ ଖୁସି, ନୂତନ ନିଯୁକ୍ତି, ବ୍ୟବସାୟିକ ଖୁସି, ବିଦ୍ୟାରେ ସଫଳତା, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଖୁସିଖବର, ନୂତନ କାର୍ଯ୍ୟଆରମ୍ଭ, ଅର୍ଥସମସ୍ୟା, ଶରୀର ଅସୁସ୍ଥ, ନୂତନ ବନ୍ଧୁଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୁରୁଜନେ ଖୁସି, ଲୋକସମ୍ପର୍କ ହାନି, ପରିବାରରେ ବିଦ୍ରୋହ, ଦ୍ରବ୍ୟ କ୍ରୟବିକ୍ରୟ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ନୃସିଂହ ।

**ମକର:** କର୍ମକ୍ଷେତ୍ରେ ଅଶାନ୍ତି, ନୂତନ ସମସ୍ୟା, ଗୃହେ ସହଯୋଗ, ଲୋକସମ୍ପର୍କରେ ଉନ୍ନତି, ବ୍ୟବସାୟରେ ମାନ୍ଦା, ଶତ୍ରୁ ସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ଯାତ୍ରାରେ ସତର୍କ, ବିଦ୍ୟାରେ ଅସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ମା' ଗୌରୀ ।

**କୁମ୍ଭ:** ଅପମାନଯୋଗ, କର୍ମେ ଅଶାନ୍ତି, ଶରୀର ସୁସ୍ଥ, ମୋକଦ୍ଦମାରେ କଷ୍ଟ, କର୍ମକ୍ଷେତ୍ରେ ସମସ୍ୟା, ଦ୍ରବ୍ୟକ୍ରୟ, ବିଦ୍ୟାରେ ଅସଫଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଅର୍ଥ ସମସ୍ୟା, ଦ୍ରବ୍ୟକ୍ରୟ, ଅନୁଷ୍ଠାନରୁ ଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**ମୀନ:** ପ୍ରୀତିଲାଭ, କାର୍ଯ୍ୟ ସଫଳ, ନୂତନ କାର୍ଯ୍ୟରେ ଶାନ୍ତି, ବନ୍ଧୁଲାଭ, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ମାନସମ୍ମାନ ପ୍ରାପ୍ତି, ଉଚ୍ଚଆଶା ସଫଳ, ଲୋକସମ୍ପର୍କ ବୃଦ୍ଧି, ବାଣିଜ୍ୟରେ ସଫଳତା, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ଦକ୍ଷିଣକାଳୀ ।

**ବୈଶାଖ ଶୁକ୍ଳପକ୍ଷ, ଦ୍ୱାଦଶୀ**
**୨୮.୪.୨୦୨୬ ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗ

# ରାଜ୍ୟର ସମସ୍ତ ମଣ୍ଡଳରେ ହେବ ବିଶାଳ ମହିଳା ଜନ ଆକ୍ରୋଶ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, (ସବ୍ୟୁ) : ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ "ନାରୀଶକ୍ତି ବନ୍ଦନ ଅଧିନିୟମ" ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢୀଭୁତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି। ଚାରିଆଡ଼େ ଏବେ ପ୍ରତିବାଦ



ଓ ଆନ୍ଦୋଳନ କରାଯାଉଛି। ଏହି ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱଠାରେ ବିଶାଳ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିଲା। ଜିଲ୍ଲାସ୍ତରରେ ଏହିମହିଳା ଆକ୍ରୋଶ ଯାତ୍ରାକୁ ବ୍ୟାପକ ସମର୍ଥନ ମିଳିବା ପରେ ଏବେ ରାଜ୍ୟର ସମସ୍ତମଣ୍ଡଳସ୍ତରରେ ମହିଳାମାନେ ବ୍ୟାପକ ପ୍ରତିବାଦ କରିବେ। ଏନେଇ ୨୭ରୁ ୨୯ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟର ସମସ୍ତ ମଣ୍ଡଳରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଅନୁଷ୍ଠିତ ହେବ। ମଙ୍ଗଳବାର ଭୁବନେଶ୍ୱରରେ ଏକ ବିରାଟ ମହିଳା ଆକ୍ରୋଶ ମଶାଲଶୋଭାଯାତ୍ରା ଅନୁଷ୍ଠିତ ହେବବୋଲି ରାଜ୍ୟକାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକସମ୍ମିଳନୀରେ ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସମାଜର ପ୍ରତ୍ୟେକ ବର୍ଗର ମହିଳା ବହୁ ସଂଖ୍ୟାରେ ଏହି ମଶାଲ ଯାତ୍ରାରେ ସାମିଲ ହେବା ସହ ମଣ୍ଡଳସ୍ତରରେ ହେବାକୁ ଥିବା ସମ୍ମିଳନୀକୁ ବ୍ୟାପକ ସମର୍ଥନ କରିବାକୁ ଶ୍ରୀମତୀପଟ୍ଟନାୟକ ଅନୁରୋଧ କରିଛନ୍ତି। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ ବିଜେପି ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ବର୍ଯ୍ୟା ବିଶ୍ୱାଳ ଉପସ୍ଥିତ ଥିଲେ।

## ମଦ ଜବତ : ୬ ଜଣଙ୍କୁ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତ%ାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ରୋମିତା ଗ୍ରାମର ସଂଗ୍ରାମ ପ୍ରଧାନଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ନରହରିପୁର ଗ୍ରାମର ରଜନୀକାନ୍ତ ଦାସଙ୍କ ଠାରୁ ୩୪ ଲିଟର ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ କୁମାର ପରିଡାଙ୍କ ଠାରୁ ୨୧ ଲିଟର ବଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ଚରଣ ସ୍ୱାଇଁଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, କୁରନ୍ତି ଗ୍ରାମର ପ୍ରଦୀପ କୁମାର ନରେନ୍ଦ୍ରଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ ଜବତ ଏବଂ ଡେରାବିଶି ଥାନା ଅନ୍ତର୍ଗତ କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ କୁମାର ସେଠିଙ୍କ ଠାରୁ ୧୦ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି।

## ନୂଆଦିଲ୍ଲୀରେ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

# ଶିଳ୍ପୀ ଓ ବୁଣାକାରମାନେ ସମୃଦ୍ଧ ଭାରତୀୟ ସଂସ୍କୃତିର ପ୍ରତୀକ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଭାରତର ପ୍ରତିଟି ସୂତା ଏବଂ ରଙ୍ଗ ମଧ୍ୟରେ ଆମ ଶିଳ୍ପୀମାନଙ୍କର ଅକ୍ଲାନ୍ତ ପରିଶ୍ରମ ଓ ବହୁ ପୁରାତନ ପରମ୍ପରା ଲୁଚି ରହିଛି । ସେମାନେ କେବଳ କାରିଗର ନୁହନ୍ତି, ବରଂ ଭାରତର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରକୃତ ବାହକ ବୋଲି ସୋମବାର ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ କ୍ରାଫ୍ଟସ ମ୍ୟୁଜିୟମ ଠାରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆସାମର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆରଏସବି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ ଥିଲା 'କୃତ୍ତଦ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଭାରତର 'ବିଭିନ୍ନତା ମଧ୍ୟରେ ଏକତା'ର ପ୍ରତିଫଳନ । ନ୍ୟାସନାଲ କ୍ରାଫ୍ଟସ



ମ୍ୟୁଜିୟମରେ ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଆମ ବୁଣାକାର ଓ ଶିଳ୍ପୀମାନଙ୍କର ସେହି ଅସାଧାରଣ କଳାକୃତିକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ବିଶ୍ୱ ବଜାରରେ ଏକ ନୂତନ ପରିଚୟ ଦେବାର ଏକ ସଶକ୍ତ ମାଧ୍ୟମ । ଏହି ଅବସରରେ ଓଡ଼ିଶାର ସମ୍ବଲପୁରୀ ଓ ଇକତ ବୁଣାକାରଙ୍କ ଧୈର୍ଯ୍ୟ ଓ କଳାକୁ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ସେ ଜନସାଧାରଣଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ଅପିଲ କରିଥିଲେ ।

# ଷ୍ଟାଫ ନର୍ସ ମାମଲାରେ ସରକାରଙ୍କ ଆଦେଶ ରଦ୍ଦ

## ବର୍ଦ୍ଧିତ ଦରମା ଦେବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ): ରିଜିଓନାଲ ସ୍ପାଇନ ଇଞ୍ଜୁରୀ ସେଣ୍ଟର (ଆରଏସଆଇସି)ରେ କାର୍ଯ୍ୟରତ ଷ୍ଟାଫ୍ ନର୍ସମାନଙ୍କ ପକ୍ଷରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ନର୍ସମାନଙ୍କୁ ଉଚ୍ଚ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ଆବେଦନକାରୀ ଅନ୍ନପୂର୍ଣ୍ଣା ଦାସ ଏବଂ ଅନ୍ୟ ଷ୍ଟାଫ୍ ନର୍ସମାନଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ୨୦୧୩ ଅକ୍ଟୋବର ୩ ତାରିଖରେ ଏହି ନର୍ସମାନଙ୍କୁ ସ୍ଥାୟୀ କରାଯାଇଥିଲା। ନିୟମ ଅନୁଯାୟୀ ୩ ବର୍ଷର ସେବା ପରେ ସେମାନେ ୯,୩୦୦-୩୪,୮୦୦ ଟଙ୍କା ସ୍କେଲ୍ ଏବଂ ୪,୨୦୦ ଟଙ୍କା ଗ୍ରେଡ୍ ପେ ପାଇବା କଥା। ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଏହି ସ୍ଥାୟୀ ଆଦେଶ ଭୁଲବଶତଃ କରାଯାଇଛି, ତେଣୁ ସେମାନଙ୍କୁ ବର୍ଦ୍ଧିତ ଦରମା ମିଳିବ ନାହିଁ। ଏହାକୁ ନେଇ ସରକାର ୨୦୨୨ ନଭେମ୍ବର ୨୪ରେ ସେମାନଙ୍କ ଦାବିକୁ ଖାରଜ କରିଦେଇଥିଲେ। ଫଳରେ ଷ୍ଟାଫ ନର୍ସମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ କହିଛନ୍ତି ଯେ ଯେହେତୁ ୨୦୧୩ରେ ହୋଇଥିବା ସ୍ଥାୟୀ ଆଦେଶକୁ ଏପର୍ଯ୍ୟନ୍ତ ରଦ୍ଦ କରାଯାଇ ନାହିଁ, ତେଣୁ ନର୍ସମାନଙ୍କୁ ସେମାନଙ୍କର ପ୍ରାପ୍ୟରୁ ବଞ୍ଚିତ କରାଯାଇପାରିବ ନାହିଁ। ହାଇକୋର୍ଟ ୨୦୨୨ର ସେହି ଖାରଜ ଆଦେଶକୁ ରଦ୍ଦ କରିବା ସହ ଆସନ୍ତା ୩ ମାସ ମଧ୍ୟରେ ସମସ୍ତ ବକେୟା ଅର୍ଥରାଶି ଏବଂ ବର୍ଦ୍ଧିତ ଦରମା ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଦାଲତ ନିର୍ଦ୍ଦେଶକୁ ଅବମାନନା, ପୋଲିସ୍ ନୀରବଦ୍ରଷ୍ଟା

# ନ୍ୟାୟ ନ ମିଳିଲେ ଦମ୍ପତି ଦେବେ ଆତ୍ମାହୁତି !

ଚୌଦ୍ୱାର, (ସବ୍ୟୁ.) : ଚୌଦ୍ୱାର ଥାନା ଅନ୍ତର୍ଗତ ଟିପିଏମ୍ ଫାଣ୍ଡି ଅଧିନସ୍ଥ ନୂଆପାଟଣା ଗ୍ରାମର ଚକ୍ରଧର ଖଟୁଆଙ୍କର ଜମିବାଡ଼ି ଭାଗବଣ୍ଟାକୁ ନେଇ ଗ୍ରାମର ବାସୁଦେବ ଖୁଟୁଆ ଓ ତାଙ୍କ ପୁଅ ଜଗନ୍ନାଥ ଖଟୁଆଙ୍କ ସହ ଗଣ୍ଡଗୋଳ ଲାଗି ରହିଥିଲା । ଏ ନେଇ ଚକ୍ରଧର ଟିପିଏମ୍ ଫାଣ୍ଡି ଓ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିବା ସହ କୋର୍ଟର ଆଶ୍ରୟ ନେଇଥିଲେ । ପରେ ଉକ୍ତ ବିବାଦୀୟ ଜାଗାରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଉଭୟ ପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ବାସୁଦେବ ଖଟୁଆ ଓ ତାଙ୍କ ପୁଅ ଜଗନ୍ନାଥ ଖଟୁଆ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସହ ଉକ୍ତ ବିବାଦୀୟ ସ୍ଥାନରେ ନିର୍ମାଣ ଆରମ୍ଭ କରିଥିଲେ । ଏହାର ପ୍ରତିବାଦ କରିବାରୁ ବାପା ଓ ପୁଅ ମିଶି ଚକ୍ରଧରଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ । ଏ ସମ୍ପର୍କରେ ଚକ୍ରଧର ଟିପିଏମ୍ ଫାଣ୍ଡିରେ ପୁର୍ନବାର ଅଭିଯୋଗ କରିଥିଲେ ମଧ୍ୟ ପୁଲିସ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ଚକ୍ରଧର ଓ ତାଙ୍କ ସ୍ତ୍ରୀ ସସ୍ମିତା ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ନ୍ୟାୟ ଭିକ୍ଷା ସହ ନିଜ ଜୀବନ ପ୍ରତି ବିପଦ ଥିବା ପ୍ରକାଶ କରିଛନ୍ତି । ଯଦି ତାଙ୍କୁ ନ୍ୟାୟ ନ ମିଳେ ତେବେ ଉଭୟ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିବାର ନିଷ୍ପତ୍ତି ନେଇଥିବା ବେଳେ ଏଥିପାଇଁ ପୁଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବ ବୋଲି ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି ।

## ଜେଲଗଲା ଅପହରଣକାରୀ

ମହାକାଳପଡ଼ା, (ସବ୍ୟୁ): ମହାକାଳପଡା ଥାନାଞ୍ଚଳ ଷାଠିଏବାଟି ଗାଁର ଅଧିକାରୀ ଦାସ ଚଳିତ ବର୍ଷ ଫେବୃୟାରୀ ମାସରୁ ଗ୍ରାମସ୍ଥ ଜନୈକ ପଡୋଶୀଙ୍କ ନାବାଳିକା ଝିଅ ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଅପହରଣ କରିନେଇଥିଲେ । ଏନେଇ ନାବାଳିକାଙ୍କ ପିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅପହରଣ କାରୀଙ୍କ ମୋବାଇଲକୁ ଟ୍ରାକରେ ରଖିଥିଲା । ଚଳିତ ମାସ ୨୬ତାରିଖରେ ପୋଲିସ ଟ୍ରାକ ଅନୁସନ୍ଧାନରୁ ଜାଣିବାକୁ ପାଇଲା ଯେ ଅଧିକାରୀ ଦାସ ଭୁବେନେଶ୍ୱର ଆସୁଛନ୍ତି । ଏନେଇ ରବିବାର ମହାକାଳପଡ଼ା ଥାନା ଏଏସଆଇ ପ୍ରଭାତ ରାଉତ, କନେଷ୍ଟବଳ ସଂଗ୍ରାମ ରାଉତ ଓ ସନ୍ଧ୍ୟାରାଣୀ ଦାସ ଉଭୟ ଅଧିକାରୀ ଓ ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ ।

# ଗୋଡ଼ିବାରିରେ ପୁଣି ଠିଆ ହେଲା ରାମୁ

ଭୁବନେଶ୍ୱର, (ସବ୍ୟୁ) : ଦନ୍ତାହାତୀ ରାମୁର ମୃତ୍ୟୁ ହେବା ପ୍ରାୟ ସାଢେ ୪ମାସ ବିତିଗଲାଣି । ମୃତ୍ୟୁ ପରେ ରାମୁର ମରଶରୀରକୁ ମାଟିତଳେ ପୋତି ଦିଆଯାଇଥିଲା । କିଛିଦିନ ପରେ ମାଟିତଳୁ ବନ ବିଭାଗ ଓ ବିଶେଷଜ୍ଞମାନେ ମିଶି କଙ୍କାଳକୁ ବାହାର କରିଥିଲେ ।

ଗୋଡିବାରିରେ ରାମୁର କଙ୍କାଳକୁ ପ୍ରୋସେସ୍ ପରେ ଖଞ୍ଜାଯାଉଛି । ଏକ କାଚଘର ମଧ୍ୟରେ ରାମୁର କଙ୍କାଳକୁ ରଖାଯିବ, ପର୍ଯ୍ୟଟକମାନଙ୍କ ଦେଖିବା ପାଇଁ । ମାଟିତଳୁ ୨୫୦ଖଣ୍ଡ କଙ୍କାଳର ଅଂଶ ଉଦ୍ଧାର କରାଯାଇଛି । କେତେକ ଅଂଶ ମଧ୍ୟ ନଷ୍ଟ ହୋଇଯାଇଥିଲା । ଯାହାକୁ ବିଶେଷଜ୍ଞମାନେ ପ୍ରସ୍ତୁତ କରି କଙ୍କାଳରେ ଖଞ୍ଜିଛନ୍ତି । ବନ ବିଭାଗ ଓ ବିଶେଷଜ୍ଞମାନଙ୍କ ମିଳିତ ଉଦ୍ୟମରେ ଖଞ୍ଜା କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସିଲାଣି । କେବଳ ଲାଞ୍ଜ ଓ ଦୁଇଟି ଗୋଡ ଖଞ୍ଜାହେଲେ ପୂର୍ଣ୍ଣାଙ୍ଗ ରାମୁ କଙ୍କାଳ ଅବୟବ ଠିଆ ହୋଇରହିବ । ଏହାକୁ ଏକ କାଚଘର ମଧ୍ୟରେ ରଖାଯିବ ବୋଲି ବନ ବିଭାଗର ଜଣେ ଅଫିସର କହିଛନ୍ତି । କାଚ ତାଙ୍କୁଣି ମଧ୍ୟରେ ରହିଲେ ଅଧିକ ମଇଳା ହେବନାହିଁ କିମ୍ବା କ୍ଷତି ହେବନାହିଁ । ରାମୁର ଜୀବନଶୈଳୀକୁ ନେଇ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରାଯିବ । ସେଥିପାଇଁ ଡାଟାବେସ୍ ହୋଇସାରିଲାଣି । କାରଣ ରାମୁର ଜୀବନଶୈଳୀ ସମ୍ପର୍କରେ ପର୍ଯ୍ୟଟକମାନେ ସହଜରେ ଜାଣିପାରିବେ । କଙ୍କାଳ ନିକଟ କାଚଘରେ ମଧ୍ୟ ରାମୁ ସମ୍ପର୍କରେ ବହୁ ସୂଚନା ଲିପିବଦ୍ଧ ରହିବ ବୋଲି ଏହି କାର୍ଯ୍ୟରେ ସାମିଲ ଥିବା ଜଣେ ଅଫିସର କହିଛନ୍ତି ।

# ଏମ୍‌ବିଏ ଛାତ୍ରୀଙ୍କୁ ବଳାତ୍କାର, ଦୋକାନୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ଏମ୍‌ବିଏ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଇନ୍ଫୋଭାଲି ଥାନା ପୋଲିସ ତେଜରାତି ଦୋକାନୀ ଦୀପକ ପ୍ରଧାନ (୬୭)କୁ ଗିରଫ କରିଛି କୋର୍ଟଚାଲାଣ କରିଛି ।

ଇନ୍ଫୋଭାଲି ଥାନା ଅନ୍ତର୍ଗତ ଗଙ୍ଗପଡା ମଝିସାହିରେ ଛାତ୍ରୀମାନେ ରହିବା ପାଇଁ ଏକ ମେସ୍ ଅଛି । ସେହି ମେସ୍‌ରେ ଦୁଇଜଣ ଛାତ୍ରୀ ଗୋଟିଏ ରୁମ୍‌ରେ ରୁହନ୍ତି । ଘଟଣା ଦିନ ଜଣେ ଛାତ୍ରୀ ନଥିବା ବେଳେ ଦ୍ୱିତୀୟ ବର୍ଷ ଏମ୍‌ବିଏ ଛାତ୍ରୀ ଏକୁଟିଆ ଥିଲେ । ସେହି ମେସ୍ ପାଖରେ ଅଭିଯୁକ୍ତ ଦୀପକର ତେଜରାତି ଦୋକାନ ଅଛି । ସେ ମେସ୍ ପିଲାମାନଙ୍କୁ ତେଜରାତି ସଉଦା ଯୋଗାଏ । ତେଜରାତି ସଉଦା ଦେବାକୁ ଯାଇଥିବା ବେଳେ ପୀଡିତାଙ୍କୁ ଏକୁଟିଆ ଥିବା ଦେଖିଥିଲା । ରୁମ୍ ଭିତରକୁ ଯାଇ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲା ।

ଘଟଣା ପରେ ଅନ୍ୟମାନେ ଏ ବିଷୟରେ ଜାଣିବା ସହ ପୀଡିତା ଛାତ୍ରୀ ଇନ୍ଫୋଭାଲି ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଘର ବିଳାସପୁରରେ ହୋଇଥିବାରୁ ଏତଲା ଦାଏର କରିବାରେ ତାଙ୍କୁ କିଛି ବ୍ୟକ୍ତି ସାହାଯ୍ୟ କରିଥିଲେ । ଇନ୍ଫୋଭାଲି ଥାନା ପୋଲିସ ଏତଲା ଗ୍ରହଣ କରି ୧୪୦/୨୦୨୬ ନମ୍ବରରେ ମାମଲା ରୁଜୁ କରି ଦୋକାନୀ ଦୀପକକୁ ଗିରଫ କରିଥିଲା । ଉଭୟଙ୍କୁ ଡାକ୍ତରୀ ମାଇନା କରାଯିବା ପରେ ଦୀପକକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ମହିଳା ରୋଗୀଙ୍କୁ ଅସଦାଚରଣ ଅଭିଯୋଗ

ପାଣିକୋଇଲି, (ସବ୍ୟୁ): କୋରେଇ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିବା ଜଣେ ମହିଳା ରୋଗୀଙ୍କୁ ଅସଦାଚରଣ କରାଯାଇଥିବା ନେଇ କୋରେଇ ଥାନାରେ ଅଭିଯୋଗ ହୋଇଛି । ମହିଳା ଜଣକ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଦେହ ଅସୁସ୍ଥ ଥିବାରୁ ସୋମବାର ସକାଳେ ମେଡିକାଲକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତର ତାଙ୍କୁ ରକ୍ତ ପରୀକ୍ଷା କରିବା ପାଇଁ ଜଣେ ପୁରୁଷ ସାସ୍ଥ୍ୟକର୍ମୀ (ଏଲଟି)ଙ୍କୁ କହିଥିଲେ । ହେଲେ ଏଲଟି ଜଣକ ପରୀକ୍ଷା ଘରେ ତାଙ୍କୁ ଏକୁଟିଆ ପାଇ ତାଙ୍କ ସହିତ ଅସଦାଚରଣ କରିଥିଲେ । ପରେ ମହିଳା ଜଣକ ଏନେଇ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଜଣାଇଥିଲେ ମଧ୍ୟ ସେ ଏହାକୁ ଏଡ଼ାଇ ଯାଇ କୌଣସି ପଦକ୍ଷେପ ନେଇନଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି । ପରେ ମହିଳା ଜଣକ କୋରେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଥିବା କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ କହିଛନ୍ତି ।



## ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ

# ସେନାନୀମାନଙ୍କ କଲ୍ୟାଣମୂଳକ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ପୁରୀ, (ସବ୍ୟୁ) : ଜରୁରୀ ପରିସ୍ଥିତି ରାଜବନ୍ଦୀମାନଙ୍କର ସର୍ବଭାରତୀୟ ସଂଗଠନ ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ ଏକ ରାଜ୍ୟସ୍ତରୀୟ ବୈଠକ ପୁରୀ ପଥୁରିଆ ସାହି ସ୍ଥିତ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସେନାନୀମାନଙ୍କ ଅସୁବିଧା ସମ୍ପର୍କୀତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦ ଜଣ ସେନାନୀ ଏଥିରେ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ସଂଘର ରାଜ୍ୟ ସଭାପତି ବିମ୍ବାଧର କୁଅଁର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ।

ବରିଷ୍ଠ ସଦସ୍ୟମନଙ୍କୁ ସ୍ୱାଗତ ଜଣାଇ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀଧର ଦାଶ ପରଲୋକଗତ ସେନାନୀମାନଙ୍କ ପତ୍ନୀମାନଙ୍କୁ ପେନ୍‌ସନ୍ ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଏବଂ ଦସ୍ତାବିଜ୍ ନଥିବା ସେନାନୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେ ରାଜ୍ୟ ସରକାରଙ୍କୁ ଏହି ପ୍ରକ୍ରିୟାକୁ



ସରଳ କରିବାକୁ ଅନୁରୋଧ କରିଥିଲେ ଯାହାଦ୍ୱାରା ସେନାନୀମାନେ ସରକାର ଘୋଷଣା କରିଥିବା ବିଭିନ୍ନ ସୁବିଧା ପାଇ ପାରିବେ । ସେ ମଧ୍ୟ କହିଥିଲେ ଯେ ଚିକିତ୍ସା ସୁବିଧା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏ ପର୍ଯ୍ୟନ୍ତ ବିଚାରଧିନ ଅବସ୍ଥାରେ ଅଛି ଏବଂ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇନାହିଁ। ଆସନ୍ତା ବର୍ଷ ଓଡିଶାରେ ବିଜୟ ଦିବସ ପାଳନ ଅବସରରେ ରାଷ୍ଟ୍ରୀୟ ସ୍ତରର ସମାବେଶ କରିବାର ନିଷ୍ପତି ଉପରେ ଶ୍ରୀ ଦାଶ ଏହି କାର୍ଯ୍ୟକ୍ରମ ପୁରୀରେ ଅନୁଷ୍ଠିତ ହେଉ ବୋଲି ପ୍ରସ୍ତାବ ରଖିଥିଲେ। ସଂଘର ବରିଷ୍ଠ ସଦସ୍ୟ ଓ ପରାମର୍ଶଦାତା ଜଗବନ୍ଧୁ ମିଶ୍ର ଏହି ପ୍ରସ୍ତାବକୁ ସ୍ୱାଗତ କରି ଏହି ସମ୍ପର୍କୀତ ବିଭିନ୍ନ ବିଷୟ ଉପରେ ନିଜର ମତାମତ ରଖିଥିଲେ। ଲୋକତନ୍ତ୍ର ସେନାନୀ ସଂଘର ବରିଷ୍ଠ ସଦସ୍ୟ କୃଷ୍ଣ ଜଗଦେବ ସେନାନୀମାନେ ସମାଜ ସହିତ ନିଜର ଅନୁଭୁତି ବାଣ୍ଟିବା ସହିତ ନିଶା ନିବାରଣ ପରି ସାମାଜିକ ସମସ୍ୟା ପ୍ରତି ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରୀୟ ଟିମ୍‌ର ସଦସ୍ୟ ରାଧୁ ମିଶ୍ର ସଦସ୍ୟମାନଙ୍କୁ ଗଠନମୂଳକ ଓ ଫଳପ୍ରଦ କାର୍ଯ୍ୟରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ନିଜ ଅଭିଭାଷଣରେ ରାଜ୍ୟ ସଭାପତି ଶ୍ରୀ କୁଅଁର ସେନାନୀମାନଙ୍କ ବିଧବା ପତ୍ନୀମାନଙ୍କୁ ପେନ୍‌ସନ୍ ସୁବିଧା ଯୋଗାଇଥିବାରୁ ରାଜ୍ୟ ସରକାରଙ୍କ ସିଦ୍ଧାନ୍ତକୁ ସ୍ୱାଗତ କରିଥିଲେ ଏବଂ ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ମଧ୍ୟପ୍ରଦେଶ ସରକାରଙ୍କ ଢାଞ୍ଚାରେ ସେନାନୀମାଙ୍କୁ ବିଭିନ୍ନ ସୁବିଧା ପ୍ରଦାନ କରାଯାଉ ବୋଲି ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମରତନ ଶର୍ମା, ଶ୍ରୀପ୍ରକାଶ ମହାନ୍ତି, ଭାରତ ଭୂଷଣ ଠାକୁର, ହରିହର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱନାଥ ପଣ୍ଡା, ରାମେଶ୍ୱର ପୁରୋହିତ, ସତ୍ୟନାରାୟଣ ମହାପାତ୍ର ଏବଂ ନିର୍ମଳ କୁମାର ଜେନା ପ୍ରମୁଖ ସଂଗଠନର ସୁଦୃଢତା ପାଇଁ ସକାରତ୍ମକ ମତାମତ ପ୍ରଦାନ କରିଥିଲେ। ରାଜ୍ୟ ବିଧାନ ସଭାରେ "ଲୋକତନ୍ତ୍ର ସେନାନୀ ବିଲ ଉପସ୍ଥାପନ ଓ ପାସ୍ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଏକ ପ୍ରସ୍ତାବ ପାସ୍ କରାଯାଇଥିଲା। ଏହି ବୈଠକକୁ ରାଜକିଶୋର ସାହୁ ପରିଚାଳନା କରିଥିଲେ ଏବଂ ଗଦାଧର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# କୋଣାର୍କସ୍ଥିତ 'ଓସୱାଲି' ଠାରେ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସର୍କାର ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି । ଏହି ପରିପ୍ରେକ୍ଷ୍ୟରେ, ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ ଏବଂ ଓଡ଼ିଶା ଅଗ୍ନିଶମ ଓ ଆପଦକାଳୀନ ସେବା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ଏହି ପଦକ୍ଷେପର ଅଂଶସ୍ୱରୂପ, କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ (ଓସୱାଲି) ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫଗାର୍ଡ ତାଲିମ



କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସୋମବାର ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି, ଯାହା ଏକ ଦକ୍ଷତା ବିକାଶ ପ୍ରକ୍ରିୟାର ପ୍ରାରମ୍ଭକୁ ସୂଚାଉଛି । ଏହି ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ଲାଇଫଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ। ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ, ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ ସହଯୋଗରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

## ଯାଜପୁର ପୋଲିସକୁ ସଫଳତା

# ୫ ଡକାୟତକୁ ଧରିଲା ବାଲିଚନ୍ଦ୍ରପୁର ଥାନା ପୋଲିସ : ବାଇକ, ଭିଡିଓ କ୍ୟାମେରା ଓ ବନ୍ଧୁକ ଜବତ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, (ସବ୍ୟୁ) : ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ପୋଲିସକୁ ୫ଜଣ ଡକାୟତଙ୍କୁ କାବୁ କରିବାରେ ବଡ ସଫଳତା ମିଳିଛି।ଡକାୟତ ମାନଙ୍କୁ ଧରିବା ପରେ ପୋଲିସ ସେମାନଙ୍କ ପାଖରୁ ଦୁଇଟି ମୋଟର ସାଇକେଲ,ଭିଡିଓ କ୍ୟାମେରା ଓ ବନ୍ଧୁକ ଜବତ କରିଛି। ଏଥିନେଇ ଯାଜପୁରରୋଡ ଏସଡିପିଓ ଶରତଚନ୍ଦ୍ର ପାତ୍ର ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ବରୀ ରାମଚନ୍ଦ୍ରପୁର ଥାନା ଅଧିନ ଚାଇଛନ୍ଦା ଗ୍ରାମର ବିଶ୍ୱଜିତ ସାହୁ ଓ ତାଙ୍କ ସହ କର୍ମୀ ବିବାହ ଭିଡିଓ ରେକଡ଼ିଂ ସାରି ରାତିରେ ଅଣକା ଅରେଇକଣା ରାସ୍ତାରେ ଫେରୁଥିଲେ। ଉକ୍ତ ନିଛାଟିଆ ରାସ୍ତାରେ ପାଞ୍ଚ ଜଣ ଅଚିହ୍ନା ଯୁବକ ତାଙ୍କୁ ଅଟକାଇ ମାଡମାରି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁଇଟି



କ୍ୟାମେରା,ଦୁଇଟି ମୋବାଇଲ,ଲୁଟି ନେଇଥିଲେ। ଏ ବିଷୟରେ ଗତ ୨୬ ତାରିଖରେ ବିଶ୍ୱଜିତ ବାଲିଚନ୍ଦ୍ରପୁର ଥାନାରେ ଏକ ଏତଲା ଦେଇଥିଲେ। ଯାଜପୁରରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଛାନଭିନ କରିଥିଲେ। ତେବେ ବାଲିଚନ୍ଦ୍ରପୁର ଥାନା ଅଧିନ ଭାରତପୁର ଗ୍ରାମର ଶିବ ସାମଲ ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ତଦନ୍ତ ସମୟରେ ପୋଲିସ ଜାଣିପାରିଥିଲା । ଏହାକୁ ଆଧାର କରି ମାହାଙ୍ଗା ଥାନା ଅଧିନ କୋଳିଅଠା ଗ୍ରାମର ଚିନ୍ମୟ ମଲ୍ଲିକ,ଓ ଶିବ,ସମତେ ପାଞ୍ଚ ଜଣକୁ ପୋଲିସ ଧରିଥିଲା। ପରେ ସେମାନଙ୍କ ଠାରୁ ତଥ୍ୟ ହାସଲ କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ତିନି ଜଣ ନାବାଳକ ରହିଥିବା ଏସଡିପିଓ ସୂଚନା ଦେଇଥିଲେ। ସେମାନଙ୍କ ନିକଟରୁ ଲୁଟ ହୋଇଥିବା ଦୁଇଟି ଭିଡିଓ କ୍ୟାମେରା, ବନ୍ଧୁକ, ମୋବାଇଲ ସହିତ ଦୁଇଟି ମୋଟର ସାଇକେଲ ଜବତ ହୋଇଛି। ତେବେ ବନ୍ଧୁକଟି ଅସଲିକି ନକଲି ତାହା ଜଣାପଡି ନାହିଁ। ଗିରଫ ଯୁବକ ମାନଙ୍କ ବିରୁଦ୍ଧରେ ଆଉ କେଉଁ କେଉଁ ଥାନାରେ କେତେ ମାମଲା ରହିଛି ତାହା ତଦନ୍ତ କରାଯାଉଥିବା ଏସଡିପିଓ ଶ୍ରୀ ପାତ୍ର କହିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦୀଲିପ କୁମାର ମହାନ୍ତି ଉପସ୍ଥିତ ଥିଲେ।

## କ୍ୟାପିଟାଲ ହସ୍ପିଟାଲ ପରିସର

# ଜେନେରିକ ଔଷଧ କାଉଣ୍ଟର ଖୋଲିବ କେବେ ?

ଭୁବନେଶ୍ୱର, (ସବ୍ୟୁ) : କ୍ୟାପିଟାଲ ହସ୍ପିଟାଲରେ ଥିବା ଜନ ଔଷଧି କେନ୍ଦ୍ର ଗତ ଦୁଇ ବର୍ଷ ଧରି ବନ୍ଦ ହେବା ଦ୍ୱାରା ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ଅନେକ ଗୁଣରେ ବଢ଼ି ଯାଇଛି। ଆଜିକାଲି ଔଷଧ ଗୁଡ଼ିକର ଦର ଆକାଶଛୁଆଁ ହୋଇ ଚାଲିଥିବା ବେଳେ ଏହି ଜନ ଔଷଧି କେନ୍ଦ୍ରରୁ ଲୋକ ମାନେ ବଜାର ଦର ଠାରୁ ଅନେକ କମ୍ ଦର୍ ଓ କ୍ୱାଲିଟୀ ଔଷଧ ପାଇ ପାରୁଥିଲେ । ଯାହା ଫଳରେ ମୁଖ୍ୟତଃ ଯେଉଁ ଗରିବ ଲୋକ ଓ ମଧ୍ୟବିତ୍ତ ପରିବାରର ରୋଗୀ ମାନେ ଚିକିତ୍ସା ପାଇଁ ଆସୁଥିଲେ ଯଦି କ୍ୟାପିଟାଲ ହସ୍ପିଟାଲର ଔଷଧ କେନ୍ଦ୍ରରେ ନ ଥିଲେ ସେମାନେ ସୁଲଭ ମୂଲ୍ୟରେ ଜନ ଔଷଧି କେନ୍ଦ୍ରରୁ କିଣି ପାରୁଥିଲେ , କିନ୍ତୁ ସରକାରୀ ସ୍ତରରେ ଏହାର ଲାଇସେନ୍ସର ଅବଧି ସରିଗଲା ପରେ ମଧ୍ୟ ଏହାକୁ କାହିଁକି ନବୀକରଣ ନ କରି ଦୀର୍ଘ ଦୁଇ ବର୍ଷ ଧରି ବନ୍ଦ ରଖାଯାଇଛି ତାର ଏହି ଉତ୍ତର କାହା ପାଖରେ ନାହିଁ। ଏବେ ଶୁଣିବାକୁ ମିଳୁଛି ଯେ ଏଠାରେ କୁଆଡ଼େ ଲୋକେ ଔଷଧ କିଣିଲେ ନାହିଁ ଯାହା କି ସମ୍ପୂର୍ଣ୍ଣ ଭାବେ ମିଥ୍ୟା । ଲୋକ ମାନେ ଯେତେବେଳେ କ୍ୱାଲିଟୀ ଔଷଧ ଓ ସୁଲଭ ମୂଲ୍ୟରେ ବଜାର ଦର ଠାରୁ ଅନେକ କମ୍ ଦର୍ ରେ ପାଉଥିଲେ ତେବେ ଲୋକେ କାହିଁକି ଏଠାରୁ ମୁହଁ ମୋଡ଼ିବେ ସେ ନେଇ ପ୍ରଶ୍ନ ଉଠୁଛି । ଭାରତୀୟ ରେଡକ୍ରସ ସୋସାଇଟୀ ଦ୍ୱାରା ଅନୁମୋଦନ ପାଇ ଚିଠି ନମ୍ବର ୧୫୬୫/ କେଆରଏଲ/୨୪.୧୦.୨୦୦୯ ରେ ସ୍ଥିରୀକୃତ ହୋଇ ୨୦୧୦ ମସିହାରୁ ଏହା ଜନସୌଧି କେନ୍ଦ୍ର କ୍ୟାପିଟାଲ ହସ୍ପିଟାଲ ପରିସରରେ କାର୍ଯ୍ୟ କରି ଆସୁଥିଲା । ତାହା କୌଣସି କାରଣରୁ ବିନା କାରଣରେ ବନ୍ଦ୍ ହେବାର ଯଥାର୍ଥତା କିଛି ନାହିଁ । କିନ୍ତୁ ଏହାକୁ ଖୋଲିବାକୁ ଜନ ସାଧାରଣ ସର୍ବଦା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି ଲୋକ ମାନଙ୍କ ଅତ୍ୟନ୍ତ ଜରୁରୀ ଓ ଆବଶ୍ୟକତା ଦାବିକୁ ଧ୍ୟାନ ଦେଇ ଗଭର୍ଣ୍ଣି ବଡି ଅଫ୍ ଆରକେଏସ୍ ୨୭.୧.୨୦୨୬ ରେ ମିଟିଂରେ ଲୋକଙ୍କ ଆବଶ୍ୟକତା ଦାବିକୁ ଧ୍ୟାନ ଦେଇ ଏହି ଜନ ଔଷଧି କେନ୍ଦ୍ରକୁ ପୁଣି ଥରେ ଖୋଲିବା ପାଇଁ ଏକ ଚିଠି ନଂ ୧୧୧୦/୫.୨.୨୦୨୬ ରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ ଅଧିକାରୀ ଙ୍କ ସହିତ ଭୁବନେଶ୍ୱରର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କୁ ମଧ୍ୟ ଏକ କପି ନକଲ ଦେଇଥିଲେ ମଧ୍ୟ ଆଜି ଯାଏଁ ଦୁଇ ମାସ ହେଲା କୌଣସି ପ୍ରକାରର ପଦକ୍ଷେପ ନିଆଯାଇ ନାହିଁ । ଔଷଧ ଦୋକାନ ଲାଇସେନ୍ସ ନବୀକରଣ ଏକ ନିହାତି ଛୋଟ କଥା କେବଳ ଏଥିପାଇଁ ଆନ୍ତରିକତାର ଅଭାବ ରହିଛି। ସୁତରାଂ ଏହାକୁ ତୁରନ୍ତ ଖୋଲିବା ପାଇଁ ସାଧାରଣରେ ମତ ପ୍ରକାଶ ପାଉଛି ।

# ଦୁଇ ନେପାଳୀ ନାବାଳିକା ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ପୋଲିସ ଦୁଇ ଜଣ ନେପାଳୀ ନାବାଳିକାଙ୍କୁ ଏକ ହୋଟେଲରୁ ଉଦ୍ଧାର କରି ସର୍ଟଷ୍ଟେ ହୋମ୍‌ରେ ରଖିଛି । ତାଙ୍କୁ ଘରକୁ ଯିବା ପାଇଁ ନେପାଳ ଦୂତାବାସ ସହ ଯୋଗାଯୋଗ କରୁଛି ।

ଦୁଇ ନେପାଳୀ ନାବାଳିକାଙ୍କୁ ଦଲାଲ ଆଣି ପଶ୍ଚିମବଙ୍ଗ ସୋନାଗାଛିରେ ବିକ୍ରି କରିଦେଇଥିଲେ । ବାସ୍ତବରେ କୌଣସି ପରିସ୍ଥିତିରେ ତାଙ୍କୁ ଆଣି ସେଠାରେ ବିକ୍ରି କରାଯାଇଥିଲା ନା ସେ ଘର ପଳାଇ ଆସିବା ପରେ ଦଲାଲ ଏପରି କାମ କରିଥିଲେ ତାହା ସ୍ପଷ୍ଟ ହୋଇନାହିଁ । ପଶ୍ଚିମବଙ୍ଗରୁ ତାଙ୍କୁ ଜଣେ ଯୁବକ ସାଙ୍ଗରେ ଆଣି ଭୁବନେଶ୍ୱରର ଏକ ହୋଟେଲରେ ରଖିଥିଲା । କେଉଁ ଉଦ୍ଦେଶ୍ୟରେ ରଖିଥିଲା ତାହା ଜଣାପଡିନଥିବା ବେଳେ ଖବର ପାଇ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା । ଉଦ୍ଧାର କରିଥିବା ଯୁବକଙ୍କୁ ପୋଲିସ ପଚରାଉଚରା କରିନାହିଁ । ତାଙ୍କୁ ପାଉନାହିଁ ନା ଅନ୍ୟ କେଉଁ ଉଦ୍ଦେଶ୍ୟରେ ରଖି ତାଙ୍କୁ ପଚରାଉଚରା କରାଯାଉନାହିଁ ତାହା ସ୍ପଷ୍ଟ ହୋଇନାହିଁ । ମିଳିଥିବା ସୂଚନା ଅନୁଯାୟୀ ଯେଉଁ ଯୁବକ ତାଙ୍କୁ ସାଙ୍ଗରେ ଆଣିଥିଲେ ସୀମା ପାର କରି ତାଙ୍କୁ ନେପାଳ ପଠାଇବା ପାଇଁ ଉଦ୍ୟମ କରିଥିଲେ । ତାହା ସମ୍ଭବ ନହେବାରୁ ସେ ଦିଲ୍ଲୀ ଦୂତାବାସ ନିକଟକୁ ଯାଇ ବିଫଳ ହେବାରୁ ପୁଣି ଭୁବନେଶ୍ୱର ଆଣି ଆସିଥିବା କୁହାଯାଉଛି । ହେଲେ ସେହି ଯୁବକଙ୍କୁ ପଚରାଉଚରା କଲେ ସବୁ ସ୍ପଷ୍ଟ ହେବ । ବିଦେଶୀ ନାବାଳିକାଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରାଇ ଦଲାଲମାନେ ଉଚ୍ଚ ପରିମାଣର ଟଙ୍କା ପାଉଛନ୍ତି । ଉଦ୍ଧାର ହୋଇଥିବା ଦୁଇ ନାବାଳିକା ସବୁ କହିଥିବା ବେଳେ ଗଣମାଧ୍ୟମକୁ ପୋଲିସ ସବିଶେଷ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିଛି ।

## କଟକ ମଝି ସାହିରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ

# ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ମହମ୍ମଦ ମୋକିମ୍‌ଙ୍କ ଆହ୍ୱାନ

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୪୧ନଂ ୱାର୍ଡର ମଝି ସାହି ଠାରେ ସୋମବାର ସନ୍ଧ୍ୟାରେ ଓଡ଼ିଶା ଜନତା କଂଗ୍ରେସର ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠନେତା ନିକୁଞ୍ଜ ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ଶ୍ରୀ ମୋକିମ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଜନସାଧାର ଣଙ୍କ ସେବା ଓ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦଳ ସଦା ସର୍ବଦା ସଂକଳ୍ପବଦ୍ଧ ବୋଲି ସେ ନିଜ ଅଭିଭାଷଣରେ ପ୍ରକାଶ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ସୁଖଦୁଃଖରେ ସାଥୀ ହୋଇ ରହିବାକୁ କର୍ମୀମାନଙ୍କୁ ପରାମର୍ଶ



ଦେଇଥିଲେ । ଏହି ସମ୍ମିଳନୀରେ ବରିଷ୍ଠନେତ୍ରୀ ଗିରିବାଳା ବେହେରା ସାମ୍ପ୍ରତିକ ସ୍ଥିତିରେ ସାଧାରଣ ଲୋକଙ୍କ ସ୍ୱରକୁ ଶାଣିତ କରିବା ପାଇଁ ଓଡ଼ିଶା ଜନତା କଂଗ୍ରେସ ଏକ ସଶକ୍ତ ମାଧ୍ୟମ ହୋଇଛି । ମହିଳାମାନଙ୍କ ସଶକ୍ତିକରଣ ଏବଂ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ଦଳ ସର୍ବଦା ଅଗ୍ରାଧିକାର ଦେବ ବୋଲି ସେ ପ୍ରକାଶ କରିଥିଲେ । ତାଙ୍କ ସହ ଏହି ସମ୍ମିଳନୀରେ ଓଡ଼ିଶା ଜନତା କଂଗ୍ରେସର ନୀତି ଓ ଆଦର୍ଶ ଉପରେ ଭରସା ପ୍ରକଟ କରି ବିଭିନ୍ନ ଦଳର ଅନେକ ସକ୍ରିୟ କର୍ମି ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ଶ୍ରୀ ମୋକିମ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହ ଏହା ଦଳକୁ ଆହୁରି ଶକ୍ତିଶାଳୀ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା, ଯୁବକ ଓ ଯୁବତୀମାନେ ଅତ୍ୟନ୍ତ ଉତ୍ସାହର ସହ ଅଂଶ ଗ୍ରହଣ କରିଥିବାବେଳେ ଅଞ୍ଚଳର ବରିଷ୍ଠ ବ୍ୟକ୍ତି ବିଶେଷ ଓ ସାହି ମୁରବିମାନେ ମଧ୍ୟ ଉପସ୍ଥିତ ରହି ଦଳ ପ୍ରତି ସମର୍ଥନ ଜଣାଇଥିଲେ। ସଭା ଶେଷରେ ଉପସ୍ଥିତ କର୍ମକର୍ତ୍ତାମାନେ ଅଞ୍ଚଳର ଉନ୍ନତି ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ । କାର୍ଯ୍ୟକ୍ରମରେ ପାରେଶ୍ୱର ସାହି ମୁରବୀ ସମରେଶ ଚନ୍ଦ୍ର ବେହେରା, ମଲ୍ଲାସାହି ମୁରବୀ ରନିାକର ସାମଲ, ମୁରାଦଖାଁ ପାଟଣା ମୁରବୀ ସନ୍ତୋଷ କୁମାର ନାୟକ, ଯୋବ୍ରା ଦୁର୍ଗାପୂଜା କମିଟି ସଂପାଦକ ଶ୍ରୀମନ୍ତ କୁମାର ଦାସ, ମଝିସାହି ସଭାପତି ପ୍ରଦୀପ କୁମାର ବେହେରା, ମଝିସାହି ସଂପାଦକ ବାବୁଲି ପରିଡ଼ା, ବୀରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦିନ ଅହମ୍ମଦ ଓ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପିଏନ୍‌ବି ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ସମ୍ବଲପୁର, (ସବ୍ୟୁ) : ଓଡ଼ିଶାରେ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପିଏନ୍‌ବି ସମ୍ବଲପୁର ପକ୍ଷରୁ ଝାରସୁଗୁଡାର ଡିଏଭି ସ୍କୁଲ ଠାରେ ଏକ



ଏମ୍‌ଏସ୍‌ଏମଇ ଆଉଟରିଚ୍ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ ଆଞ୍ଚଳିକ ପ୍ରବନ୍ଧକ କେ.ବି. ମିଶ୍ର, ସର୍କଲ ମୁଖ୍ୟ ମନୋଜ କୁମାର ସେଠ, ଝାରସୁଗୁଡା ଶାଖାର ଶାଖା ମୁଖ୍ୟ ସିପୁ ଶର୍ମାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ। ଡିଜେଡ୍‌ଏମ୍ ଶ୍ରୀ ମିଶ୍ର ଏମ୍‌ଏସ୍‌ଏମ୍‌ଇ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଏହି ଯୋଜନା କିପରି ଗ୍ରାହକ ତଥା ସମାଜର ଉନ୍ନତି ପାଇଁ ସହାୟକ ହୋଇପାରିବ ସେ ବିଷୟରେ ଉଲ୍ଲେଖ କରିଥିଲେ। ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏମ୍‌ଏସ୍‌ଏମଇ ଉପରେ ପ୍ରାଧାନ୍ୟ ଦେବାକୁ ସେ ଉପଦେଶ ଦେଇଥିଲେ।

## ମା' ସନ୍ତୋଷୀ ଦେବୀଙ୍କ ବାର୍ଷିକୋତ୍ସବ

# ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ

ଭୁବନେଶ୍ୱର, (ସବ୍ୟୁ) : ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡା ଗ୍ରାମଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ପିପିଲିରୁ ଏକ ଘଣ୍ଟୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୨୩ ତାରିଖରେ ମା' ସନ୍ତୋଷୀ ଦେବୀଙ୍କ ଅଙ୍କୁରୋପଣ କର୍ଯ୍ୟକ୍ରମ ହୋଇଥିବା ବେଳେ ୨୪ ତାରିଖରେ ଜଳଯାତ୍ରା, ମଣ୍ଡଳାଧିବାଶ, ଘଟ ସ୍ଥାପନ, ୨୫ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୩୮ ନମ୍ବର ନୂଆପଲ୍ଲୀ ୱାଡର୍‌ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୫୦ ନମ୍ବର ବରମୁଣ୍ଡା ୱାର୍ଡର କର୍ପୋରେଟର ରାମଚନ୍ଦ୍ର ସିଂ, ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ବିଜୟ କୁମାର ପଣ୍ଡା ଓ ସୁମନ୍ତ ପଣ୍ଡା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ସମାଜସେବୀ ସମରେନ୍ଦ୍ର ଜେନା ଓ ନେହେରୁ ସେନାପତି, ବରମୁଣ୍ଡା ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ନାରାୟଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ତପନ ସାହୁ, ରବୀନ୍ଦ୍ର ପ୍ରଧାନ ଓ ସରୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା' ସନ୍ତୋଷୀ ଦେବୀଙ୍କ ମନ୍ଦିରର



ପୂଜକ ଆଦିତ୍ୟ କୁମାର ସ୍ୱାଇଁ ଓ ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଥିଲା। ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ସୁଭଦ୍ରା ଶୁଭଦର୍ଶିନୀ ଓ ସୁବର୍ଣ୍ଣ କୁମାରଙ୍କ ଭଜନ ଅତ୍ୟନ୍ତ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ ହୋଇଥିଲା। ବିଶ୍ୱ ରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି, ଦୀପକ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ।

# ଲବଣ ସତ୍ୟାଗ୍ରହ ସ୍ମୃତି ବହନ କରୁଥିବା କୁହୁଡି, ଓଲଙ୍ଗର ଗ୍ରାମକୁ ଐତିହ୍ୟ ଆଦର୍ଶ ଗ୍ରାମ ରୂପେ ଘୋଷଣା ଦାବି

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ସ୍ୱାଧୀନତା ସଂଗ୍ରାମରେ କେତୋଟି ପ୍ରମୁଖ ପୀଠ ସ୍ୱକୀୟ ଗୁଣରେ ଗରୀୟାନ । ଦେଶ ମାତୃକାରୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତି କରିବା ପାଇଁ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଆନ୍ଦୋଳନ ହୋଇଛି । ଓଡ଼ିଶାର ଲବଣ ସତ୍ୟାଗ୍ରହର ପ୍ରମୁଖ ସ୍ଥାନ ଭାବେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡି ଓ ପୁରୀ ଜିଲ୍ଲାର ଅସ୍ତରଙ୍ଗସ୍ଥିତ କୁହୁଡି ପ୍ରମୁଖ ସ୍ଥାନ । ୧୯୩୦ ମସିହା ମଇ ମାସ ୨୦ ତାରିଖ ଦିନ କାକଟପୁର ବ୍ଲକ୍ ଅନ୍ତର୍ଗତ ଓଲଙ୍ଗର ଗ୍ରାମରେ ସତ୍ୟାଗ୍ରହୀମାନେ ଲବଣ ଆଇନ ଭଙ୍ଗ ପାଇଁ ପ୍ରାକ୍ ପ୍ରସ୍ତୁତି ଚିନ୍ତନ ବୈଠକ ସାରିବା ପରେ ମଇ ୨୧ ତାରିଖ ଦିନ ଅସ୍ତରଙ୍ଗ ନିକଟସ୍ଥ କୁହୁଡି ଗ୍ରାମ ନିକଟରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ କରି ଲବଣ ଆଇନ ଭଙ୍ଗ କରିଥିଲେ । ସେହି ବୀରତ୍ୱ ଆଜି ମଧ୍ୟ ଏହି ମାଟିର ସ୍ମୃତି ବହନ କରିଚାଲିଛି ବୋଲି ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି । ବିଳମ୍ବରେ ହେଲେ ମଧ୍ୟ ସରକାରର ନିକଟରେ ସଂଗ୍ରାମୀ ବରପୁତ୍ରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏବଂ ଐତିହ୍ୟ ପୀଠର ବିକାଶ ପାଇଁ ଯେଉଁ କାର୍ଯ୍ୟାରମ୍ଭ କରିଛନ୍ତି ଏହା ସ୍ୱାଗତଯୋଗ୍ୟ । କିନ୍ତୁ ଦୁର୍ଭାଗ୍ୟର କଥା ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଏହି ଦୁଇଟି ଐତିହ୍ୟ ପୀଠ ଓ ଗ୍ରାମର ସେପରି ଆଶାନୁରୂପକ ବିକାଶ ହୋଇପାରିନାହିଁ । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ପୁରୀ ଜିଲ୍ଲାର କାକଟପୁର ବ୍ଲକ୍‌ର ଓଲଙ୍ଗର ଓ ଅସ୍ତରଙ୍ଗ ବ୍ଲକ୍‌ର କୁହୁଡି ଗ୍ରାମକୁ ଐତିହ୍ୟ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିବା ପାଇଁ ଉତ୍କଳ ସଂଗ୍ରାହୀ ସ୍ମୃତି ସମିତି ତରଫରୁ ସଭାପତି ଶ୍ରୀ ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରିବା ସହିତ ଏହି ସମ୍ପର୍କରେ ଆଶୁ ପଦକ୍ଷେପ ଗ୍ରହଣ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀଙ୍କ ନିକଟକୁ ପୃଥକ୍ ପୃଥକ୍ ଭାବେ ସ୍ମାରକପତ୍ର ପଠାଇଛନ୍ତି ।

# ଗ୍ୟାସ ସିଲିଣ୍ଡର ବୋଝେଇ ଅଟୋ ଜବତ, ଚୋରା ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚୁନୁକୋଳି ବସ୍ତିରୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗ୍ୟାସ୍ ସିଲିଣ୍ଡର ବୋଝେଇ ଅଟୋ ଜବତ କରିବା ସହ ସିଲିଣ୍ଡର ପିଛା ୩୫୦୦ ଟଙ୍କାରେ ବିକ୍ରି କରୁଥିବା ଚୋରା ବେପାରୀ ମନୋଜ କୁମାରକୁ ଗିରଫ କରିଛି ।

ମନୋଜ ଏକ ଗ୍ୟାସ୍ ଏଜେନ୍ସିରେ କାମ କରୁଥିଲା । ସେଠାରୁ ତଥ୍ୟ ସଂଗ୍ରହ କରିଥିଲା ଯେ, କେଉଁମାନେ ଗ୍ୟାସ୍ କୋଟା ଅନୁଯାୟୀ କମ୍ ନେଉଛନ୍ତି । ସେ ତଥ୍ୟ ସଂଗ୍ରହ କରିବା ସହ ଚୁନୁକୋଳି ବସ୍ତିର କେତେକ ନିରୀହ ଲୋକଙ୍କ ନାଁରେ ଗ୍ୟାସ୍ ସିଲିଣ୍ଡର କାଗଜପତ୍ର କରାଇଥିଲା । ସେମାନେ କାଠ ଚୁଲିରେ ରୋଷେଇ କରୁଥିବାରୁ ସେହିସବୁ ଗ୍ୟାସ୍‌କୁ ତାଙ୍କ ନାଁରେ ଉଠାଇ ୩୫୦୦ଟଙ୍କାରେ ବିକ୍ରି କରୁଥିଲା ।

ସେଥିରୁ ୫୦୦ ଟଙ୍କା ଗ୍ୟାସ୍ କାର୍ଡ ଥିବା ବ୍ୟକ୍ତିଙ୍କୁ ଦେଉଥିଲା । ସେହିପରି ବାର୍ଷିକ କୋଟା ଅନୁଯାୟୀ ଯେଉଁମାନେ କମ୍ ସିଲିଣ୍ଡର ଉଠାଉଥିଲେ ତାଙ୍କ ଅବଶିଷ୍ଟ ସିରିଣ୍ଡରକୁ ଉଠାଇ ନେଇ ମନୋଜ ବିକ୍ରି କରିବା ସହ ତାଙ୍କୁ ସିଲିଣ୍ଡର ପିଛା ୫୦୦ ଟଙ୍କା ଲେଖାଏଁ ଦେଉଥିଲା । ଏହି ଖବର ପାଇବା ପରେ ପୋଲିସ ଚୋରା ବେପାରୀ ମନୋଜକୁ ଗିରଫ କରିବା ସହ ସିଲିଣ୍ଡର ଗୁଡିକୁ ଜବତ କରିଛି । ଅଟୋରେ ୧୯ଟି ସିଲିଣ୍ଡର ଥିବାବେଳେ ସେଥିରୁ ୮ଟି ଖାଲିଥିଲା ।

# ମାଉସୀ-ପୁତୁରା ଗ୍ୟାଙ୍ଗ ଠାବ : ୩ ଗିରଫ, ୫ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ମାଉସୀ-ପୁତୁରା ଗ୍ୟାଙ୍ଗ ଭୁବନେଶ୍ୱରର ବିଭିନ୍ନ ଗହଳି ସ୍ଥାନମାନଙ୍କୁ ଯାଇ ଦାମୀ ବୋମାଇଲ ଲୁଟ୍ କରୁଥିଲେ । ଏପରିକି ଲକ୍ଷାଧିକ ଟଙ୍କାର ଆଇ ଫୋନ୍ ମଧ୍ୟ ଲୁଟୁଥିଲେ ।

ଦେବରାଇ କଲେଜ ପାଖରେ ମାଉସୀ କଲ୍ୟାଣୀ ସେଠୀ ଏକ ମୋବାଇଲ ବିକ୍ରି କରୁଥିବା ବେଳେ ଖବର ପାଇ ପୋଲିସ ତାକୁ କାବୁ କରିନେଇଥିଲା । ତାହା ସୂଚନା ଆଧାରରେ ପୁତୁରା ଲିଙ୍ଗରାଜ ସେଠୀ ଓ ସହଯୋଗୀ ଶରତ ସେଠୀକୁ ଗିରଫ କରାଯାଇଛି । ନୟାପଲ୍ଲୀ ଇନ୍ଦ୍ରଧନୁ ମାର୍କେଟରୁ ଏକ ମୋବାଇଲ ଲୁଟ୍ ହୋଇଥିଲା । ସେହି ଏତଲାକୁ ଆଧାର କରି ପୋଲିସ ତଦନ୍ତ କରୁଥିବା ବେଳେ ମାଉସୀ-ପୁତୁରା ଗ୍ୟାଙ୍ଗ ସମ୍ପର୍କରେ ସୂଚନା ପାଇଥିଲା । ଗିରଫ ୩ଜଣଙ୍କ ପାଖରୁ ୫ଟି ଦାମୀ ମୋବାଇଲ ଓ ଲୁଟ୍‌ରେ ସେମାନେ ବ୍ୟବହାର କରୁଥିବା ସ୍କୁଟର ଜବତ କରାଯାଇଛି । ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ପୋଲିସ କହିଛି ।



## ଶିମିଳିପାଳରେ ପର୍ଯ୍ୟଟନର ବିକାଶ ଓ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ବାର୍ତ୍ତା ନେଇ

# ରାଜ୍ୟସଭା ସାଂସଦ ଦିଲୀପ ରାୟଙ୍କୁ ଭେଟିଲେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ

ବାରିପଦା, (ସବ୍ୟୁ) : ଶିମିଳିପାଳ ସମେତ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଜିଲ୍ଲାରେ ଥିବା ବିଭିନ୍ନ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଉଚିତ ବ୍ୟବସାୟୀକରଣ ଦ୍ୱାରା ତଥା ବିଭିନ୍ନ କୁଟୀର ଶିଳ୍ପ ମାଧ୍ୟମରେ ହିଁ ବେକାରୀ ସମସ୍ୟାରେ ଜର୍ଜରିତ ମୟୂରଭଞ୍ଜ ଜିଲ୍ଲାର ଲକ୍ଷାଧିକ ଯୁବ ସମାଜକୁ ସ୍ୱାବଲମ୍ବୀ କରିବା ସହ ଜିଲ୍ଲାର ଦାଦନ ଦୁଃଖ ଦୂରକରି ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ କରିବାର ଚିନ୍ତାଧାରା ନେଇ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାର ଯୁବଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ବିଭିନ୍ନ ଉପାୟରେ ପୂର୍ବ ଓ ବର୍ତ୍ତମାନର ସରକାରଙ୍କୁ ଅବଗତ କରିଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେମିତି କୌଣସି ଆଖିଦୃଶିଆ ସଫଳତା ମିଳିପାରି ନାହିଁ।

ଏଣୁ ସଂଗଠନ ଆଉ ଚୁପ ନବସି ଜିଲ୍ଲାର ଏହି ନ୍ୟାଯ୍ୟ ଦାବିଗୁଡ଼ିକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ପହଞ୍ଚାଇ ସୁଫଳ ଆଣିବା ସକାଶେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଭୁବନେଶ୍ୱର ମେ' ଫେୟାର୍ ହୋଟେଲର ଏକ ସମ୍ମିଳନୀ କକ୍ଷରେ ନବନିର୍ବାଚିତ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟଙ୍କୁ ଭେଟି ତାଙ୍କର ସାହାଯ୍ୟ ଓ ସହଯୋଗ ଲୋଡ଼ିଥିଲେ ଏବଂ ଶ୍ରୀ ରାୟ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବାବଦରେ ନିଶ୍ଚିତ ଭାବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରି ଜିଲ୍ଲାବାସୀଙ୍କ ସହିତ ଲକ୍ଷଲକ୍ଷ ବେକାର ଯୁବକ, ଯୁବତୀମାନଙ୍କ ପାଇଁ ଖୁସିର ଖବର ଆଣିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ ।

ଏହା ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଭଞ୍ଜସେନା ତରଫରୁ ଦ୍ୱିତୀୟ ଥର ହୋଇଥିବା ରିଲିସ୍ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ ବିଶ୍ୱ ଶ୍ରମିକ ଦିବସ ଅବସରରେ ମେ ମାସ ୧ ତାରିଖ ଦିନ ନିମନ୍ତ୍ରଣକୁ ରକ୍ଷା କରି ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ନିଜର ସମ୍ମତି ପ୍ରଦାନ କରିଛନ୍ତି ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ପ୍ରଦାନ କରିଛନ୍ତି ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ।

# ଏମକେସିଜିରେ ରାଜ୍ୟର ପ୍ରଥମ ଏମଏନସିୟୁ ୟୁନିଟ ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ) : ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ ଓ ହସ୍ପିଟାଲରେ ରାଜ୍ୟରେ ପ୍ରଥମ ନବଜାତ ଶିଶୁ ଓ ମା'ଙ୍କ ପାଇଁ ଏମଏନସିୟୁୟୁନିଟ ଉଦଘାଟନ କଲେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର । ବିଧାୟକ କେ. ଅନିଲ କୁମାର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଏହିୟୁନିଟ ଖୋଲିବା ଦ୍ୱାରା ନବଜାତ ଓ ମାତୃମୃତ୍ୟୁହାର କମିବାରେ ଅତ୍ୟନ୍ତ ସହାୟକ ହେବ ବୋଲି ସେ କହିଛନ୍ତି । ଏମକେସିଜି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ୪ର୍ଥ ମହଲାରେ ୧୦ ଗୋଟି ଶଯ୍ୟା ବିଶିଷ୍ଟ ଏମଏନସିୟୁନିଟ ଏବଂ ହାଇ ଡିଫାଇନୟୁନିଟର ବେଡ଼ ସଂଖ୍ୟା ୪ରୁ ୮କୁ ବୃଦ୍ଧି କରାଯାଇଛି । ଏହିୟୁନିଟରେ ଅମ୍ଳଜାନ ସହ ଓ୍ୱାର୍ମର, ଫଟୋଥେରାପି ପରି ଚିକିତ୍ସା ପ୍ରଦାନ କରାଯିବ । ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ରୋଗ ବିଶେଷଜ୍ଞ ବିଭାଗର ଡାକ୍ତରଦଳ ସବୁ ସମୟରେ ଚିକିତ୍ସା ପ୍ରଦାନ କରିବା ନେଇ ଉପଲବ୍ଧ ରହିବେ । ୪ଜଣ ନର୍ସିଂ ଅଧିକାରୀଙ୍କୁ ବର୍ତ୍ତମାନ ଏହିୟୁନିଟରେ ନିୟୋଜିତ କରାଯାଇଛି ବୋଲି ବିଧାୟକ କହିଛନ୍ତି । ମାଆ ନବଜାତ ଶିଶୁ ଯନି ବିଭାଗ (ଏମଏନସିୟୁ) କେନ୍ଦ୍ରରେ ଅସୁସ୍ଥ, ଜଣ୍ଡିସ ଆକ୍ରାନ୍ତ ଶିଶୁ ଙ୍କ ଆଶୁ ଚିକିତ୍ସା ପାଇଁ ଉଭୟ ମାଆ ଏବଂ ଶିଶୁ ଏହି କେନ୍ଦ୍ରରେ ରହିବା ବ୍ୟବସ୍ଥା ରହିଛି ।

ପୂର୍ବରୁ ପ୍ରସୂତି ପରେ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ତାକୁ ମାଆ ଠାରୁ ଅଲଗା କରି ଆଇସିୟୁରେ ଭର୍ତ୍ତି କରି ଡାକ୍ତର ମାନେ ଚିକିତ୍ସା କରୁଥିଲେ । ଏମଏନସିୟୁ କାର୍ଯ୍ୟକ୍ଷମ ହେବା ପରେ ଏହି କେନ୍ଦ୍ରରେ ମାଆ ଏବଂ ଶିଶୁ ଉଭୟ ଏକ କ୍ୟାବିନ ମାଧ୍ୟରେ ରହି ଚିକିତ୍ସା ହୋଇପାରିବେ। ଏହି ବିଭାଗରେ ୧୦ ଜଣ ଏସଏନସିୟୁ ପ୍ରଶିକ୍ଷିତ ନର୍ସଙ୍କୁ ନିୟୋଜିତ କରାଯାଇଛି । ଏହି ବିଭାଗରେ ଉଭୟ ମାଆ ଏବଂ ଶିଶୁର ମାନସିକ, ଶାରିରିକ ବିକାଶରେ ଅଭିବୃଦ୍ଧି ଘଟିବ । ଏମକେସିଜି ମେଡିକାଲ ଓ କଲେଜ ପ୍ରିନ୍ସିପାଲ ତଥା ଡିନ ପ୍ରଫେସର ଡା.ସୁଚିତ୍ରା ଦାସ ସୁଚନା ପ୍ରଦାନ କରିଥିଲେ । ସେହିପରି ମେଡିକାଲରେ ପୂର୍ବରୁ ଥିବା ହାଇ ଡିଫାଇନ ୟୁନିଟ (ହେଚଡିୟୁ)ର ବେଡ଼ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରଯାଇଛି । ପୂର୍ବରୁ ଏହି ୟୁନିଟ ୪ଟି ବେଡ଼କୁ ନେଇ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ତାହାର ସଂଖ୍ୟା ୮ କୁ ବୃଦ୍ଧି କରାଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନର ଅନୁଦାନରେ ନିର୍ମିତ ଏହିୟୁନିଟ ବୃଦ୍ଧି ହେବା ଫଳରେ ପ୍ରସୂତି ମାତୃଏବଂ ନବଜାତ ଶିଶୁ ମୃତ୍ୟୁ ହାର ହ୍ରାସ ପାଇବ ବୋଲି ସୁଚନା ପ୍ରଦାନ କରିଛନ୍ତି ବ୍ରହ୍ମପୁର ବିଧାୟକ । ଏହି ଅବସରରେ ଏମକେସିଜି ମେଡିକାଲ ହିସପିଟାଲ ରେଜିଷ୍ଟ୍ରାର ସନ୍ତୋଷ କୁମାର ଦାସ, ଡା. ସଂଘମିତ୍ରା ମହାପାତ୍ର, ଡା. ଇନ୍ଦିରା ପାଳ, ଡା. ପି ରାମ କୁମାର ଏବଂ ମେଡିକାଲ ପରିଚାଳକ ସିଦ୍ଧାର୍ଥ ପ୍ରଧାନ, ମାନସ ପଟ୍ଟନାୟକ ଏବଂ ଶରତ ପ୍ରମୁଖ ଉପସ୍ଥିତ ଥିଲେ ।

# ବୋମାମାଡ଼ ଘଟଣାରେ ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ହରଡ଼ାଖଣ୍ଡି ଧର୍ମ ନଗର ମୁଖ୍ୟ ରାସ୍ତାରେ ରହୁଥିବା ଇନ୍ଦିରା ସାହୁଙ୍କ ଘର ଉପରକୁ ହୋଇଥିବା ବୋମାମାଡ଼ ଘଟଣାରେ ବଡ ବଜାର ଥାନା ପୋଲିସ ୨ଅଭିଯୁକ୍ତଙ୍କୁ ବାନ୍ଧିଛି । ସେମାନେ ହେଲେ ଲକ୍ଷ୍ମୀନୃସିଂହ ସାହି ଷଷ୍ଠ ଲାଇନର ମଙ୍ଗଳା ବେହେରା (୨୬) ଓ ଆନନ୍ଦନଗରର ଜୀନୁ ମହାରଣା(୨୫) ବୋଲି ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି । ସେମାନଙ୍କୁ ସୋମବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟଯେ, ଗତ ୨୫ ତାରିଖ ରାତି ୧୧ଟା ବେଳେ ଇନ୍ଦିରା ସାହୁ ଘରେ ଥିଲେ । ଗୋଟେ ମୋଟର ସାଇକେଲରେ ଦୁଇ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଗୋଟିଏ ବୋମା ତାଙ୍କ ଘର ଉପରକୁ ଫିଙ୍ଗିଥିଲେ । ଇନ୍ଦିରାଙ୍କ ପରିବାର ଲୋକେ ଘର ଭିତରେ ରହିଥିବା ବେଳେ କେହି ଆହତ ହୋଇନାହାନ୍ତି । ବୋମାମାଡ ଯୋଗୁଁ ଘର ସମ୍ମୁଖ ଭାଗର କିଛି ଅଂଶ ନଷ୍ଟ ହୋଇଥିଲା । ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ସେଠାରେ ପହଞ୍ଚି ଛାନଭିନ କରିଥିଲା । ଘଟଣାର ତଦନ୍ତ କରି ଉପରୋକ୍ତ ଦୁଇ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା ।

# ବିଜେପି ପକ୍ଷରୁ ବାରିପଦାରେ ଜନ ଆକ୍ରୋଶ ମହିଳା ପଦଯାତ୍ରା



ବାରିପଦା, (ସବ୍ୟୁ) : ନିକଟରେ ସଂସଦରେ ନାରୀ ସଂରକ୍ଷଣ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ -୨୦୨୬)କୁ କଂଗ୍ରେସ, ବିଜେଡି, ଟିଏମସି, ଡିଏମକେ ପ୍ରଭୃତି ଇଣ୍ଡି-ମେଣ୍ଟ ଭୁକ୍ତ ଦଳଗୁଡିକ କରିଥିବା ବିରୋଧର ପ୍ରତିବାଦରେ ସୋମବାର ଦିନ ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜିତ ହୋଇଯାଇଛି । ସ୍ଥାନୀୟ ମଧୁବନ ପଡିଆରୁ ବାହାରି ଛଉପଡ଼ିଆ ପର୍ଯ୍ୟନ୍ତ ଯାଇଥିବା ଏହି ଜନ ଆକ୍ରୋଶ ସୂଚକ ବିରାଟ ପ୍ରତିବାଦ ଶୋଭାଯାତ୍ରାରେ ବହୁସଂଖ୍ୟକ ମହିଳା ଭାଗ ନେଇଥିବା ଲକ୍ଷ୍ୟ କରାଯାଇଛି ।

ନାରୀ ଶକ୍ତିର ଜୟଗାନ ଓ ମହିଳା ବିଲର ବିରୋଧ କରିଥିବା ରାଜନୀତିକ ଦଳଗୁଡିକର ମୁର୍ଦ୍ଦାବାଦ କରୁଥିବା ଏହି ଶୋଭାଯାତ୍ରାକାରୀ ମାନେ ହାତରେ ଏହି ମର୍ମରେ ଲିଖିତ ପ୍ଲାକାର୍ଡ ମାନ ଧରିଥିବା ଦେଖାଯାଇଥିଲା । ଶୋଭାବତୀ ଓତା, ସୁଜାତା ମୁର୍ମୁ, ସିପ୍ରା ବାଜପେୟୀ, ବିଧାୟିକା ସଞ୍ଜଳି ମୁର୍ମୁ, ସୁମନ ସିଂ, କୌଶଲ୍ୟା ନାଏକ, ମମତା ମଣ୍ଡଳ, ସରୋଜିନୀ କିସ୍କୁ, ମମତା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହାର ସଫଳତା ଦୃଷ୍ଟିରୁ ବିଜେପି ଜିଲ୍ଲାସଭାପତି ନିହାର ରଞ୍ଜନ ମୋଦୀ, ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ନବ ଚାରଣ ମାଝୀ, ବିଧାୟକ ଭାସ୍କର ମଢ଼େଇ, ବିଧାୟକ ପ୍ରକାଶ ସୋରେନ, ବିଧାୟକ ସନାତନ ବିଜୁଳି, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡଃ ବୁଦ୍ଧାନ ମୁର୍ମୁ, ବିଜେପି ଜିଲ୍ଲା ଉପସଭାପତି ପ୍ରଦୀପ ମହାନ୍ତି ଓ ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିବା ଦେଖା ଯାଇଥିଲା ।

# ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୫ତମ ଜୟନ୍ତୀ

ବ୍ରହ୍ମପୁର, (ସବ୍ୟୁ): ସ୍ୱତନ୍ତ୍ର ଉକଳ ପ୍ରଦେଶର ନିର୍ମାତା ପାରଳା ମହାରାଜାଙ୍କ ଯେଉଁ ସ୍ୱପ୍ନ ଥିଲା ଓଡ଼ିଶାକୁ ଏକ ସମୃଦ୍ଧିଶାଳି ରାଜ୍ୟ କରିବା, ତାହା ଆଜି ଅପୂରଣୀୟ ହୋଇ ରହିଛି । ପାରଳା ମହାରାଜାଙ୍କ ଅବଦାନ ପାଇଁ ଉପଯୁକ୍ତ ସମ୍ମାନ ମଧ୍ୟ ପ୍ରଦାନ କରାଯାଉନାହିଁ । ଏ ଦିଗରେ ରାଜ୍ୟ ସରକାର ସଂପୂର୍ଣ୍ଣ ଉଦାସୀନ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ତଥା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ୧୩୫ତମ ଜୟନ୍ତୀ ରବିବାର ପାଳିତ ହୋଇଛି । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ମୃତି ପରିଷଦ ପକ୍ଷରୁ ଇଞ୍ଜିନିୟରିଂ ସ୍କୁଲ ଛକ ସ୍ଥିତ ରାଜସ୍ୱ ବଙ୍ଗଳା ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥ



କୁମାର ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ରାଜନୀତି ବିଜ୍ଞାନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, "ସମାଜ'ର ମୁଦ୍ରାକର ଓ ପ୍ରକାଶକ ରାଜେନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥ୍ୟ ଭାବେ ଯୋଗଦେଇ ଭାରତ ନିର୍ମାଣର ସ୍ୱପ୍ନ ଦେଖୁଥିବା ଲାଲା ଲାଜପତ ରାୟ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ପାଇଁ ଅହରହ ସଂଗ୍ରାମ କରିଥିବା ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ତାଙ୍କ ଭାଷଣରେ ବ୍ରହ୍ମପୁର ରେଳେଓ୍ୱ ଷ୍ଟେଶନରେ ଏକ ପ୍ରତିମୂର୍ତ୍ତି, ପାରଳା-ନୈପଡ଼ା ରେଳପଥକୁ ଗଜପତିଙ୍କ ନାମରେ ନାମିତ କରିବା, ପାରଳା ମହାରାଜା କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରିବା, ପାରଳା ସିଂହ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଯେଉଁ ଅପୂରଣୀୟ କାର୍ଯ୍ୟ ରହିଛି ତାହାକୁ ପୂରଣ କରିବା, ପାରଳାଖେମୁଣ୍ଡି ସହରକୁ ଏକ ଉନ୍ନତ ସହର ଭାବେ ଗଢି ତୋଳିଲେ ଗଜପତିଙ୍କ ପ୍ରକୃତ ସମ୍ମାନ ହେବ ବୋଲି କହିଥିଲେ । ଦୈନିକ ଆଶା ସମ୍ପାଦକ ପ୍ରମୋଦ ପଣ୍ଡା, ପରିଷଦ ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ପରିଷଦ ସଭାପତି ଡ଼. ବାୟାମନୁ ଚର୍ଚି ସଭାରେ ସଭାପତିତ୍ୱ ପ୍ରାରମ୍ଭରେ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅବନୀ ଗୟା ଧନ୍ୟବାଦ ଦେଇଥିଲେ ।

# ଡ୍ରିମ୍ସ ପକ୍ଷରୁ ଶନି ମହାମେଳାରେ ଜଳ ବିତରଣ ଶିବିର



କଟକ, (ସ୍ୱପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜଲୋଏକାର ପ୍ରସିଦ୍ଧ ଶନିଶ୍ଚର ମହାମେଳାରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ଜଳ ବିତରଣ ସେବା ଶିବିର ଆୟୋଜିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିବା ସହ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ବିଧାୟକ ପ୍ରଶାନ୍ତ କୁମାର ବେହେରା, ଡ୍ରିମ୍ସର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ଟାଙ୍ଗୀ ଥାନା ଆଇଆଇସି ଡ. ବିକାଶ କୁମାର ସେଠୀ, ମାଗୁରା-ଧାନମଣ୍ଡଳ ସରପଞ୍ଚ ରଶ୍ମୀରଂଜନ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଯାତ୍ରା ପରିଚାଳନା କମିଟୀର କର୍ମକର୍ତ୍ତା ଶିବିର ପରିଦର୍ଶନ କରି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ ଏବଂ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଜିଲ୍ଲାସ୍ତରୀୟ ନିରୀକ୍ଷଣ ସାଥି ମାଗଣା ଅଟୋ ଆମ୍ବୁଲାନସର ଶୁଭାରମ୍ଭ

ଧରାକୋଟ, (ସବ୍ୟୁ): ଆଜି ଧରାକୋଟ ବ୍ଲକ ଅନ୍ତର୍ଗତ ସବା ପଞ୍ଚାୟତର ମଙ୍ଗଳପୁର ଶୈବପିଠ ଠାରେ ଜିଲ୍ଲାସ୍ତରୀୟ ନିରୀକ୍ଷଣ ସାଥି ମାଗଣା ଅଟୋ ଆମ୍ବୁଲାନସର ଜିଲ୍ଲାପାଳଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଧରାକୋଟ ମୁଖ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଅଶୋକ ସାରଙ୍କ ନେତୃତ୍ୱରେ ତାଙ୍କ ଟିମ ଦ୍ୱାରା ଆୟୋଜିତ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟଅତିଥି ରୂପେ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ସି.ଡି.ଓ/ଇ.ଓ ସମୀର ଜେନା, ସି.ଡି.ଏମ/ପି.ହେଚ.ଓ ଡକଫର ଭବାନୀ ଶଙ୍କର ମିଶ୍ର, ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବି.ଡି.ଓ ସଂଗ୍ରାମ କେଶରୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ବଡ଼ଗଡ଼ ଥାନା ଅଧିକାରୀ ବିମଳ କୁମାର କହଁର, ଏନ.ହେଚ.ଏମ ବୁଲୁ ନାଥ ସାହୁ, ଜିଲ୍ଲା ପରିଷଦ ଟୁକୁନା ଗୌଡ଼, ସମେତ ଜିଲ୍ଲର ଅନେକ ସ୍ୱାସ୍ଥ୍ୟ କର୍ମୀ, ଧରାକୋଟ ସି.ଡି.ପି.ଓ ମେଡମ, ସାବା ସରପଞ୍ଚ, ବଳରାମପୁର ସରପଞ୍ଚ, ସମିତି ସଭ୍ୟଙ୍କ ସହ ଅନେକ ସ୍ଥାନୀୟ ଲୋକଙ୍କ ଉପସ୍ତିତିରେ କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳିଛି । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ୨୪୭ଟି ଦୁର୍ଗମ ଗ୍ରାମର ଗର୍ଭବତୀ ମହିଳାମାନଙ୍କୁ ଚିକିତ୍ସା କେନ୍ଦ୍ରକୁ ଯିବା ପାଇଁ ନିଶ୍ଚିତ ଯାତାୟାତ ସୁବିଧା ପ୍ରଦାନ କରାଯିବା ନେଇ ସୂଚନା ମିଳିଛି । ସାବା ବଳରାମପୁର ପଞ୍ଚାୟତରେ ପ୍ରାଥିକ ଭାବେ ୧୩ ଗୋଟି ଅଟୋ ନିର୍ଦ୍ଧାରଣ କରାଯାଇଥିବା ଦେଖିବାକୁ ମିଳିଛି । ଏହି ଅଟୋ ଆମ୍ବୁଲାନସ ଦ୍ୱାରା ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଗର୍ଭବତୀ ମହିଳା ଓ ୧ ବର୍ଷରୁ କାମ ବୟସର ଶିଶୁ ମାନଙ୍କ ମାଗଣାରେ ସ୍ୱାସ୍ଥ୍ୟ ସେବା ମିଳିପାରିବା ନେଇ ସୂଚନା ମିଳିଥିଲା । ଗୋଟିଏ ଗର୍ଭବତୀ ମହିଳା ଗର୍ଭାବସ୍ଥାରେ ପ୍ରାୟ ୩ ଥର ସ୍ୱାସ୍ଥ୍ୟ ପରୀକ୍ଷା ସହ ଅଲଟ୍ରା ସାଉଣ୍ଡ କରାଇବା ପାଇଁ ଅଲଟ୍ରା ସାଉଣ୍ଡ ଥିବା ଡାକ୍ତରଖାନାକୁ ଯିବା ପାଇଁ ବାଧ୍ୟ ହୋଇଥାଏ।

## ନାବାଳିକା ଅସଦାଚରଣ ମାମଲା

# ଅଭିଯୁକ୍ତକୁ ୩ ବର୍ଷ ଜେଲ୍, ପିଡ଼ିତାଙ୍କୁ ୩ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର, (ସବ୍ୟୁ): ନାବାଳିକା ଛତ୍ରୀଙ୍କୁ ଅସଦାଚାରଣ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତୀ ପଟ୍ଟନାୟକ ୧୩ ବର୍ଷର ଜଣେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ଜଣଙ୍କ କେ.ନୂଆଗାଁ ଥାନା ଅଞ୍ଚଳର ମହେନ୍ଦ୍ର ସାହୁ(୨୬) । ଅଭିଯୁକ୍ତକୁ ଜେଲ ଦଣ୍ଡ ସହ ତାଙ୍କୁ ୫ ହଜାର ଟଙ୍କା ଜୋରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୫ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡ଼ିତା ନାବାଳିକାଙ୍କୁ ୩ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ ନିର୍ଦ୍ଦେଶ ଦେଇଛନ୍ତି । ବିବରଣୀରୁ ପ୍ରକାଶ ଯେ, ୨୦୨୧ ଅଗଷ୍ଟ ୭ ତାରିଖ ଉକ୍ତ ଥାନା ଅଞ୍ଚଳର ଏକ ଗ୍ରାମର ୧୩ ବର୍ଷୀୟ ନାବାଳିକା ନିଜ ଘରେ ବସି ଟିଭି ଦେଖୁଥିଲେ । ମହେନ୍ଦ୍ର ସାହୁ ଘର ଭିତରକୁ ଯାଇ ନାବାଳିକାଙ୍କ ପୋଷାକ ଜୋର ଜବରଦସ୍ତି ବାହାର କରି ଅସଦାଚାରଣ କରିଥିଲେ । ସେ ଏହାର ପ୍ରତିବାଦ କରିଥିଲେ ।

ନାବାଳିକାଙ୍କୁ ଏନେଇ କାହାକୁ ନକହିବାକୁ ମହେନ୍ଦ୍ର ଧମକ ଚମକ ଦେଇଥିଲେ । ପରେ ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଜଣାଇଥିଲେ । ମହିଳା ଜଣଙ୍କ ଗାଁର ଭଦ୍ର ଲୋକଙ୍କୁ ବୈଠକ କରିବା ପାଇଁ କହିଥିଲେ । ହେଲେ ତାହା ସମ୍ଭବ ହୋଇନଥିଲା । ଶେଷରେ ପିଡ଼ିତାଙ୍କ ମା' ଥାନାର ଦ୍ୱାରସ୍ତ ହୋଇଥିଲେ । ଘରେ ପଶି ଟିୟୁସନ ଶିକ୍ଷକ ଝିଅକୁ ଅସଦାଚାରଣ କରିବା ସହ ସମାଜରେ ଝିଅର ମର୍ଯ୍ୟାଦା ହାନି ଘଟିଥିବା ନେଇ ସେ ଏତଲା ଦେଇଥିଲେ । ପୋଲିସ ଏସଂକ୍ରାନ୍ତରେ ୧୫୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଅଭିଯୁକ୍ତ ମହେନ୍ଦ୍ରକୁ ଗିରଫ ପରେ ଜେଲ ପଠାଇ ଯାଇଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ । ମାମଲାର ବିଚାରଣ ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ସୋମବାର ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ମହେନ୍ଦ୍ର କୋର୍ଟରେ ହାଜର ହୋଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ ।

## ପ୍ରାଦେଶିକ ମେଧା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୀଳକଣ୍ଠନଗରର ସର୍ବାଧିକ ସଫଳତା

ବ୍ରହ୍ମପୁର, (ସବ୍ୟୁ): ଓଡିଶାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗୁଡିକୁ ପରିଚାଳନା କରୁଥିବା ଶିକ୍ଷାବିକାଶ ସମିତି, ଓଡିଶାଙ୍କ ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଫଳ ୨୦୨୫-୨୦୨୬ ଗତ ତା - ୨୫.୦୪.୨୦୨୬ ରିଖରେ ପ୍ରକାଶିତ ହୋଇଯାଇଛି । ଏହି ପରୀକ୍ଷାରେ ୩ୟ, ୫ମ, ୭ମ ଓ ୯ମ ଶ୍ରେଣୀ ପ୍ରାଦେଶିକ ମେଧା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳକଣW ନଗରର ରାଜ୍ୟସ୍ତରରେ ସର୍ବାଧିକ ୨୧ ଜଣ ଯ୍ଯାଙ୍କ ହାସଲ କରି ସଫଳତାର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି ।



ରାଜ୍ୟସ୍ତରୀୟ ସଫଳତା ହାସଲ କରିଥିବା ଶିଶୁମାନେ ୩ୟ ଶ୍ରେଣୀର ପ୍ରାଦେଶିକ ମେଧାରେ ୮ମ ସ୍ଥାନରେ ଜପଶ୍ରୀ ଦାଶ, ୫ମ ଶ୍ରେଣୀର ୬ଷ୍ଠସ୍ଥାନରେ ଆଦ୍ୟା ଅନୁଭା ପାଢ଼ୀ, ୭ମ ଶ୍ରେଣୀର ୫ମ ସ୍ଥାନରେ ଶୁଭ୍ରାଂଶୁ ପାଣିଗ୍ରାହୀ, ୭ମ ସ୍ଥାନରେ ହିମାଦର୍ଶ ଦେବ, ୮ମ ସ୍ଥାନରେ ସୁଶ୍ରୀ ସାନଭୀ ପଣ୍ଡା, ୯ମ ସ୍ଥାନରେ ଶୁଭଙ୍କର ଛୋଟରାଏ ଓ କେ. ଆଦିତ୍ୟ ରାଓ, ୯ମ ଶ୍ରେଣୀର ୩ୟ ସ୍ଥାନରେ ଅମନ କୁମାର ପ୍ରଧାନ, ୪ର୍ଥ ସ୍ଥାନରେ ଦେବାଶୀଷ ସୁବୁଦ୍ଧି, ୫ମ ସ୍ଥାନରେ ରତ୍ନାକର ପାଢ଼ୀ, ୬ଷ୍ଠ ସ୍ଥାନରେ ଶୁଭାଶିଷ ପଟ୍ଟନାୟକ, ୮ମ ସ୍ଥାନରେ ଦିବ୍ୟା ଦିପାନ୍ୱିତା, ୯ମ ସ୍ଥାନରେ ବିଶ୍ୱଜିତ୍ ମହାରଣା ଠିକ୍ ସେହିଭଳି ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭାରେ ୫ମ ଶ୍ରେଣୀର ୭ମ ସ୍ଥାନରେ ବି. ଶ୍ରୀନାଥ ସୁବୁଦ୍ଧି, ୭ମ ଶ୍ରେଣୀର ୧୦ମ ସ୍ଥାନରେ ହିମାଦର୍ଶ ଦେବ, ୯ମ ଶ୍ରେଣୀର ୬ଷ୍ଠ ସ୍ଥାନରେ ବିଶ୍ୱଜିତ୍ ମହାରଣା, ୮ମ ସ୍ଥାନରେ କେ. ଓମ୍ ପାତ୍ର, ୯ମ ସ୍ଥାନରେ କଲ୍ପେଶ କୁମାର ସାହୁ ଓ ଗଣେଶ୍ୱର ସ୍ୱାଇଁ, ୧୦ମ ସ୍ଥାନରେ ଦିବ୍ୟା ଦିପାନ୍ୱିତା ଓ ଦେବାଶିଷ ସୁବୁଦ୍ଧି ପ୍ରମୁଖ ରାଜ୍ୟସ୍ତରରେ ଯ୍ଯାଙ୍କ ରଖି ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି।

ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣW ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦଙ୍କ ସମେତ ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମସ୍ତ କୃତି ଶିଶୁ ଭାଇ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସହ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ ।



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୮ ଅପ୍ରେଲ ୨୦୨୬
ସକାଳ ୮ ଘଟିକା – ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ନ ୫ ଘଟିକା । କବିତା ପାଠୋତ୍ସବ
ନିମନ୍ତ୍ରିତ କବିଙ୍କ ଦ୍ୱାରା ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି
ସନ୍ଧ୍ୟା ୬ ଘଟିକା ସାଧାରଣ ସଭା
– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ସମ୍ମାନନୀୟ ଅତିଥି –
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର– ଭୁବନେଶ୍ୱର
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ
ବିଧାୟକ, ମାହାଙ୍ଗା
– ସମ୍ମାନନୀୟ ବକ୍ତା–
ଡଃ ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR: 15001/15001/2/26-27/0028 15001/28/2627

# ପୁରୁଣା କର୍ମଚାରୀଙ୍କୁ ନିଯୁକ୍ତି ଦାବିରେ ଜିଏମଙ୍କୁ ଦାବିପତ୍ର



କଣିହାଁ, (ସବ୍ୟୁ): କଣିହାଁ କୋଇଲା ଖଣିରେ ନିୟୋଜିତ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଟେଣ୍ଡର ପାଇବାକୁ ଥିବା ନୂତନ କମ୍ପାନୀରେ ନିଯୁକ୍ତି ଦାବି ନେଇ ସାନତ୍ରିବିଡା ପଞ୍ଚାୟତ ପକ୍ଷରୁ କଣିହାଁ କୋଇଲା ଖଣି ଜିଏମ ନରେଶ ସିଂ ରାଣାଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସାନତ୍ରିବିଡ଼ା ସରପଞ୍ଚ ସୁଜାତା ପ୍ରଧାନ, ସମିତିସଭ୍ୟା ମିନାକ୍ଷୀ ସାହୁ, ସାନତ୍ରିବିଡା ଗ୍ରାମ ସଭାପତି ମାଧବ ଚନ୍ଦ୍ର ସାହୁ, ସଂପାଦକ ଚଗଲା ପ୍ରଧାନ, ପୂର୍ବତନ ସରପଞ୍ଚ ବାବୁଲା ସେଠୀ, ଯୁବସଂଗଠକ ନିର୍ମଳ ସାହୁ, ଦୁଃଶାସନ ବେହେରା, ପଞ୍ଚାୟତ ଅଧୀନରେ ଯାଉଥିବା ସମସ୍ତ ଗ୍ରାମର ଗ୍ରାମ ସଭାପତି , ସଂପାଦକ, ଗ୍ରାମବାସୀ ପ୍ରମୁଖ ସୋମବାର ଦିନ କଣିହାଁ କୋଇଲା କ୍ଷେତ୍ର ଜିଏମଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ କରାଯାଇଛି । ପଞ୍ଚାୟତବାସୀଙ୍କ ଅଭିଯୋଗ ଯେ, ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକମାନେ କଣିହାଁ ଖୋଲା କୋଇଲା ଖଣିରେ ନିୟୋଜିତ ଆରକେଟିସି, ଆର ଏସ ଇତ୍ୟାଦି କମ୍ପାନୀରେ ଡ୍ରାଇଭର, ହେଲ୍ପର, ସୁପରଭାଇଜର ଇତ୍ୟାଦି ଭାବରେ କାମ କରୁଛନ୍ତି । ବର୍ତ୍ତମାନ ଉକ୍ତ କମ୍ପାନୀ କାର୍ଯ୍ୟକାଳ ସରିବାକୁ ବସିଥିବା ବେଳେ ସେହି କାମ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି । ଯିଏ ନୂଆ ଟେଣ୍ଡର ପାଇବ ଉକ୍ତ ପୁରୁଣା କର୍ମଚାରୀଙ୍କୁ ସେଥିରେ ନିଯୁକ୍ତି ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

# କାମ କରି ଠିକାସଂସ୍ଥାକୁ ୨୨ବର୍ଷ ଧରି ମିଳିଲାନି ବକେୟା ଟଙ୍କା
# କୋର୍ଟ ଦ୍ୱାରା ସିଲ୍ ହେଲା ରେଙ୍ଗାଳୀ ବାମକେନାଲ ଡିଭିଜନ କାର୍ଯ୍ୟାଳୟ

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଠାରେ ଥିବା ରେଙ୍ଗାଳୀ ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟକୁ କଟକ ବ୍ୟବସାୟିକ କୋର୍ଟ ନିର୍ଦ୍ଦେଶରେ ସିଲ୍ କରାଯିବା ସହିତ ଜଉମୁଦ ଦିଆଯାଇ ସିଲ୍ ହୋଇଛି । କାମ କରି ବକେୟା ଟଙ୍କା ପାଇନଥିବାରୁ ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ କୋର୍ଟର ଦ୍ୱାରସ୍ଥ ହୋଇଥିଲା । କାମାକ୍ଷାନଗର ସହର ଜିରିଡାମାଳି ଠାରେ ଥିବା ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟକୁ କଟକ ବ୍ୟବସାୟିକ କୋର୍ଟ ଜବତ କରିବା ସହିତ ଜଉମୁଦ ଦେଇ ସିଲ କରିଥିବାର ଜଣାପଡିଛି ।



ରାଜଲକ୍ଷ୍ମୀ କନଷ୍ଟ୍ରକ୍ସନ ନାମକ ଠିକାସଂସ୍ଥାର କେନାଲ କାମକୁ ନେଇ ବକେୟା ଟଙ୍କା ପାଇବାକୁ ଥିବାବେଳେ ସୋମବାର ପର୍ଯ୍ୟନ୍ତ ଟଙ୍କା ନମିଳିବାରୁ କୋର୍ଟଙ୍କ ନିର୍ଦ୍ଦେଶରେ କାର୍ଯ୍ୟାଳୟକୁ ଜବତ କରାଯାଇଛି ।

ସୂଚନା ଅନୁସାରେ ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ ଅଧୀନରେ ୨୦୦୩-୦୪ ମସିହାରେ ରାଜଲକ୍ଷ୍ମୀ କନଷ୍ଟ୍ରକସନ ନାମକ ଠିକା ସଂସ୍ଥା ଭଏରପୁର ନିକଟରେ ପ୍ରାୟ ୧ କୋଟି ଟଙ୍କାର କେନାଲ କାର୍ଯ୍ୟ କରିଥିଲେ । କାମ ସାରିବା ପରେ ଅନେକ ବର୍ଷ ଯାଏଁ ବିଭାଗ ତରଫରୁ ଉକ୍ତ ଠିକାସଂସ୍ଥାକୁ ବିଲ ବାବଦ ଅର୍ଥ ପ୍ରଦାନ କରାଯାଇନଥିଲା । ଯାହା ଫଳରେ ଠିକାସଂସ୍ଥା ତରଫରୁ କଟକ ବ୍ୟବସାୟିକ କୋର୍ଟରେ ଆବେଦନ କରାଯାଇଥିଲା ।

ଏହାପରେ କୋର୍ଟଙ୍କ ଦ୍ୱାରା ବାରମ୍ବାର ରେଙ୍ଗାଳି ବାମବନ୍ଧ କେନାଲ ଡିଭିଜନ କାର୍ଯ୍ୟାଳୟ ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନୋଟିସ କରାଯାଇଥିଲା । ମାତ୍ର ବିଭାଗ ତରଫରୁ ଏହାକୁ ନେଇ କୌଣସି ସମାଧାନ ହୋଇପାରି ନଥିଲା । ଫଳରେ ଆଜି କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୋର୍ଟ ଅଧିକାରୀ ଓ ଠିକାସଂସ୍ଥାର ଓକିଲ ବାମବନ୍ଧ କାର୍ଯ୍ୟାଳୟ ଠାରେ ପହଞ୍ଚି କାର୍ଯ୍ୟାଳୟକୁ ଜବତ କରିଥିଲେ ।ପ୍ରାୟ ୨୨ ବର୍ଷ ହେବ ଠିକାସଂସ୍ଥା ନିଜ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ବିର୍ତ୍ତମାନ ଏହାର ମୂଲ୍ୟ ପ୍ରାୟ ୩ କୋଟିରୁ ଉର୍ଦ୍ଧ ହେବାନେଇ ଠିକାସଂସ୍ଥା ତରଫରୁ ପ୍ରକାଶ କରାଯାଇଛି ।

# ଜ୍ୟୋତିର୍ବିଦ୍ ସମ୍ମାନିତ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲା କୁଶକିଳା ଗାଁର ଜ୍ୟୋର୍ତିବିଦ ମହାପାତ୍ର ଜ୍ୟୋତିଷ ବାସ୍ତୁ ସମ୍ରାଟ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଭୁବନେଶ୍ୱରର ଜୟଦେବ ଭବନ ପରିସରରେ ଶନିବାର ଦିନ ଆୟୋଜିତ ବାସ୍ତୁ ଏକାଡେମି ଆନ୍ତର୍ଜାତୀୟ କର୍ମଶାଳାରେ ଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏଥିରେ ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ ସାମ୍ପ୍ରତିକ ପରିସ୍ଥିତିରେ ବାସ୍ତୁ ଓ ଜ୍ୟୋତିଷ ଶାସ୍ତ୍ରର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । କର୍ମଶାଳାରେ ଦେଶ ଓ ବିଦେଶର ଜ୍ୟୋର୍ତିବିଦମାନେ ସାମିଲ ହୋଇ ମାନବ ସମାଜର ଉନ୍ନତି ପାଇଁ ବାସ୍ତୁ ବିଚାର ଓ ଜ୍ୟୋତିଷ ଶାସ୍ତ୍ରର ବିଭିନ୍ନ ସୁକ୍ଷ୍ମ ଦିଗ ନେଇ ଆଲୋଚନା କରାଯାଇଥିଲା । ହସ୍ତରେଖା, ସାମୁଦ୍ରିକ, ମୁଖ ଗଣନା, ରନି ପଥର ବିଚାର, ଔଷଧିୟ ବୃକ୍ଷ ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନସହ ଯନ୍ତ୍ର ଓ ତନ୍ତ୍ର ସମ୍ପର୍କରେ ବିଭିନନ ପଣ୍ଡିତମାନେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଏହି କର୍ମଶାଳାରେ ତାଙ୍କର ସଠିକ ଗଣନା, ସରଳ ଉପଚାର ଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ନେଇ ତାଙ୍କର ଦକ୍ଷତା ପ୍ରତିପାଦନ କରିଥିବାରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ , ଅତିଥିଭାବେ ଯୋଗ ଦେଇଥିଲେ । ଶ୍ରୀ ମହାପାତ୍ରଙ୍କୁ ଏହି ସମ୍ମାନ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

# ଗୋ ମାତା ସୁରକ୍ଷା ପାଇଁ ଦାବିପତ୍ର



ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ହିନ୍ଦୋଳରୋଡ ସ୍ଥିତ ମହାବୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗୋ ବଂଶ ସୁରକ୍ଷା ପାଇଁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ,ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି ।

ଅଭିଯୋଗ ଅନୁସାରେ ଗୋ ପାଳନ ନିମନ୍ତେ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ସହିତ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗୋ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନଥିବା ଅଭିଯୋଗ କରିଛନ୍ତି । ଗୋ ମାତା ମାନେ ଜାତୀୟ ରାଜପଥରେ ଅବାଧରେ ବିଚରଣ କରିବା ଯୋଗୁଁ ନାନା ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଅନେକ ଗୋ ମାତା ମୃତ୍ୟୁ ବରଣ କରୁଥିବା ବେଳେ ଅନେକ ଆହତ ହୋଇ କଷ୍ଟ ଅନୁଭବ କରୁଛନ୍ତି ।

ଏ ସମ୍ପର୍କରେ ମହାବୀର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଗୋ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାପାଇଁ ଗୋ ସୁରକ୍ଷା ଅଭିଯାନ ପକ୍ଷରୁ ଦାବି କରିଛନ୍ତି । ସଦସ୍ୟମାନେ ହିନ୍ଦୋଳ ରୋଡ ସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଗୋ ମାତା ସୁରକ୍ଷା ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ଓଡ଼ାପଡ଼ା ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ସେଲଟାକ୍ସ ଟ୍ରିବ୍ୟୁନାଲ ଜୁଡିସିଆଲ ମେମ୍ବରଙ୍କ ପରଲୋକ

ତାଳଚେର, (ସବ୍ୟୁ): ତାଳଚେର ଟାଉନ ବ୍ରାହ୍ମଣଶାସନ ୨ନଂଓ୍ୱାର୍ ଆଇନଜିବୀ ସ୍ୱର୍ଗତ ଦିବାକର ମିଶ୍ରଙ୍କ ସୁପତ୍ର ସତ୍ୟପ୍ରିୟ ମିଶ୍ରଙ୍କ (୫୮) ପରଲୋକ ହୋଇଯିବା ଘଟଣା ତାଳଚେର ଅଂଚଳରେ ଶୋକରଛାୟା ଖେଳାଇ ଦେଇଛି । ତାଳଚେରର ପ୍ରଥମ ଓଜେଏସ ପାଇ ଜିଲ୍ଲା ଜଜ ଭାବରେ ଅନେକ ଜିଲ୍ଲାରେ କାର୍ଯ୍ୟକରି ସେ ପ୍ରଶଂଶିତ ହୋଇଥିବା ବେଳେ ଏବେ ସେ ସେଲଟାକ୍ସ ଟ୍ରିବ୍ୟୁନାଲ ଜୁ ମେମ୍ବରଭାବେ କଟକରେ ଅବସ୍ଥାପିତ ଥିଲେ । ସେ କିଛି ଦିନ ପୂର୍ବରୁ ଅସୁସ୍ଥଥିଲେ ଓ ଗତକାଲି ତାଙ୍କୁ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା ।

ଗତକାଲି ରାତିରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କ ମୃତଦେହୁ ତାଳଚେରକୁ ଅଣାଯାଇଥିଲା । ଆଜି ସକାଳେ ଏହି ଖବର ପ୍ରଚାରିତ ହେବାପରେ ତାଙ୍କ ବାସଭବନକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜିବି, ସମାଜସେବୀ ଶେଷଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ପଟୁଆରରେ ବ୍ରାହ୍ମଣଶାସନକୁ ନିଆଯାଇ ଶାନ୍ତିଧାମ ଶ୍ମଶାନ ଘାଟରେ ଶେଷକୃତ୍ୟ ସଂପର୍ନ୍ନ କରାଯାଇଥିଲା । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତିଥିଲେ ।

# ଗୋ ସୁରକ୍ଷା ଓ ଗୋ ସମ୍ମାନ ପାଇଁ ଦାବିପତ୍ର

ଆଠମଲ୍ଲିକ ,(ସବ୍ୟୁ) : ଗୋ ସମ୍ମାନ ଆହଓ୍ୱାନ ଅଭିଯାନ ତରଫରୁ ଗୋ ସୁରକ୍ଷା ନିମନ୍ତେ, ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ପ୍ରଶାସନ କୁ ପ୍ରଦାନ କରାଯାଇଛି । ଅଭିଯାନର ସଦସ୍ୟ ସ୍ଥାନୀୟ ମା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରା ରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ଥିଲେ । ଗୋ ମାତା କୁ ସୁରକ୍ଷା ଓ ସମ୍ମାନ ଦେବା ପାଇଁ ଏକ ୧୯ ଦଫା ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳ ଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ବିଶ୍ୱଜିତ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ଦେବା ସମୟରେ ବାବା ବିନୋଦ ନାଏକ, ଦୀକ୍ଷିତ ନାୟକ,ସନ୍ତୋଷ କୁମାର ନାୟକ, ଭବାନୀ ପ୍ରସାଦ ଜ୍ୟୋତିଷ ରାୟ,ଶରତ ଚନ୍ଦ୍ର ମହାପାତ୍ର,ସଂକୀର୍ତନ ମେଣ୍ଟୁଲି, ଗଂଜୁ ବାଲା ମାହାର ପ୍ରମୁଖ ଙ୍କ ସମେତ ବହୁ ଗୋ ପ୍ରେମୀ ଉପସ୍ଥିତ ଥିଲେ ।

# ୫ରେ ପାପସରା ଚନ୍ଦନ ଯାତ୍ରା

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସର । ଚନ୍ଦନ ଯାତ୍ରା ପଡିଆ ଠାରେ ଶୁକ୍ରବାର ଦିନ ପାପସରା ଗ୍ରାମ ସର୍ବସାଧାରଣଙ୍କୁ ନେଇ ଆଗାମୀ ମଇ ୫ ତାରିଖ ମଙ୍ଗଳାରରେ ଅନୁଷ୍ଠିତ ହେବାକୁ ଥିବା ଐତିହାସିକ ପାପସରା ଚନ୍ଦନ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ସଭାପତି ଅଶୋକ ସାହୁ ଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇ ଥିଲା । ରାଜାରାଜୁଡ଼ା ଅମଳରୁ ପାଳନ ହୋଇ ଆସୁଥିବା ଏହି ଚନ୍ଦନ ଯାତ୍ରାର ମହତ୍ତ୍ୱ କିପରି ବଜାୟ ରଖାଯାଇ ପାରିବ ସେ ବିଷୟରେ ସମସ୍ତଙ୍କ ମତାମତ ନିଆଯାଇଥିଲା ।ଚନ୍ଦନ ଯାତ୍ରା ଅବସରରେ ମନୋରଞ୍ଜନ ପାଇଁ ଦୁଇ ଦିନ ଧରି ମଇ ୦୫ ଓ ୦୬ ତାରିଖରେ ଅପେରା ଜଗଦମ୍ବା ଦାରା ନାଟକ ପରିବେଷଣ କରାଯିବା ପାଇଁ ନିଷ୍ପତି ନିଆଗଲା । ପ୍ରଭୁ ରାଧାକୃଷ୍ଣଙ୍କ ଶୋଭା ଯାତ୍ରାରେ ଡିଜେ, ଗ୍ରାମର ପାରମ୍ପରିକ କଳା କାରିଗରୀ ଫୁଲ, ପାନସ, ତରାସ, ଆଢ଼ିନି ସହିତ ଘୋଡ଼ା ହାତୀ , ରାଜାରାଣୀ, ଘଣ୍ଟବାଦ୍ୟ, ଲଉଡି ଖେଳ, ଲେଡିଜ କୀର୍ତ୍ତନ, ରଙ୍ଗା ରଙ୍ଗ ଲାଇଟ ମେଢ଼ ଆଦି ମନ ମୋହିବ । ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ପାଇଁ ହଣ୍ଡପା ଥାନା ଦାରା ପୋଲିସ ମୁତୟନ କରାଯିବ । ପ୍ରଭୁ ରାଧାକୃଷ୍ଣଙ୍କ ୧୭ ଦିନ ବ୍ୟାପୀ ଚାପ ଖେଳ ପାଇଁ ଚନ୍ଦନ ପୋଖରୀ ଓ ଡଙ୍ଗା ସାଜସଜ୍ଜା ପାଇଁ ବିଭିନ୍ନ ଦଳକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଗ୍ରାମର ସମସ୍ତ ସଦସ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହିତ ନୂତନ ଭାବେ ଚୟନ କରାଯାଇଥିବା ସମ୍ପାଦକ ବୃଷଭ ସାହୁ, ସମ୍ପାଦକ ଯଥାକ୍ରମେ ନାରଦ ସାହୁ, ତ୍ରିନାଥ ସାହୁ, ଅଭୟ ପ୍ରଧାନ, ରଞ୍ଜନ ନାୟକ , ବୀରେନ ସାହୁ , ସୁଦର୍ଶନ ସାହୁ, ମନୋଜ ସାହୁ , ସାଧୀନ ପ୍ରସାଦ, ପ୍ରଶାନ୍ତ ପ୍ରଧାନ, ଧ୍ରୁବ ଚରଣ ପ୍ରଧାନ, ମକା ସେଠୀ, ପଞ୍ଚାନନ ନାୟକ, ବିଜୟ ପ୍ରଧାନ, ନରୋତ୍ତମ ମୁଖି, ଗଣେଶ ପ୍ରଧାନ , ରାଜକିଶୋର ପ୍ରଧାନ , ସଞ୍ଜୀବ ସାହୁ ପୂର୍ବତନ ସଭାପତି ପ୍ରସନ୍ନ ସାହୁ ଓ ସମ୍ପାଦକ ଦିବ୍ୟାଲୋଚନ ସାହୁ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ ।

# ପିଆରଏମ ମେଡିକାଲ କଲେଜରେ ପ୍ରଦର୍ଶନୀ ଇନୋଭାଟିଆ



ବାରିପଦା, (ସବ୍ୟୁ) : ପିଆରଏମ ମେଡିକାଲ କଲେଜରେ ପ୍ରଥମ ମେଡିକାଲ ପ୍ରଦର୍ଶନୀ "ଇନୋଭାଟିଆ ୧.୦ - ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀକ ସୋସାଇଟି ଓ ଷ୍ଟୁଡେଣ୍ଟ୍ୟୁନିୟନ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ବିଭିନ୍ନ କଲେଜ ତଥା ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉତ୍କୃଷ୍ଟ ପ୍ରଦର୍ଶନ କରି ବାରିପଦାର କ୍ୱାଣ୍ଟମ ଏକାଡେମୀର ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ନିଟ୍ ପରୀକ୍ଷା ଢାଞ୍ଚାରେ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଏହି ଏକାଡେମୀକୁ ୨୦୨୫-୨୬ର ଶ୍ରେଷ୍ଠ ଏକାଡେମୀ ଭାବେ ସମ୍ମାନିତ କରାଯାଇଥିଲା। ଏହି ସଫଳତା ପାଇଁ ଏକାଡେମୀର ନିର୍ଦ୍ଦେଶକ ଦିପ୍ତୀରଂଜନ ବସା ଓ ଅନୁସୟା ବସା ଏବଂ ଜ୍ୟୋତି ବିକାଶ ଗିରି ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରଛାତ୍ରୀ ମାନେ ଏହି ସଫଳତା ପାଇଁ ଶିକ୍ଷକ/ ଶିକ୍ଷୟତ୍ରୀ ପରମେଶ୍ୱର ବେହେରା, ଅନୁରାଗ ଦାସ, ରାଜ ମଣ୍ଡଳ, ଯୋଗେଶ କୁମାର ନାୟକ, ସୁଭାଶିଷ ବେହେରା, ପ୍ରମିତ ସେଠୀ ଓ ମୁନୁ ମାର୍ଣ୍ଡିଙ୍କୁ ଶ୍ରେୟ ଦେଇଛନ୍ତି।

## ବିଜେପି ଜିଲ୍ଲା ସାଂଗଠନିକ ବୈଠକ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଏକ ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜିଲ୍ଲାର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଆଲୋଚନା କରିଥିଲେ । ଆଗମୀ ୨୮ ତାରିଖରେ ଜିଲ୍ଲାରେ ହେବାକୁ ଥିବା ମହିଳା ଆକ୍ରୋଶ ସମାବେଶକୁ ସଫଳ କରିବା ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରାଯାଇଥିଲା ।

# ବାରିପଦା ଉତ୍କଳ କରାଟେ ସ୍କୁଲକୁ ୧୫ ପଦକ

ବାରିପଦା, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଉକିଳ କରାଟେ ସ୍କୁଲଠାରେ ୩୭ତମ ରାଜ୍ୟ କ୍ୟାଡେଟ୍, ଜୁନିୟର ଏବଂ ୩୮ ତମ ସବ୍ ଜୁନିୟର କରାତେ ଚମ୍ପିନ ଶିପ ୨୦୨୬ ଉଦ୍‌ଯାପିତ ହୋଇଯାଇଛି । ସୁକୋକାଇ କରାଟେୟୁନିଅନ ତଥା ଉକିଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାଂସି ଡକଫର ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ ଆୟୋଜିତ ହୋଇଥିଲା । ଏହି ଚାମ୍ପିଅନସିପରେ ବାରିପଦା ଉକିଳ କରାଟେ ସ୍କୁଲ ମେନ୍ ଡୋଜୋ (ଦାର୍ଗଡାହି ସ୍ଥିତ ଯୁବ୍ଲି ପେଟ୍ରୋଲ ପମ୍ପ ପାଖି)ରୁ ତଥା କ୍ୟୋନସି ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରୋଷିକ୍ଷୋକୋ ଶେଂଶି ସୁଶାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ସେଥିମଧ୍ୟରୁ




ଭାରଗଭ ବାସୁରି, ଆରାଧ୍ୟା ମହାର୍ଣ୍ଣ, ତାନ୍ୟା ତାପ୍ତି ମହାନ୍ତି ଆଦି କାତାରେ କାଂସ୍ୟ ପଦକ ଏବଂ ସେହିପରି ରିତିକା ରାଣୀ ବେହେରା, କ୍ରିଶଦିପ କୁଣ୍ଡୁ, କିଷ୍କିନ୍ଧ୍ୟା ମୂର୍ମୁ, ପ୍ରୀୟଂଶି ବାସୁରୀ, ଆଦିର୍ ଦେ କୁମୀତେରେ ରୋପ୍ୟ, ଏବଂ ଜିଜ୍ଞାଶା ବାସୁରି, ପ୍ରୀୟଂଶୀ ହେମ୍ବ୍ରମ, ସମୀକ୍ଷା ବାରିକ, ତାନ୍ୟା ତାପ୍ତି ମହାନ୍ତି କୁମୀତେରେ କାଂସ୍ୟ ପଦକ ହାସଲ କରିଛନ୍ତି ଏବଂ ଇତିଶ୍ରୀ ନାଏକ, ଜିଜ୍ଞାଶା ବାସୁରି, କିଷ୍କିନ୍ଧ୍ୟା ମୂର୍ମୁ ଦଳଗତ କାତାରେ କାଂସ୍ୟ ପଦକ ହାସଲ କରିଛନ୍ତି । ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଆସିଥିବା ଉପନିର୍ଦ୍ଦେଶୋକ କରୁଣା କର ହେମ୍ବ୍ରମ, ସେକ୍ରେଟାରୀ ଯଦୁନାଥ ନାୟକ କୃତିକୃତୋ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ



ଆଠମଲ୍ଲିକ, (ସବ୍ୟୁ) : ନଗର ବିଜେପି ତରଫରୁ ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲା ପାଳ ବିଶ୍ୱଜିତ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ଦାବୀ ମଧ୍ୟରେ ମୁଖ୍ୟତଃ ଆୟୁଷ୍ମାନ କାର୍ଡ ଲୋକ ପାଇଛନ୍ତି କି ନାହିଁ ତଦନ୍ତ କରିବା, ଶୌଚାଳୟ ଗୁଡିକ କାର୍ଯ୍ୟକ୍ଷମ କରିବା, ଉଠା ଦୋକାନୀମାନଙ୍କ ପାଇଁ ବୀମା, ଲୋନ ଓ ସ୍ଥାୟୀ ସମାଧାନ ବ୍ୟବସ୍ଥା କରିବା, ସହରରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କରିବା, ବସଷ୍ଟାଣ୍ଡରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ସୁରକ୍ଷା କର୍ମୀ ନିଯୁକ୍ତି କରିବା ଆଦି ଅନେକ ଦାବୀ ରହିଛି ।

ଦାବିପତ୍ର ଦେବା ସମୟରେ ନଗର ବିଜେପି ସଭାପତି ଶୈଳବାଳା ଅମାନ୍ତ, ପୂର୍ବତନ ଏନ ଏ ସି ଅଧକ୍ଷ ସନ୍ତୋଷ କୁମାର ହୋତା, ଯୁବନେତା ପିନା ପାଣିଗ୍ରାହୀ ,କାଉନସିଲର ନୂତନ ବେହେରା, ପୂର୍ବତନ ବିଜେପି ନଗର ସଭାପତି ଅବନୀ ପ୍ରଧାନ, ବିଜୟ ପାତ୍ର, ସୁଶାନ୍ତ ପ୍ରଧାନ, ସଂକୀର୍ତନ ମେଣ୍ଟୁଲି, ପାର୍ଥ ସାରଥୀ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଗୋ ସମ୍ମାନ ଆହ୍ୱାନ ଅଭିଯାନ ଗୋ ସମ୍ପଦର ସୁରକ୍ଷା ଓ ସମ୍ମାନ ଦାବି

ଛତ୍ରପୁର, (ସବ୍ୟୁ): ଗୋ ସମ୍ପଦର ସୁରକ୍ଷା ଓ ଗୋ ସମ୍ପଦ ଉଚିତ ସମ୍ମାନ ଦାବିରେ ଛତ୍ରପୁରରେ ଗୋ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏକ ସ୍ମାରକପତ୍ର ଛତ୍ରପୁର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗୋ ହାତ୍ୟା ସମ୍ପୂର୍ଣ୍ଣ ଭାବେ ବନ୍ଦ ହେଉ, ସେମାନଙ୍କ ସୁରକ୍ଷା ଆଇନଗତ ଭାବେ ସୁନିଶ୍ଚିତ କରିବା, ଗୋ ମାତାକୁ ସମ୍ମାନ, ଗୋ ମାତାକୁ ରାଷ୍ଟ୍ରମାତା ଭାବେ ସମ୍ମାନ ଦାବୀ କରାଯାଇଛି । ଏନେଇ ଗୋ ସମ୍ମାନ ଆହ୍ୱାନ ଅଭିଯାନ କରାଯାଇଛି । ଛତ୍ରପୁର ସହରରକୁ ବହୁ ଗୋ ପ୍ରେମୀ ଓ ଗୋ ସୁରକ୍ଷାକର୍ମୀମାନେ ଏକ ରାଲିରେ ଆସି ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସୂଚନା ଥାଉକି ଦିନକୁ ଦିନ ଗୋ ଚାଲାଣ ଅଧିକ ହେଉଛି, ଗୋ ମାତାକୁ ହତ୍ୟା କରାଯାଉଛି ବୋଲି କହିଥିଲେ । ଏହି ସ୍ମାରକ ପତ୍ର ପ୍ରଦାନ ବେଳେ ଛତ୍ରପୁର ଅଂଚଳର ବହୁ ଗୋ ଭକ୍ତ ମାନେ ଉପସ୍ଥିତ ଥିଲେ ।

# ନାରାୟଣ ପଟ୍ଟନାୟକଙ୍କୁ ଐତିହ୍ୟ ଯୋଦ୍ଧା ସମ୍ମାନ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳର ନାରାୟଣ ପଟ୍ଟନାୟକଙ୍କୁ ଐତିହ୍ୟ ଯୋଦ୍ଧା ସମ୍ମାନରେ ସମ୍ମାନୀତ କରାଯାଇଥିବାର ଜଣାପଡିଛି ।ଗତ ରବିବାର ଦିନ କଟକର ବାରବାଟୀ ଷ୍ଟାଡିୟମରେ ଥିବା ଓଡିଶା କ୍ରିକେଟ ଆସୋସିଏସନର ସମ୍ମିଳନୀ କକ୍ଷରେ ଆୟୋଜିତ କଟକ ହେରିଟେଜ୍ ୱାକ୍ସର ଅଷ୍ଟମ ବାର୍ଷିକ ଉତ୍ସବ ଅବସରରେ ଢେଙ୍କାନାଳ ଐତିହ ପଦଯାତ୍ରାର ଅନ୍ୟତମ ବରିଷ୍ଠ ସଂସ୍ଥାପକ ସଦସ୍ୟ ନାରାୟଣ ପଟ୍ଟନାୟକଙ୍କୁ "ଐତିହ୍ୟ ଯୋଦ୍ଧା" ଭାବରେ ସମ୍ମାନିତ କରା ଯାଇଛି ।

ପ୍ରକାଶଯୋଗ୍ୟ ଯେ, ବିଗତ ତିନି ବର୍ଷ ଧରି ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଜିଲ୍ଲା ତଥା ଜିଲ୍ଲା ବାହାରର ଅନେକ ଜ୍ଞାତ,ଅଜ୍ଞାତ ଐତିହ୍ୟ ସ୍ଥଳୀକୁ ପରିଦର୍ଶନ କରି ତଥ୍ୟସଂଗ୍ରହ ସହିତ ଆଜିର ଛାତ୍ର ସମାଜକୁ ଆମର ଗୌରବାବହ ଐତିହ୍ୟ ସମ୍ପର୍କରେ ଉଦବୁଦ୍ଧ କରିବା କ୍ଷେତ୍ରରେ ନିରନ୍ତର ପ୍ରୟାସ କରି ଆସୁଛି । ପ୍ରତ୍ୟେକ ମାସର ତୃତୀୟ ରବିବାର ଜିଲ୍ଲାର କୌଣସି ନା କୌଣସି ସ୍ଥାନକୁ ପଦଯାତ୍ରା କରିଥାଏ । ଏ କ୍ଷେତ୍ରରେ ଶ୍ରୀ ପଟ୍ଟନାୟକଙ୍କ ସମର୍ପିତ ଉଦ୍ୟମ ଓ ସହଯୋଗ ନିମନ୍ତେ ତାଙ୍କୁ ଐତିହ୍ୟ ଯୋଦ୍ଧା ଭାବରେ ସମ୍ମାନିତ କରା ଯାଇଛି ।

ଏହି ସମାରୋହରେ ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଆଦିତ୍ୟ କୁମାର ମହାପାତ୍ର, ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ଅଧିକ୍ଷକ ଡ.ଦିବସାଦା ବ୍ରଜସୁନ୍ଦର ଗଡ଼ନାୟକ,ବରିଷ୍ଠ ଗବେଷକ ଓ ଲେଖକ ଭାସ୍କର ପରିଚ୍ଛା, ପ୍ରତ୍ନତତ୍ତ୍ୱ ଗବେଷକ ଅନୀଲ ଧୀର,ଐତିହାସିକ ଜେ.ପି. ଜଗଦ୍ଦେବ ,ଐତିହାସିକ ତଥା ଶିକ୍ଷାବିତ ଡ. ଖାରବେଳ ମହାନ୍ତି ଓ କଟକ ହେରିଟେଜ୍ ଓ୍ୱାକ୍ସର ଆବାହକ ଡ.ଦୀପକ ସାମନ୍ତରାୟ ପ୍ରମୁଖ ଏହି ସମ୍ମାନ ପ୍ରଦାନ କରିଥିବା ବେଳେ, କଟକ, ଜଗତସିଂହପୁର, ପୁରୀ ଓ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ବହୁ ସଦସ୍ୟଙ୍କ ସହିତ ଶତାଧିକ ଐତିହ୍ୟ ପ୍ରେମୀ ଏହି ସମାରୋହରେ ଯୋଗ ଦେଇଥିଲେ ।

# ବ୍ରାହ୍ମଣୀ ନଦୀରେ ବୁଡି ନିଖୋଜ ସୁଶୀଲଙ୍କ ମୃତଦେହ ଉଦ୍ଧାର

ଓଡାପଡା,(ସବ୍ୟୁ) :ଗତ ୨୬ ତାରିଖ ଦିନ କଣ୍ଟାବଣିଆ ଥାନା ଅନ୍ତର୍ଗତ ମାନପୁର ଗ୍ରାମର ସୁଶିଳ ସାହୁ (୩୧) ନାମକ ଜଣେ ଯୁବକ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ ବୁଡିଯାଇ ନିଖୋଜ ହୋଇ ଯାଇଥିଲେ। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବାପରେ ମଧ୍ୟ ସୁଶିଳ ସାହୁଙ୍କର ମୃତ ଦେହ ଉଦ୍ଧାର ହୋଇପାରିନଥିଲା। ଏ ସମ୍ପର୍କରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଢେଙ୍କାନାଳ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଆଲୋଚନା କରି ଓଡ୍ରାଫଫ ଟିମ୍ ଲଗାଇ ଖୋଜୋଖୋଜି କରିବାପାଇଁ ଅନୁରୋଧ କରିଥିଲେ। ଆଜି ଓଡ୍ରାଫଫ ଟିମ୍ ଓ ଦମକଳବାହିନୀ ମିଳିତ ଭାବେ ଖୋଜାଖୋଜି କରିବାପରେ ଅପରାହ୍ନ ପ୍ରାୟ ୫ ଘଟିକା ସମୟରେ ସୁଶିଳଙ୍କର ମୃତ ଦେହ ଉଦ୍ଧାର କରାଯାଇଥିବା ଜଣାପଡିଛି। ଏଥିପାଇଁ ସାଂସଦ ରୁଦ୍ରନାରାୟଣ ପାଣି ଓଡ୍ରାଫଫ ଟିମ୍ ଦମକଳବାହିନୀ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ହଣ୍ଡପା ପୋଲିସ ପକ୍ଷରୁ ଜଳଛତ୍ର



ଠାକୁରଗଡ଼/ ବଇଣ୍ଡା,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପରିସରରେ ସୋମବାର ଦିନ ହଣ୍ଡପା ପୋଲିସ ପକ୍ଷରୁ ଜଳ ଛତ୍ର ଉଦଘାଟନ କରାଯାଇଛି । ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିବା ସହ ଅଞ୍ଚଳବାସିଙ୍କୁ ଦହି ପାଣି ବଣ୍ଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ହଣ୍ଡପା ଆଇଆଇସି ରାଜେସ କୁମାର ଶତପଥି, ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ, ହଣ୍ଡପା ଥାନା ସେକେଣ୍ଡ ଅଫିସର,ତରଣୀ ସେନ ବାହାଲ, ଏଏସଆଇ, ପ୍ରକାଶ ବାରିକ, ବନିତା ପ୍ରଧାନ, ପ୍ରଦୀପ କୁମାର ଶ୍ରୀ ଚନ୍ଦନ, ପବିତ୍ର ମୋହନ ବେହେରା, ଭାଜପା ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ବିଶ୍ୱ ରଞ୍ଜନ ପ୍ରଧାନ, ସିଧେଶ୍ୱର ରଥ ଙ୍କ ସମେତ ବହୁତ ଅଞ୍ଚଳ ବାସି ଯୋଗ ଦେଇଥିଲେ ।

# ସରପଞ୍ଚ ସଂଘର ଆମରଣ ଅନଶନ

ବାସୁଦେବପୁର ,(ସବ୍ୟୁ): ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରେ ଅନିୟମିତତାକୁ ବିରୋଧ କରି ଲୋକ ପ୍ରତିନିଧିମାନେ ବ୍ଲକ ପରିସରରେ ଆମରଣ ଅନଶନରେ ବସିଲେ । ବାସୁଦେବପୁର ବ୍ଲକର ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇ ପ୍ରଶାସନ ସରକାରୀ ଦଳକୁ ପ୍ରାଧାନ୍ୟ ଦେଉଛି । ବାସୁଦେବପୁର ବ୍ଲକର ତ୍ରିସ୍ତରୀୟ ପଞ୍ଚାୟତିରାଜର ସାମ୍ବିଧାନିକ ବ୍ୟବସ୍ଥା ଭୁସୁଡି ପଡୁଛି । ସାମ୍ବିଧାନିକ ବ୍ୟବସ୍ଥାର ଲୋକ ପ୍ରତିନିଧିମାନଙ୍କୁ ଗୁରୁତ୍ବ ଦେବାକୁ ବାସୁଦେବପୁର ବ୍ଲକର ସରପଞ୍ଚ ସଂଘ ପକ୍ଷରୁ ଆମରଣ ଅନଶନରେ ବସିଛନ୍ତି । ଆଗରେ ଜାତୀୟ ପିତା ମହାତ୍ମାଗାନ୍ଧୀ ଓ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ଫଟୋଚିତ୍ର ରଖି ଶାନ୍ତିପୂର୍ଣ୍ଣ ଭାବେ ଆମରଣ ଅନଶନ କରିଛନ୍ତି । ବାସୁଦେବପୁର ବ୍ଲକର ସରପଞ୍ଚ ସଂଘର ସଭାପତି ଆଦିତ୍ୟ କୁମାର ଗିରି, ସାଧାରଣ ସମ୍ପାଦକ ଅଗଣୀ ପ୍ରସାଦ ଜେନା, ଆରୁହା ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ନରସିଂହପୁର ପଞ୍ଚାୟତର ସରପଞ୍ଚ ଗୌରାଙ୍ଗଚନ୍ଦ୍ର ପଣ୍ଡା, ସୁଦର୍ଶନପୁର ପଞ୍ଚାୟତର ସରପଞ୍ଚ ଚନ୍ଦ୍ରକାନ୍ତ ମଲିକ, ସୁଗୋ ପଞ୍ଚାୟତର ସରପଞ୍ଚ ଚିନ୍ତାମଣୀ ନାୟକ,ଖରିଦାବିନାୟକପୁର ସରପଞ୍ଚ ସସ୍ମିତା ମଲିକ, ବ୍ରାହ୍ମଣଗାଁ ପଞ୍ଚାୟତର ସରପଞ୍ଚ ଶୁଭଶ୍ରୀ ତ୍ରିପାଠୀ, ଆର୍ତ୍ତୁଂ ପଞ୍ଚାୟତର ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ ପ୍ରମୁଖ ଯୋଗଦେଇ ଆମରଣ ଅନଶନରେ ବସିରହିଥିଲେ । ସମ୍ବିଧାନର ବିଧି ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଗ୍ରାମ ସଭାର ପାରିତ ପ୍ରକଳ୍ପକୁ ପ୍ରାଧାନ୍ୟ ଦେବା କଥା । ସରକାରଙ୍କ ପକ୍ଷରୁ କର୍ମୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସରକାରୀ ଚିଠିରେ କେଁ ପୁରାଇ ସରକାରୀ ନିତି ନିୟମ ବାଟରେ ଦେଇ କାମ କରୁଛନ୍ତି । ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପକୁ ଚୁଡାନ୍ତ କରିଛନ୍ତି । ଯାହାକୁ ଲୋକ ପ୍ରତିନିଧିମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି । ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପକୁ ମନମୁଖୀ କାର୍ଯ୍ୟ ଦର୍ଶାଇ ସରପଞ୍ଚ ସଂଘ ତୀବ୍ର ବିରୋଧ କରୁଛି । ଗ୍ରାମ ସଭାର ପାରିତ ପ୍ରକଳ୍ପକୁ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ କରୁଛନ୍ତି । ଅଭିଯୋଗ କଲେ କେହି ଶୁଣୁ ନାହାନ୍ତି । ବାସୁଦେବପୁର ପଞ୍ଚାୟତ ସମିତିର ବର୍ଷେରୁ ଉର୍ଦ୍ଧ୍ବ ହେବ ବୈଠକ ବସୁନାହିଁ ବୋଲି ଅଭିଯୋଗ ଆଣିଛନ୍ତି ନିର୍ବାଚିତ ସରପଞ୍ଚ ଓ ସମିତିମାନେ । ସରକାର ପଞ୍ଚାୟତିରାଜ ସିଷ୍ଟମକୁ ଚଳାଇବାକୁ ନିତି ନିୟମ କରିଛନ୍ତି । ହେଲେ ଏଠି ଅଭିଯୋଗ କରି କିଛି ସୁଫଳ ନମିଳିବାରୁ ବାଧ୍ୟ ହୋଇ ଆମରଣ ଅନଶନ କରିବାକୁ ବାଧ୍ୟ ହେଲୁ । ଦାବୀ ପୂରଣ ହେବା ପର୍ଯ୍ୟନ୍ତ ବସି ରହିବୁ ବୋଲି କହିଛନ୍ତି ସରପଞ୍ଚ ସଂଘର ସଭାପତି ଓ ସଦସ୍ୟମାନେ । ଏସମ୍ପର୍କରେ ବାସୁଦେବପୁର ବ୍ଲକର ଅଧକ୍ଷ ନଗେନ୍ଦ୍ର ବିଶ୍ବାଳଙ୍କୁ ପଚାରିବାରୁ ସେ କହିଥିଲେ ସରକାରୀ ନିତି ନିୟମରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ପ୍ରସ୍ତୁତ ହୋଇଛି । ଆମ ପାଖରେ ପ୍ରକଳ୍ପକୁ ନେଇ ତାଲିକା ଦେଇ ନାହାନ୍ତି । ଯେଉଁମାନେ ପ୍ରକଳ୍ପ ତାଲିକା ଦେଇଥିଲେ ସେମାନଙ୍କର ପ୍ରକଳ୍ପ ସ୍ଥାନ ପାଇଛି । ପଞ୍ଚାୟତ ସମିତିର ବୈଠକ ବିଧାନସଭା ଓ ପାର୍ଲିଆମେଣ୍ଟ ଅଧିବେଶନ ଥିବାରୁ ଗଡାଇ ଚାଲିଥିଲୁ । ଖୁବଶୀଘ୍ର ସମସ୍ତଙ୍କ ସହଯୋଗରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହେବ ।

# ଜନ ଆକ୍ରୋଶ ମହିଳା ପଦଯାତ୍ରା




କେନ୍ଦୁଝର,(ସବ୍ୟୁ): ମହିଳା ସଂରକ୍ଷଣ ବିଲ କାଟ ଖାଇବା ପ୍ରସଙ୍ଗରେ ସୋମବାର ଦିନ କେନ୍ଦୁଝରରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଏହି ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ କହିଛନ୍ତି ମହିଳାମାନଙ୍କ ପାଇଁ ଏହି ଲଢ଼େଇ ଜାରି ରହିବ। ଜିଲ୍ଲାର ହଜାର ହଜାର ମହିଳା ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦୁଝର ସହରର କାଳୀ ପଡିଆ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ।ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାରୁ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୁତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଂଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା। ବିଜେଡି ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀଦଳ ଗୁଡ଼ିକ ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷ ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି । ଚାରିଆ ଏବେ ପ୍ରତିବାଦ ଓ ଆନ୍ଦୋଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ରେ ସାଂସଦ ଅନନ୍ତ ନାୟକ,ତେଲକୋଇ ବିଧାୟକ ଫକୀର ମୋହନ ନାଏକ,ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ,ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱୀନି ବଳ, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତ,ଜିଲ୍ଲା ଟୋଲିର ସଦସ୍ୟା ଗୀତାଞ୍ଜଳି ମହାନ୍ତ, ନଳିନୀ ମହାନ୍ତ ଉପସ୍ଥିତି ରେ ତଥା ଅନ୍ୟ ମହିଳା ନେତୃତ୍ୱମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାଗୁଲି ସାହି ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ପକ୍ଷ ପାଳନ

ନୀଳଗିରି, (ସବ୍ୟୁ):ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାର ବ୍ଲକ୍ ଏବଂ ଏନଏସି ଅନ୍ତର୍ଗତ ପ୍ରତି ଟି ଅଙ୍ଗନୱାଡ଼ି କେନ୍ଦ୍ର ମାନଙ୍କରେ ଏପ୍ରିଲ୍ ୯ତରିଖରୁ ୨୩ତାରିଖ ପର୍ଯ୍ୟନ୍ତ ଅଷ୍ଟମ ପୋଷଣ ପକ୍ଷ ପାଳନ କରାଯାଉଛି। ସେହି କ୍ରମରେ ନୀଳଗିରି ଏନ୍ଏସି ର କଦମସାହି ବାଗୁଲିସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ସେକ୍ଟର ସ୍ତରୀୟ ଆଜି ଏହି ପାଷଣ ପକ୍ଷ ପାଳନ ହୋଇଯାଇଛି। ଏନ୍ଏସି ୧ର ୧୭ଟି ସେଣ୍ଟରରୁ ସମସ୍ତ ୱାର୍କରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୃଷ୍ଟି କର ଖାଦ୍ୟ ପ୍ରସ୍ତୁତ କରି ଆଣିବା ସହିତ ପନିପରିବା, ଫଳ, ପିଠା ଆଦି ପ୍ରଦର୍ଶିତ କରାଯାଇ ଉପସ୍ଥିତ ଗର୍ଭବତୀ ମହିଳା ଓ ମା ମାନଙ୍କୁ ପୋଷଣ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ତେବେ ଜନ୍ମରୁ ୭ବର୍ଷ ବୟସ ମଧ୍ୟରେ ଶିଶୁଙ୍କ ମସ୍ତିଷ୍କ ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଗର୍ଭବତୀ ମହିଳାମାନଙ୍କୁ ବନ୍ଦାପନା କରିବା ସହିତ ପୃଷ୍ଟିକର ଖାଦ୍ୟ ଖୁଆଯାଇଥିଲା । ତା ସହିତ ଶିଶୁ ମାନଙ୍କ ଅନ୍ନପ୍ରସନ ମଧ କରାଯାଇଥିଲା। ଏହି ଅବସରରେ ସୁପରଭାଇଜର ରଶ୍ମିରେଖା ହେମ୍ବ୍ରମଙ୍କ ସମେତ ୧୭ଟି ଅଙ୍ଗନୱାଡ଼ି କେନ୍ଦ୍ରର ୱାର୍କର,ଗର୍ଭବତୀ ମହିଳା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁର ସନ୍ଦେହ ଜନକ ମୃତ୍ୟୁ

ସୋର, (ସବ୍ୟୁ):: ସୋର ଥାନା ସବିରା ପଞ୍ଚାୟତ ଦାଣ୍ଡ ପଳସା ଗ୍ରାମରେ ଜଣେ ଦୁଇ ମାସର ଶିଶୁର ସନ୍ଦେହ ଜନକ ମୃତ୍ୟୁ ହୋଇଯାଇଛି। ରବିବାର ଅପରାହ୍ନରେ ଏହି ଗ୍ରାମର ଶରତ ନାୟକଙ୍କ ଦୁଇ ମାସର ଶିଶୁ ପୁତ୍ର କ୍ରିଭାଂଶକୁ ଛାଡି ମାଆ ଶୌଚ ହେବାକୁ ଯାଇଥିଲେ। ସେଠାରୁ ଫେରିବା ପରେ କ୍ରିଭାଂଶ ସ୍ଥିର ହୋଇ ଶୋଇଥିବା ଦେଖି ତାକୁ ଉଠାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେ ନ ଉଠିବାରୁ ତାଙ୍କୁ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ସକାଳେ ଖବର ପାଇ ସୋର ପୁଲିସ ମେ ପହଞ୍ଚି ଏକ ମାମଲା ରୁଜୁ କରି ଡାକ୍ତରଙ୍କ ପରାମର୍ଶରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୋର ଅବକାରୀ ବିଭାଗର ମିଳିତ ଚଢ଼ାଉ : ୪ ଗିରଫ

ସୋର, (ସବ୍ୟୁ):ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ, ବିଦେଶୀମଦ ଏବଂ ବିୟର ଜବତ କରି ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଓ ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏକ ଟିମ ସହ ଖଇରା ଥାନା ବାରାଯୋଡ଼ି ଗ୍ରାମରେ ଚଢ଼ାଉ କରି ଚିତ୍ରଲେଖା ଦେହୁରୀ ନିକଟରୁ ୧୫ ଲିଟର ଦେଶୀମଦ, ତେନ୍ତୁଳିପଡା ଗ୍ରାମର ଭାସ୍କର ମାଝୀ ନିକଟରୁ ୫. ୪ ଲିଟର ବିଦେଶୀମଦ ଓ ୭. ୮ ଲିଟର ବିୟର ଏବଂ ସୋର ଥାନା ଅଗାଁରୀ ଗ୍ରାମର ଉମାକାନ୍ତ ବାରିକ ନିକଟରୁ ୭. ୫ ଲିଟର ବିଦେଶୀ ମଦ ଓ ବେଲପୁର ଗ୍ରାମର ଶ୍ରୀକାନ୍ତ ରଣା ନିକଟରୁ ୧୨. ୯ ଲିଟର ବିଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ ସୋର ଆଦର୍ଶ ଅବକାରୀ ଥାନା ସହ ଉପ-ନିରୀକ୍ଷକ ବସନ୍ତ କୁମାର ବାରିକ, କ୍ଷୀରୋଦ କୁମାର ସାହୁ ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ଓ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ପୃଥକ ପୃଥକ ୪ ଗୋଟି ମାମଲା ରୁଜୁ କରାଯାଇଛି ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ସୋର,(ସବ୍ୟୁ): : ସୋର ଥାନା କେଶରିପୁର ପଞ୍ଚାୟତ ଶାଳଚୁଆ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ରବିବାର ରାତିରେ ଏକ ଦନ୍ତାହାତୀ ଗ୍ରାମର ଅନୀଲ ମୁର୍ମୁଙ୍କ ଘର ପାଖ ବାଡିରେ ପଶି କଦଳୀ ଗଛ ଖାଉଥିଲା। ଅନୀଲ ଏହା ଦେଖି ହାତୀକୁ ଗୋଡାଇବା ସମୟରେ ହାତୀଟି ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଅନିଲ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।

# ବାହାଘର ବେଳେ ବାଇକ ଚୋରି

ଅସୁରାଳି,(ସବ୍ୟୁ): ଭଦ୍ରକ ଆଖଣ୍ଡଳମଣି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଅସୁରାଳିର ବରୁଣାଇ ମନ୍ଦିର ନିକଟରୁ ବାଇକ ଚୋରି ହୋଇଥିବା ଜଣାପଡିଛି। ରବିବାର ଦିନ ସ୍ଥାନୀୟ ଅଞ୍ଚଳର ଶକ୍ତିପୀଠ ବରୁଣାଇ ମନ୍ଦିରରେ ଏକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।ଏଥିରେ ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତ ସଇଲୋ ଗ୍ରାମର ସନ୍ତୋଷ କୁମାର ଲେଙ୍କା ଯୋଗ ଦେଇଥିଲେ।ସେ ନିଜର ବାଇକ ମନ୍ଦିର ପାଚେରୀ ପାର୍ଶ୍ୱରେ ରଖିଥିବା ବେଳେ କିଛି ସମୟ ପରେ ତାଙ୍କର ହୋଣ୍ଡା ବାଇକ(ନଂ-ଓ ସେଠାରେ ନଥିବା ଦେଖିଥିଲେ।ଏନେଇ ସନ୍ତୋଷ ଧୂଷୁରୀ ଥାନାରେ ଅଭିଯୋଗ କରିଛନ୍ତି ଏବଂ ପୁଲିସ ୨୦୨/୨୬ରେ ଏକ ମାମଲା ରୁଜୁ କରିଛି।

# ଗୋପାଳପୁରରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର,(ସବ୍ୟୁ) : ସୋର ଥାନା ମହୁମୁହାଣ ପଞ୍ଚାୟତ ଗୋପାଳପୁର ଗ୍ରାମରେ ଏକ ବେଲ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତ ଦେହକୁ ସୋର ପୁଲିସ ଉଦ୍ଧାର କରିଛି। ସୂଚନା ଅନୁସାରେ ଗ୍ରାମର ଭଗବାନ ନାୟକ(୫୫) ରବିବାର ରାତିରେ ଖାଇବା ପରେ ଘର ବାହାରକୁ ଯାଇଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ମାତ୍ର ଆଜି ସକାଳେ ଘର ନିକଟ ବିଲରେ ଥିବା ଏକ ବେଲ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବାର ସ୍ଥାନୀୟ ଲୋକେ ଦେଖି ପରିବାର ଲୋକ ଏବଂ ସୋର ପୁଲିସକୁ ଖବର ଦେଇଥିଲେ।ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଲିସ ୨୬/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଜଙ୍ଗଲରୁ ନାବାଳିକା ଶବ ଉଦ୍ଧାର

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ଥାନା ପଡିଆବେଡା ଗ୍ରାମପଞ୍ଚାୟତ ଓରିୟମ ଗ୍ରାମରେ ନାବାଳିକାର ମୃତ ଦେହ ଜଙ୍ଗଲରୁ ଉଦ୍ଧାର ହୋଇଛି । ନିଜ ଓଢଣୀରେ ଗୋଟିଏ ସୀମାରୁଆ ଗଛରେ ଆତ୍ମହତ୍ୟା କରିଥିବାର ଦେଖି ପରିବାର ଲୋକେ ୨୬ ତାରିଖରେ ପୋଲିସକୁ ଖବର ଦେଇଥିଲେ । ନାବାଳିକା ୨୩ ତାରିଖ ଗୁରୁବାର ଅପରାହ୍ନରୁ ନିଖୋଜ ଥିଲେ।୨୬ ତାରିଖ ରବିବାର ସକାଳ ପ୍ରାୟ ୬ ଟା ବେଳେ ପରିବାର ଲୋକେ ଝୁଲନ୍ତା ଅବସ୍ଥାରେ ଠାବ କରିଥିଲେ। ପୋଲିସ ଅପମୃତ୍ୟୁ କେଶ ନଂ ରୁଜୁ କରି ୩/୨୦୨୬ ବଳରେ ଦମକଳ ବାହିନୀ ସହାୟତାରେ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା।ନାବାଳିକା ଗ୍ରାମର ଜନୈକ ଯୁବକକୁ ଏକତରଫା ପ୍ରେମ କରୁଥିଲେ ବୋଲି ଶୁଣିବାକୁ ମିଳୁଛି।ନାବାଳିକା ଥିବାରୁ ପରିବାର ଲୋକେ ବିରୋଧ କରୁଥିଲେ। ତେଣୁ ଝିଅ ମାନସିକ ଭାରସାମ୍ୟ ହରାଇ ଗୁରୁବାର ଅପରାହ୍ନରେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ୩ ଦିନ ପରେ ଜଙ୍ଗଲରୁ ଶବ ମିଳିଥିବା ପରିବାର ଲୋକେ ସୂଚନା ଦେଇଥିଲେ । ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ତଥା ପୋଲିସ ଅନୁସନ୍ଧାନରୁ ସବିଶେଷ ତଥ୍ୟ ମିଳିବ ବୋଲି କୁହାଯାଉଛି।

# ପ୍ରଧାନ ଶିକ୍ଷକଙ୍କ ସହ ଦୁଇ ଶିକ୍ଷୟିତ୍ରୀଙ୍କୁ ତାଲା ପକାଇଲେ ଅଭିଭାବକ

ବାଲେଶ୍ୱର,(ସବ୍ୟୁ): : ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶାସନପଦା ୟୁପି ବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଶିକ୍ଷୟିତ୍ରୀଙ୍କ ବଦଳି ନେଇ ଅଭିଭାବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଭାବକ ଏବଂ ଗ୍ରାମବାସୀ ପ୍ରଧାନ ଶିକ୍ଷକଙ୍କ ସହ ଦୁଇ ଶିକ୍ଷୟିତ୍ରୀଙ୍କୁ ଅଫିସ ରୁମରେ ତାଲା ପକାଇ ୩ଘଣ୍ଟା ଧରି ଅଟକ ରଖିଥିଲେ।ଅଭିଯୋଗ ମୁତାବକ, ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏହା ସ୍କୁଲ କମିଟି ଅଜାଣତରେ ହୋଇଥିଲା। ଫଳରେ ଅଭିଭାବକଙ୍କ ସମେତ କମିଟି ସଦସ୍ୟ ପ୍ରଧାନ ଶିକ୍ଷକଙ୍କୁ ପଚାରିବାକୁ ଆସିଥିଲେ।ହେଲେ ପ୍ରଧାନ ଶିକ୍ଷକ ସନ୍ତୋଷଜନକ ଉତ୍ତର ଦେବା ପରିବର୍ତ୍ତେ ଅଭିଭାବକଙ୍କୁ ଖରାପ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାକୁ ଅଭିଭାବକଙ୍କ ସମେତ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତି କରି ସ୍କୁଲ ଅଫିସ ରୁମରେ ଦୁଇ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକଙ୍କୁ ତାଲା ପକାଇ ଅଟକ ରଖିଥିଲେ। ଖବର ପାଇ ଖନ୍ତାପ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ଚୋରି

ଆନନ୍ଦପୁର , (ସବ୍ୟୁ): ଆନନ୍ଦପୁର ପୌରପାଳିକା ୭ନଂ ୱାଡରେ ବସବାସ କରୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ଘରୁ ଗତ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଘରେ କେହି ନଥିବାରୁ ସୁଯୋଗ ନେଇ ଦୁର୍ବୃତ୍ତ ଗ୍ରୀଲ ଭାଙ୍ଗି ଗଡ଼ରେଜ ଆଲମିରା ରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଏବଂ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଥିବା ନେଇ ପ୍ରସନ୍ନଙ୍କ ପୁଅ ଦେବାଶିଷ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ଆନନ୍ଦପୁର ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ପ୍ରସନ୍ନ ଗତ କିଛି ଦିନ ହେବ ଶାରୀରିକ ଅସୁସ୍ଥତା ହେତୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସ୍ତ୍ରୀ ଓ ପୁଅ ମଧ ଡାକ୍ତରଖାନାରେ ସେବା କରୁଛନ୍ତି। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘର ଭିତରେ ଥିବା ଆଲମିରା ଭାଙ୍ଗି ୩ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି । ତେବେ ନିକଟରେ ରହୁଥିବା ସାନ ଭାଇ ମଧୁସୂଦନ ମିଶ୍ର ରବିବାର ସକାଳେ ଘର କବାଟ ଖୋଲା ରଖିଥିବା ଏବଂ ରୋଷେଇ ଘର ଗ୍ରୀଲ ଭଙ୍ଗା ଯାଇଥିବା ଦେଖି ଘର ପରିବାର ଏବଂ ସ୍ଥାନୀୟ ଲୋକଙ୍କୁ ଅବଗତ କରିଥିଲେ।

# ଭାଟପଡ଼ା ସରପଞ୍ଚ ସମ୍ବର୍ଦ୍ଧିତ

ତିହିଡି, (ସବ୍ୟୁ): , ଭଦ୍ରକରେ ଗତ ୨୪ ତାରିଖ ଦିନ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳନ ଅବସରରେ ଭାତପଡା ସରପଞ୍ଚ ଶୁଭ୍ର ନାରାୟଣ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଞ୍ଚାୟତରେ ପଞ୍ଚଦଶ ଅର୍ଥ କମିଶନଙ୍କ ଅର୍ଥର ସଠିକ ବିନିଯୋଗ କରା ଯାଇଥିବାରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ତେବେ ସରପଞ୍ଚ ଶ୍ରୀ ସେଠୀ ସେଦିନ ଅନୁପସ୍ଥିତ ଥିବାରୁ ସୋମବାର ତିହିଡିରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ତାଙ୍କୁ ଫଳକ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀର ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲ ଗେଟ ନିକଟ କୁଶଗଡିଆ ଛକରେ ଅଜଣା ଗାଡି ଧକ୍କାରେ ଜଣେ ବାରିକ ଆରୋହୀ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସୋମବାର ଅପରାହ୍ନ ୪ଟା ବେହେରା ଓଡି ୨୨ ଡି ୩୫୧୧ନଂ ବାଇକ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ୨ ଜଣ ଆରୋହୀଙ୍କୁ ଭୁଲରାସ୍ତାରେ ଯାଉଥିବା ଏକ ଅଜଣା ଦ୍ରୁତଗାମୀ ଯାନ ଧକ୍କା ଦେଇ ଖସି ପଳାଇଥିଲା। ଫଳରେ ବାଇକ ଆରୋହୀ ୨ଜଣ ଗୁରୁତର ହୋଇ ପଡିଥିଲେ। ସେମାନଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ବାଇକ ଚାଳକ ତିହିଡି ଅଞ୍ଚଳର ନିରଞ୍ଜନ ନାୟକ(୩୭)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ହୋଇଥିବା ଚାନ୍ଦବାଲି ଅଞ୍ଚଳର ସୌମ୍ୟରଞ୍ଜନ ରାଉତ(୩୨)ଙ୍କୁ ଭଦ୍ରକ ମେଡିକାଲକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିଲା। ସ୍ଥାନୀୟ ପୁଲିସ ବାଇକ ଓ ଶବ ଜବତ କରି ତଦନ୍ତ ଚଳାଇଥିବା ଜଣାଯାଇଛି।

# ମିଳିତ ଜନ ଶୁଣାଣି ଶିବିର

ତିହିଡି, (ସବ୍ୟୁ): : ତିହିଡି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆଜି ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣି ଶିବିରରେ ମୋଟ ୭୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୫୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ଥ ଗୋଟିଏ ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୧ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ଜଣେ ଅଭିଯୋଗକାରୀଙ୍କୁ ମୋଟ ୫୦୦୦ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ୨ ଜଣ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରା ଯାଇଥିଲା । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ-ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତାପସ ପ୍ରହରାଜ, ଏଏସପି କାଶ୍ୟପ ପାଠ ଜଗଦୀଶ, ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀକୁ ଲସି ନଦେବାରୁ ମା'କୁ ହତ୍ୟା କଲା ପୁଅ

କରଞ୍ଜିଆ ,(ସବ୍ୟୁ): କରଞ୍ଜିଆ ଥାନା ପାଟବିଲ ପଞ୍ଚାୟତ ବିଶିପୁର ଗ୍ରାମରେ ସ୍ତ୍ରୀକୁ ମଦ ଓ ଲସି ନଦେବା କାରଣରୁ ପୁଅ ଅତି ଅମାନୁଷିକ ଭାବେ ମାଆକୁ ହତ୍ୟା କରିଛି। ଗତ ୧୯ ତାରିଖରେ ବୁଧୁନି ହୋ(୭୦) ନିକଟସ୍ଥ ହାଟକୁ ଯାଇ ଫେରିବା ବେଳକୁ କିଛି ମଦ ଓ ଲସି ସାଙ୍ଗରେ ଆଣିଥିଲା। ଘରେ ପହଞ୍ଚି ମଦ ଓ ଲସିକୁ ପୁଅ ଚାଲା ହୋ ଏବଂ ଅନ୍ୟମାନଙ୍କୁ ଦେଇଥିବା ବେଳେ ଚାଲାର ସ୍ତ୍ରୀକୁ ଦେଇନଥିଲା । ଏତିକିରେ ଚାଲା ତା ମାଆ ସହ ଝଗଡା ପରେ ମାରିବାକୁ ଉଦ୍ୟତ ବେଳେ ବୁଧୁନି ସେଠାରୁ ଦୌଡ଼ି ପଳାଉଥିଲା । ଚାଲା ଏକ ବାଟୁଳି ଦ୍ୱାରା ତାର ମାଆକୁ ମାରିବାରୁ ବାଟୁଳିର ଗୋଲି ତାର ମୁଣ୍ଡରେ ବାଜିବାରୁ ସେ ତଳେ ପଡିଯାଇଥିଲା । ଏହି ସମୟରେ ଚାଲା ଏକ ଲାଠି ଦ୍ୱାରା ବୁଧୁନିକୁ ନିସ୍ଠୁକ ମାଡ଼ ମାରି ଦେହହାତ ଫୁଲାଇ ଦେଇଥିଲା। ଏତିକିରେ ତାର ମନ ନବୁଝିବାରୁ ଘରେ ଥିବା ଏକ ଶାବଳ ଦ୍ୱାରା ମାଆର ଗୋଡ଼ରେ ଭୂଷି ଦେଇଥିଲା । କ୍ଷତାକ୍ତ ବୁଧୁନିର ଚିକିତ୍ସା ନକରି ଘରେ ଏକ ଖଟରେ ଶୁଆଇଦେଇଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ବୁଧୁନି ସୋମବାର ସକାଳେ ମୃତ୍ୟୁ ବରଣ କରିଥିଲା । ଖବରପାଇ ପୁଲିସ ଅଭିଯୁକ୍ତର ଘରକୁ ଯାଇ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଅଭିଯୁକ୍ତକୁ ଗିରଫ କରିଥିଲେ। ଚାଲାର ୭ ସ୍ତ୍ରୀ ଥିବା ଏବଂ ୨୦୦୯ ମସିହାରେ ଗୋଟେ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ଜେଲଦଣ୍ଡ ଭୋଗିବା ପରେ ୨୦୧୦ରେ ମୁକୁଳିଥିବା ପ୍ରକାଶ ।ଆଜିର ଘଟଣାରେ ଚାଲା ନାମରେ ଥାନାରେ ୧୬୫/୨୬ ମୋକଦ୍ଦମା ରୁଜୁ ହୋଇଥିବା ଜଣାଯାଇଛି ।

# ତାଳକୁରୁଆରେ ଯଶୋବନ୍ତ ସେବାଶ୍ରମ ପ୍ରତିଷ୍ଠା

ଖଇର , (ସବ୍ୟୁ): ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ଦ୍ଧନା ପଞ୍ଚାୟତ ଅଧୀନ ତାଳକୁରୁଆ ଗ୍ରାମରେ ଶିକ୍ଷକ ମାୟାଧର ସାହୁଙ୍କ ସଞ୍ଚିତ ଅର୍ଥରେ ଏବଂ ପିତାଙ୍କ ସ୍ମୃତିରେ ନିର୍ମିତ ଯଶୋବନ୍ତ ସେବାଶ୍ରମ ଶଙ୍ଖହୁଳହୁଳି ବେଦମନ୍ତ୍ର ଧ୍ୱନି ମଧ୍ୟରେ ପୂର୍ବାହ୍ନରେ କୃଷ୍ଣଚନ୍ଦ୍ର ପତ୍ରୀ,ବିଭୁତି ତ୍ରିପାଠୀ,ଶ୍ୟାମସୁନ୍ଦର ପଣ୍ଡା ଓ ଅଭିମନ୍ୟୁ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ କରାଯାଇଥିଲା । ପରେ ମାୟାଧର ସାହୁ,ସାଗର ସାହୁ,ଅଶୋକ ସାହୁ,ଗୟାଧର ସାହୁ,ଅଜିତ କୁମାର ସାହୁ ଓ ଅଭିମନ୍ୟୁ ସାହୁଙ୍କ ଉପସ୍ଥିତରେ ପରିଚାଳନା କମିଟି ସଭାପତି ବୁଦ୍ଧିରାମ ପାଣିଗ୍ରାହୀ,ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ଷଡାନନ ପାଣିଗ୍ରାହୀ ପ୍ରମୁଖ ସେବାଶ୍ରମର ଉଦ୍ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସାହାଯ୍ୟସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଧନଞ୍ଜୟ ପଣ୍ଡା,ଶମ୍ଭୁନାଥ ନାୟକ,ଶୁଭ୍ରାଂଶୁ ମହାପାତ୍ରଙ୍କ ସମେତ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ଦ୍ୱାରା ଏହି ମହନୀୟ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ବନ୍ତ,(ସବ୍ୟୁ): ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ମନରେଗା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବ୍ଲକ ସ୍ତରୀୟ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ମନରେଗା ବ୍ଲକ ସହାୟକ ଅନନ୍ତ କିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଏ.ପି.ଡି ଧନୟ ଗୁଡ୍ଡୁ, ବିଡିଓ ସୀତାକାନ୍ତ ରାଉତ, ଡି.ଏସ.ଏ ସତ୍ୟଜିତ୍ ପୃଷ୍ଟି, ବି.ଏସ.ଏ ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ୪୧ଟି ଅଭିଯୋଗର ଶୁଣାଣୀ କରିବା ସହ ସମାଧାନ କରିଥିଲେ । ଶିବିରରେ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧା ସୁମନ ନାଥଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ସରପଞ୍ଚ, ସମିତି ସଭ୍ୟ, ପିଇଓ, ଜି.ଆର.ଏସ ଏବଂ ସମସ୍ତ ଭି.ଆର.ପି ଏବଂ ଏ.ଡି.ଓ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଏସିପି ମିତ୍ରଭାନୁ ସ୍ୱାଇଁ, କର୍ମଚାରୀ ରତ୍ନାକର ଜେନା ସହଯୋଗ କରିଥିଲେ ।

# ବସନ୍ତିଆରେ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବନ୍ତ,(ସବ୍ୟୁ): ବନ୍ତ ବ୍ଲକ ବସନ୍ତିଆ ବଜାର ଠାରେ ଆଖଣ୍ଡଳମଣିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶନିବାର ଅଙ୍କୁରାରୋପଣ ଓ ଶୁଭାଧିବାସ ଏବଂ ରବିବାର ମନ୍ଦିର ପ୍ରତିଷ୍ଠା, ଯଜ୍ଞ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଡହାଟ ପୁଷ୍କରିଣୀରୁ କଳସ ଅଣାଯାଇ ଘଟସ୍ଥାପନା ପୂର୍ବକ ପୂଜାର୍ଚ୍ଚନା ହୋଇଥିଲା । ସରୋଜ କୁମାର ପଣ୍ଡା, ଅମିତା ପଣ୍ଡା, ଦିଲୀପ କୁମାର ସାହୁ, ନିରୁପମା ସାହୁ କଳସ ଧାରଣ କରିଥିଲେ । ପୂଜକ ଯୋଗେନ୍ଦ୍ର ପଣ୍ଡା, ଗଙ୍ଗାଧର ତିଆଡି, ଲିପୁନ ପଣ୍ଡା, ବାବାଜି ତିଆଡି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ପ୍ରକାଶ ଥାଉକି, ବସନ୍ତିଆ ବଜାର ଠାରେ ଦୀର୍ଘ ୭୫ ବର୍ଷ ହେବ ବାବା ଆଖଣ୍ଡଳମଣି ଅସ୍ଥାୟୀ ଭାବେ ପୂଜା ପାଇଆସୁଥିଲେ ।

# ଆଦର୍ଶ ଶିକ୍ଷକ ନାରାୟଣ ଦାଶଙ୍କ ପରଲୋକ

ବନ୍ତ,(ସବୁ): ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସିଲନ୍ଦିସ୍ଥିତ କାହ୍ନୁ ଚରଣ ବିଦ୍ୟା ମନ୍ଦିରର ପ୍ରାକ୍ତନ ଶିକ୍ଷକ ନାରାୟଣ ଦାଶ(୬୭)ଙ୍କର ଶନିବାର ବିଳମ୍ବିତ ରାତ୍ରିରେ ହୃଦ୍ଘାତରେ ପରଲୋକ ଘଟିଛି । ମୃତ୍ୟୁ ଖବର ପାଇ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଦାଶ, ପ୍ରାକ୍ତନ ସଂସ୍କୃତ ଶିକ୍ଷକ ସିଦ୍ଧେଶ୍ୱର ପଣ୍ଡା, ପ୍ରାକ୍ତନ କ୍ରୀଡା ଶିକ୍ଷକ ନାରାୟଣ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ରାଉତ, କନିଷ୍ଠ ସହାୟକ ଉମେଶ ପ୍ରସାଦ କର, ଶିକ୍ଷା କର୍ମଚାରୀ ଗଙ୍ଗାଧର ପାତ୍ର, ପଦ୍ମନାଭ ଜେନା, ହରମୋହନ କର ପ୍ରମୁଖ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ସେହିପରି ସରପଞ୍ଚ ଅଶୋକ କୁମାର ସାହୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମର ଶରୀରକୁ ବିଦ୍ୟାଳୟ ଓ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସତ୍କାର କରାଯାଇଥିଲା । ସାନପୁଅ ତାପସ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛ

# ଏଡବ୍ଲ୍ୟୁଏସ ଓ ଏସଏଚଆଇ ଇଣ୍ଡିଆ ମଧ୍ୟରେ ସହଭାଗିତା

ବାଲେଶ୍ୱର, (ସବ୍ୟୁ) : ଆମାଜନ ୱେବ ସର୍ଭିସେସ (ଏଡବ୍ଲ୍ୟୁଏସ) ପକ୍ଷରୁ ଆଜି ଏଡବ୍ଲ୍ୟୁଏସ ପାର୍ଟନର ନେଟ୍ୱର୍କ (ଏପିଏନ) ସହଯୋଗୀ ଏସଏଚଆଇ ଇଣ୍ଡିଆ ସହ ସହଭାଗିତା ଘୋଷଣା କରାଯାଇଛି ।ଏହି ପଦକ୍ଷେପ ଏଆଇ କ୍ଷମତାଗୁଡିକୁ ଭାରତର ସରକାରୀ ବିଭାଗ, ଷ୍ଟାର୍ଟଅପ, ଉଦ୍ୟୋଗ, ଶିକ୍ଷାନୁଷ୍ଠାନ ଓ ଆରଆଣ୍ଡ ଟି ସଂସ୍ଥାଗୁଡିକ ପାଇଁ ଉପଲବ୍ଧ କରିଛି । ଇଣ୍ଡିଆ ଏଆଇ ମିଶନ ଅଧିନରେ ତାଲିକାଭୁକ୍ତ ଏସଏଚଆଇ ଇଣ୍ଡିଆ, ଆମାଜନ ସେଜ୍ମେକର ସମେତ ବିଭିନ୍ନ ଏଡବ୍ଲ୍ୟୁଏସ ଏଆଇ ସେବା ପ୍ରଦାନ କରୁଛି ଯାହା ସଂସ୍ଥାଗୁଡିକୁ ଜଟିଳ ଏଆଇ ଭିତିଭୂମି ବିଶେଷଜ୍ଞତାର ଆବଶ୍ୟକତା ବିନା ଲାର୍ଜ ଲାଙ୍ଗୁଏଜ ମଡେଲଗୁଡିକୁ ପ୍ରଶିକ୍ଷିତ ଓ କଷ୍ଟମାଇଜ କରିବା ପାଇଁ ଏକ ବିକଳ୍ପ ହେବ ।

ଏସମ୍ପର୍କରେ ଏଡବ୍ଲ୍ୟୁଏସ ଇଣ୍ଡିଆ ଓ ସାଉଥ ଏସିଆର ଅଧକ୍ଷ ସନ୍ଦୀପ ଦତ୍ତ କହିଛନ୍ତି, ଏଆଇର ନେତୃତ୍ୱ ନେବା ପାଇଁ ଭାରତର ଲକ୍ଷ୍ୟ କେବଳ ଟେକ୍ନୋଲୋଜି ପାଇଁ ପହଂଚ ସମ୍ପର୍କିତ ନୁହେଁ, ବରଂ ଏଭଳି ଏକ ପରିବେଶ ନିର୍ମାଣ କରିବା ସମ୍ପର୍କିତ ଅଟେ ଯେଉଁଠାରେ ଉଦ୍ଭାବନ ପ୍ରମୁଖ ହୋଇଥାଏ ଏବଂ ସରକାରୀ ଅନୁଷ୍ଠାନରୁ ଆରମ୍ଭ କରି ଉଦ୍ୟୋଗ ଓ ଷ୍ଟାର୍ଟଅପ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଭିତିଭୂମି ପ୍ରଦାନ କରିଥାଏ । ଭାରତର ସଂସ୍ଥାଗୁଡିକରେ ଯେପରି ଏଆଇକୁ ପରୀକ୍ଷଣରୁ ବାସ୍ତବ ଦୁନିଆର ପ୍ରଭାବରେ ପରିଣତ କରିବା ପାଇଁ ଉଭୟ ଭିତିଭୂମି ଓ କ୍ଷମତା ରହିବ ତାହା ନିଶ୍ଚିତ କରିବା ପାଇଁ ଏସଏଚଆଇ ଇଣ୍ଡିଆ ସହ ଆମର ସହଭାଗିତାକୁ ପରିକଳ୍ପନା କରାଯାଇଥିଲା । ସେହିପରି ଏସଏଚଆଇ ଇଣ୍ଡିଆର ଏସଭିପି ଉତମ ମଜୁମଦାର କହିଛନ୍ତି,ଇଣ୍ଡିଆଏଆଇ ମିଶନ ଭାରତର ଟେକ୍ନୋଲୋଜି କ୍ଷେତ୍ର ପାଇଁ ଏକ ପରିବର୍ତନଶୀଳ ସୁଯୋଗର ଉପସ୍ଥାପନ କରୁଛି ଏବଂ ଏସଏଚଆଇ ଇଣ୍ଡିଆ ଏହି ଜାତୀୟ ଅଭିଯାନରେ ଏଡବ୍ଲ୍ୟୁଏସ ସହ ସହଭାଗିତା କରି ସମ୍ମାନିତ ଅନୁଭବ କରୁଛି ।

# ଭାଷା ବିକାଶ ବସନ୍ତ ସଂଖ୍ୟା : ୨୦୨୬ ଉନ୍ମୋଚନ



ବାଲେଶ୍ୱର,(ସବ୍ୟୁ): ସାଧାରଣତଃ ଗୋଟିଏ ଅନୁଷ୍ଠାନର ଇତିହାସକୁ ପ୍ରବନ୍ଧ ମାଧ୍ୟମରେ ପ୍ରକାଶ କରାଯାଇପାରେ। ମାତ୍ର ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ଏକ ଐତିହାସିକ ନାଟକ ଭାଷାବିକାଶ ଇତିହାସ ଶୀର୍ଷକରେ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ପ୍ରଦର୍ଶିତ ହୋଇଯାଇଛି। ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ କଥୋପକଥନ ମାଧ୍ୟରେ ହାସ୍ୟରସାତ୍ମକ ଏହି ନାଟକ ରଚିତ ହୋଇ ଅନୁଷ୍ଠାନର ଇତିହାସକୁ ପ୍ରାଞ୍ଜଳ ଭାବରେ ପରିବେଷଣ କରାଯାଇଥିଲା। ନିର୍ଦ୍ଦେଶକ ଗୌରୀଶଙ୍କର ସାହାଣୀଙ୍କ ନିର୍ଦ୍ଦେଶନାରେ ପଣ୍ଡିତ ସଂଜୟ କୁମାର ପଣ୍ଡା, ପ୍ରଭାକର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, କୁମରନାଥ ପାତ୍ର, ପ୍ରଫୁଲ୍ଲ କୁମାର ଦାସ ଓ ଶ୍ୟାମରାୟ କର ସୁନ୍ଦର ଅଭିନୟ କରି ଦର୍ଶକମାନଙ୍କର ମନକୁ ମୁଗ୍ଧ କରିପାରିଥିଲେ। ନାଟକ ମଧ୍ୟରେ ସ୍ଥାନ ପାଇଥିବା ତିନିଗୋଟି ସଙ୍ଗୀତରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ବାସନ୍ତୀ ଦେ, ସ୍ନିଗ୍ଧା ସାମନ୍ତରାୟ, ସୁନାମଣି ଜେନା, ଶାନ୍ତି ବିଶି, ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, ସଙ୍ଗୀତା ବାରିକ ପ୍ରମୁଖ ନୃତ୍ୟଶିଳ୍ପୀମାନେ ନୃତ୍ୟାଭିନୟ କରିଥିଲେ। ତୃପ୍ତିରାଣୀ ପାତ୍ର ମଧ୍ୟ ବାଦ୍ୟଯନ୍ତ୍ରରେ ସହଯୋଗିତା କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଗୌରୀଶଙ୍କର ସାହାଣୀଙ୍କୁ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସମ୍ବର୍ଦ୍ଧିତ କରି ତାଙ୍କର ଅମୂଲ୍ୟ ସହଯୋଗ କାମନା କରିଥିଲେ। ନାଟକଟିକୁ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ନାଟ୍ୟାୟନ କରିଥିବାବେଳେ ଦୀପକ ବୋଷ ଭାଷା ସଙ୍ଗୀତ ରଚନା କରିଥିଲେ। ନାଟକର ପରବର୍ତ୍ତୀ କାର୍ଯ୍ୟକ୍ରମରେ ଭାଷାବିକାଶ ବସନ୍ତ ସଂଖ୍ୟା: ୨୦୨୬ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଡାକ୍ତର ନନ୍ଦ ପତ୍ରିକାର ବିଷୟବସ୍ତୁ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ପତ୍ରିକାରେ ୧୦୯ଜଣଙ୍କର 'ଉଡ଼ିବାକୁ ଡେଣା ପ୍ରସାରିଲି ଯେ ଆକାଶ କାହିଁ' ଶୀର୍ଷକ କବିତା ଓ ଡାକ୍ତର ନନ୍ଦଙ୍କର ବୟାସକବି ଓ ବିଶ୍ୱକବି ଶୀର୍ଷକ ପ୍ରବନ୍ଧ ସ୍ଥାନିତ ହୋଇଛି। କୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚାସୀନ କରାଇଥିବାବେଳେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରି ଦର୍ଶକମାନଙ୍କର ସହଯୋଗ କାମନା କରିଥିଲେ।

# ନେସଲେ ଇଣ୍ଡିଆ ପକ୍ଷରୁ ଚତୁର୍ଥ ତ୍ରୈମାସିକ ଆର୍ଥିକ ବର୍ଷ ଫଳାଫଳ ଘୋଷିତ

ଭଦ୍ରକ, (ସବ୍ୟୁ) : ନେସଲେ ଇଣ୍ଡିଆର ବୋର୍ଡ ଅଫ୍ ଡିରେକ୍ଟର୍ସ ଆଜି ୩୧ ମାର୍ଚ୍ଚ ୨୦୨୬ରେ ଶେଷ ହୋଇଥିବା ୪ର୍ଥ ତ୍ରୈମାସିକ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସ୍ୱତନ୍ତ୍ର ଓ ସଂଯୁକ୍ତ ଆର୍ଥିକ ଫଳାଫଳକୁ ଅନୁମୋଦନ କରିଛି । ୨୦୨୫-୨୬ରେ କମ୍ପାନୀର ମୋଟ ବିକ୍ରି ୨୩,୦୭୧.୫ କୋଟି ଟଙ୍କା ରହିଥିବା ବେଳେ ଏବିଟଡା ବିକ୍ରିର ୨୩.୦%ରହିଛି । ସେହିପରି ୪ର୍ଥ ତ୍ରୈମାସିକରେ କମ୍ପାନୀର ମୋଟ ବିକ୍ରି ୬୪୪୫ କୋଟି ଟଙ୍କା ରହିଥିବା ବେଳେ ଏବିଟଡା ମାର୍ଜିନ ୨୬.୩% ରହିଛି । ୨୦୨୫-୨୬ ଆର୍ଥିକ ବର୍ଷରେ କାର୍ଯ୍ୟାନ୍ୱୟନରୁ ମିଳିଥିବା କ୍ୟାଶ ପରିମାଣ ୫୦୪୭.୬ କୋଟି ଟଙ୍କା ରହିଛି । ଏହି ସମୟରେ ପ୍ରତି ସେୟାର ପିଛା ଆୟ ୧୮.୩୮ ଟଙ୍କା ରହିଛି ଏବଂ ଚୂଡାନ୍ତ ଡିଭିଡେଣ୍ଡ ସୁପାରିଶ, ପ୍ରତି ଇକ୍ୱିଟି ସେୟାର ପିଛା ୫ ଟଙ୍କା ରହିଛି ।

କମ୍ପାନୀର ଏହି ଆର୍ଥିକ ଫଳାଫଳ ସମ୍ପର୍କରେ ନେସ୍ଲେ ଇଣ୍ଡିଆର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମନିଷ ତିୱାରୀ କହିଛନ୍ତି, ମୁଁ ଆନନ୍ଦିତ ଯେ, ଏହି ୪ର୍ଥ ତ୍ରୈମାସିକରେ ନେସ୍ଲେ ଇଣ୍ଡିଆ ଉଚ୍ଚ ଦୁଇ ଅଙ୍କ ବିଶିଷ୍ଟ ବୃଦ୍ଧି ହାସଲ କରିଛି ଓ ୬୪୪୫ କୋଟି ଟଙ୍କା ସହ ବର୍ତ୍ତମାନର ସର୍ବାଧିକ ଘରୋଇ ବିକ୍ରି ରେକର୍ଡ କରିଛି ।ଏହି ପ୍ରଦର୍ଶନ ଡବଲ ଡିଜିଟ ଭଲ୍ୟୁମ ଗ୍ରୋଥ ଯୋଗୁଁ ସମ୍ଭବ ହୋଇଛି । ଏଥିସହିତ କମ୍ପାନୀ ୨୬.୩%ର ଏବିଟଡା ମାର୍ଜିନ ମଧ୍ୟ ବଜାୟ ରଖିଛି । କମ୍ପାନୀର ସମସ୍ତ ପ୍ରଡକ୍ଟ ଗ୍ରୁପ ଏହି ଆର୍ଥିକ ବର୍ଷରେ ଉନ୍ନତ ପ୍ରଦର୍ଶନ ବଜାୟ ରଖିଛନ୍ତି । ଗତ ୫ ବର୍ଷ ଧରି ଆମର ପାୱାର ବ୍ରାଣ୍ଡ ମ୍ୟାଗି ନୁଡଲ୍ସ ବଜାରରେ ନିଜର ନେତୃତ୍ୱ ବଜାୟ ରଖିଥିବାବେଳେ କିଟକାଟ ଓ ନେସ୍କାଫେ ନିଜର ମାର୍କେଟ ସେୟାର ବୃଦ୍ଧିକୁ ତ୍ୱରାନ୍ୱିତ କରିଛନ୍ତି । ଆମର କନ୍ଫେକ୍ସନେରି ପ୍ରଡକ୍ଟ ଗ୍ରୁପର ମଜବୁତ ବ୍ରାଣ୍ଡଗୁଡିକର ଉନ୍ନତ ବ୍ରାଞ୍ଚାକ୍ସନ ବୃଦ୍ଧି ଦ୍ୱାରା ମୂଲ୍ୟ ଓ ପରିମାଣରେ ଉଚ୍ଚ ଡବଲ-ଡିଜିଟ ବେଗରେ ବୃଦ୍ଧି ଘଟିଛି ।ମୁଁ ନେସ୍ଲେ ଇଣ୍ଡିଆ ବୋର୍ଡ ସଦସ୍ୟମାନଙ୍କୁ ସେମାନଙ୍କର ମାର୍ଗଦର୍ଶନ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି ।

## ସମ୍ପାଦକୀୟ

# ପ୍ରାତଃ ସ୍ମରଣୀୟ ମଧୁସୂଦନ ଦାସ

ସ୍ୱତନ୍ତ୍ର ଉତ୍କଳ ବା ଓଡ଼ିଶା ପ୍ରଦେଶ ଯାହାଙ୍କ ଉଦ୍ୟମରୁ ସମ୍ଭବ ହୋଇଥିଲା, ତାହା ସେ ଦେଖିବା ପୂର୍ବରୁ ଆଖି ବୁଜି ଦେଇଥିଲେ-୧୯୩୪ ଫେବୃଆରୀ ୪ ତାରିଖରେ । ମାତ୍ର ସେ ଓଡ଼ିଶାରେ ଭୂମିଷ୍ଠ ହୋଇଥିଲେ ୧୯୪୮ ମସିହା ଏପ୍ରିଲ ୨୮ ତାରିଖରେ- ଏବର ତୀର୍ଥସ୍ଥାନ ଅବିଭକ୍ତ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ । ଓଡ଼ିଶାର ସେବା କରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ଦେବାକୁ ତାଙ୍କ ଉଦ୍ୟମରେ ପଟାନ୍ତର ନାହିଁ । ପ୍ରକୃତରେ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ସେ ଅର୍ଥାତ୍ ମଧୁସୂଦନ ଦାସ ପ୍ରାତଃ ସ୍ମରଣୀୟ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ଅନେକ କ୍ଷେତ୍ରରେ ସେ ପ୍ରଥମ ଓଡ଼ିଆ ଭାବେ ଯଶ ଅର୍ଜନ କରିଥିଲେ । ଆଜି ଯେତେବେଳେ ଓଡ଼ିଆମାନେ ଓଡ଼ିଶାରେ କେବଳ ନୁହେଁ, ଓଡ଼ିଶା ବାହାରେ ମଧ ପ୍ରତିଷ୍ଠା ଲାଭ କରିଛନ୍ତି, ସେତେବେଳେ ମଧୁବାବୁ ଖୁବ୍ ମନେ ପଡ଼ିଥାନ୍ତି ।

ଆଜି ଭାରତ ସରକାର ନାରୀମାନଙ୍କୁ ସଶକ୍ତ କରିବାକୁ ଲୋକସଭା ଓ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ ମଧ ବିରୋଧୀଦଳର ଅସହଯୋଗ କାରଣରୁ ତାହା ସମ୍ଭବ ହୋଇ ପାରି ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଖୁବ୍ ବ୍ୟଥିତ ହୋଇଛନ୍ତି । ୧୮୮୬ ମସିହାରେ ମହିଳାମାନଙ୍କର ସ୍ୱତନ୍ତ୍ର ଚିକିତ୍ସା ପାଇଁ ମଧୁବାବୁ ଏକ ଅନୁଷ୍ଠାନ ଗଠନ କରିଥିଲେ । ଏପରିକି ୧୯୦୮ରେ କଟକରେ ସେ ପ୍ରଥମ ବାଳିକା ବିଦ୍ୟାଳୟ ଆରମ୍ଭ କରିଥିଲେ । ଉଭୟ କେନ୍ଦ୍ରର ଏନ୍‌ଡିଏ ଓ ରାଜ୍ୟର ବିଜେପି ସରକାର ଏବେ କୃଷି ଓ କୃଷକଙ୍କ ଉପରେ ଗୁରୁତ୍ୱାରୋପ କରୁଥିବା ଆନନ୍ଦର ବିଷୟ । ମାତ୍ର ବହୁ ପୂର୍ବରୁ ୧୮୮୪ ମସିହାରେ ଓଡ଼ିଶାରେ କେନାଲର ପ୍ରସାର ଓ କୃଷିର ବିକାଶ ପାଇଁ ପ୍ରଥମେ ମଧୁବାବୁ ଉଦ୍ୟମ ଆରମ୍ଭ କରିଥିଲେ ଏବଂ ୧୮୮୫ରେ ଭାରତର ଛୋଟ ଲାଟ ରିଭର୍ସ ଟମାକଙ୍କୁ ଶିଳ୍ପ ଓ କୃଷିର ଉନ୍ନତି ପାଇଁ ସେ ଏକ ଦାବି ପତ୍ର ଦେଇଥିଲେ । ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ତାଙ୍କର ଉଦ୍ୟମ ଅବିସ୍ମରଣୀୟ । ଏଥିପାଇଁ ୧୯୦୪ରେ ସେ ଓଡ଼ିଶାରେ କୁଟୀର ଶିଳ୍ପର ପୁନରୁତ୍ଥାନ ସକାଶେ ଉଦ୍ୟମ ଆରମ୍ଭ କରିଥିଲେ । ୧୯୦୫ରେ ସେ 'ଉତ୍କଳ ଟାନେରୀ'ର ପରିଚାଳନା ଭାର ନେଇଥିଲେ । ୧୯୦୮ରେ ଉତ୍କଳ ଟାନେରୀ ଜରିଆରେ ମୋଚିମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ସେ କରିଥିଲେ ।

**ମହାତ୍ମା ଗାନ୍ଧି ମଧୁବାବୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କର ଶୋକବାର୍ତ୍ତାରେ ଲେଖିଥିଲେ-' ସ୍ୱର୍ଗତ ମଧୁସୂଦନ ଦାସଙ୍କ ସହିତ ମିଶିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଜଣେ ମହାନ ଦେଶପ୍ରେମୀ । ଧର୍ମ ସମ୍ପର୍କରେ ତାଙ୍କର ବଡ଼ ଉଦାର ଦୃଷ୍ଟିଭଙ୍ଗୀ ଥିଲା । ସେ ଖ୍ରୀଷ୍ଟିଆନ ଥିଲେ ବି ହିନ୍ଦୁ ଧର୍ମ ପ୍ରତି ତାଙ୍କର ସମାନ ସମ୍ମାନ ଥିଲା । ସେ ଦେଶର ଯୁବକମାନଙ୍କୁ ଶ୍ରମର ମର୍ଯ୍ୟାଦା ଶିକ୍ଷା ଦେଇଥିଲେ । ବହୁ ତ୍ୟାଗ ସ୍ୱୀକାର କରି ସେ କଟକରେ ଏକ ଟାନେରୀ ପ୍ରତିଷ୍ଠା କରିଥିଲେ । ସେହି ପ୍ରତିଷ୍ଠାନ ଜରିଆରେ ସେ ବାସ୍ତବ କ୍ଷେତ୍ରରେ ଶ୍ରମପ୍ରତି ସମ୍ମାନ ଦେଖାଇଛନ୍ତି ।' ପ୍ରକୃତରେ ମଧୁବାବୁଙ୍କ ତ୍ୟାଗର ତୁଳନା ନାହିଁ ।**

ତାଙ୍କ ବିୟୋଗରେ ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସ (କାନ୍ତକବିଙ୍କ ଭଗ୍ନୀପତି) ଲେଖିଥିଲେ-'ତାଙ୍କର ଜୀବନସାରା ସେ ରାଜପୁତ୍ର ଭଳି ସ୍ୱଚ୍ଛଳ ଥିଲେ ଓ ଖର୍ଚ୍ଚବାର୍ଚ୍ଚ ବି ସେ ରାଜପୁତ୍ର ଭଳି କରୁଥିଲେ । ଅବଶ୍ୟ ସେଥିଲାଗି ତାଙ୍କୁ ଶେଷବେଳକୁ ଆର୍ଥିକ ଅନାଟନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ରୁପା ତାରକସି କାମକୁ ଲୋକପ୍ରିୟ କରିବାକୁ ସେ ବହୁ ଅର୍ଥ ବ୍ୟୟ କରିଥିଲେ । ମଲା ଗାଈଙ୍କ ଚମଡାରୁ ଜୋତା କରି ସେ ତାଙ୍କର ଶିଳ୍ପ ଚାତୁରୀ ପ୍ରଦର୍ଶନ କରିଥିଲେ । ଏ ପର୍ଯ୍ୟନ୍ତ 'ଉତ୍କଳ ଟାନେରୀ' ସୁନାମ ଲୋକେ ଭୁଲି ନାହାନ୍ତି । ଏହାର ପ୍ରାଥମିକ ଅବସ୍ଥାନ ଜୋତା କ୍ରେତାଙ୍କୁ ବର୍ଷକର ଗ୍ୟାରେଣ୍ଟି ଦିଆ ଯାଉଥିଲା ।' ('ଚିର ବନ୍ଦନୀୟ' ପୁସ୍ତକ, ସଂକଳିକା- ଶୈଳବାଳା ଦାସ, ଅନୁବାଦକ- ପଦ୍ମଚରଣ ନାୟକ)

ମହାତ୍ମା ଗାନ୍ଧି ମଧୁବାବୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କର ଶୋକବାର୍ତ୍ତାରେ ଲେଖିଥିଲେ-' ସ୍ୱର୍ଗତ ମଧୁସୂଦନ ଦାସଙ୍କ ସହିତ ମିଶିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଜଣେ ମହାନ ଦେଶପ୍ରେମୀ । ଧର୍ମ ସମ୍ପର୍କରେ ତାଙ୍କର ବଡ଼ ଉଦାର ଦୃଷ୍ଟିଭଙ୍ଗୀ ଥିଲା । ସେ ଖ୍ରୀଷ୍ଟିଆନ ଥିଲେ ବି ହିନ୍ଦୁ ଧର୍ମ ପ୍ରତି ତାଙ୍କର ସମାନ ସମ୍ମାନ ଥିଲା । ସେ ଦେଶର ଯୁବକମାନଙ୍କୁ ଶ୍ରମର ମର୍ଯ୍ୟାଦା ଶିକ୍ଷା ଦେଇଥିଲେ । ବହୁ ତ୍ୟାଗ ସ୍ୱୀକାର କରି ସେ କଟକରେ ଏକ ଟାନେରୀ ପ୍ରତିଷ୍ଠା କରିଥିଲେ । ସେହି ପ୍ରତିଷ୍ଠାନ ଜରିଆରେ ସେ ବାସ୍ତବ କ୍ଷେତ୍ରରେ ଶ୍ରମପ୍ରତି ସମ୍ମାନ ଦେଖାଇଛନ୍ତି ।'

ପ୍ରକୃତରେ ମଧୁବାବୁଙ୍କ ତ୍ୟାଗର ତୁଳନା ନାହିଁ ।

**ଯେପରି କେତେଗୁଡ଼ିଏ ବିନ୍ଦୁର ସମଷ୍ଟିରେ ସମୁଦ୍ରର ସୃଷ୍ଟି ସେହିପରି ଆମ୍ଭେମାନେ ଜଣ ଜଣଙ୍କ ସହ ମିତ୍ରତା ସ୍ଥାପନ କରି ମିତ୍ରତାର ସାଗର ହୋଇ ପାରିବୁ । ଜଗତର ପ୍ରତ୍ୟେକ ବ୍ୟକ୍ତି ଅପର ପ୍ରତି ମିତ୍ରଭାବ ପୋଷଣ କରି ଜୀବନ ଯାପନ କଲେ ଜଗତର ରୂପ ବଦଳି ଯାଆନ୍ତା ।**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଆଇନପେଷାରେ ମଧୁପଣିଆର ପ୍ରାସଙ୍ଗିକତା



ବିଭୁପ୍ରସାଦ ତ୍ରିପାଠୀ

ପ୍ରତିବର୍ଷ ଏପ୍ରିଲ ୨୮ତାରିଖ ମଧୁବାବୁଙ୍କ ଜୟନ୍ତୀକୁ ସାରା ରାଜ୍ୟର ଆଇନଜୀବୀମାନେ 'ଆଇନଜୀବୀ ଦିବସ' ଭାବେ ପାଳନ କରନ୍ତି । ଏହି ଅବସରରେ ସବୁ ବାର୍ ଆସୋସିଏସନ୍ ସଭାଗୃହରେ ମଧୁବାବୁଙ୍କ ଓଡ଼ିଆ ଜାତି ପ୍ରତି ଅବଦାନ, ତାଙ୍କର କୃତି ଓ କୃତିତ୍ୱକୁ ନେଇ ସାଧାରଣ ସଭାମାନ ଅନୁଷ୍ଠିତ ହେଉଛି । ଏହି ଜୟନ୍ତୀରେ ଆଇନପେଷାରେ ମଧୁବାବୁଙ୍କ ସ୍ୱାଭିମାନ, ବିଚାରଧାରା, ଓକିଲପଣିଆ ଓ ସାମାଜିକ ଦାୟିତ୍ୱ ପ୍ରସଙ୍ଗ ସମ୍ପର୍କରେ ଆଇନପେଷାରେ ଯୋଗ ଦେଉଥିବା ନୂଆପିଢ଼ି ଅବଗତ ହେବାଲାଗି କୌଣସି ପ୍ରଚେଷ୍ଟା କରାଯାଉ ନାହିଁ। ଫଳରେ ଆଇନଜୀବୀ ଦିବସଟିକୁ କେବଳ ଗୋଟିଏ ଛୁଟି ଦିବସ ଭାବେ ରାଜ୍ୟର ଅନେକ ଆଇନଜୀବୀ ଗ୍ରହଣ କରି ନେଇଛନ୍ତି । ସେଥିପାଇଁ ଆଇନଜୀବୀଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱ, ସ୍ୱାଭିମାନ କିମ୍ବା ଅସ୍ମିତା ଭାବକୁ ସଞ୍ଚରିତ କରିବା ପାଇଁ ମଧୁବାବୁଙ୍କ ଜୀବନକୁ ବାରମ୍ବାର ଅଧ୍ୟୟନ କରିବା ଏବଂ ଅନୁଶୀଳନ କରିବା ସାମ୍ପ୍ରତିକ ପରିସ୍ଥିତିରେ ବେଶୀ ପ୍ରାସଙ୍ଗିକ ହୋଇ ପଡ଼ିଛି ।

ମଧୁବାବୁ ତତ୍କାଳୀନ ଅବସ୍ଥାରେ ବି.ଏଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ କଲିକତାର (ଏବର କୋଲକାତା) ଚବିଶି ପ୍ରଗଣା ଅର୍ନ୍ତଗତ ଅଲ୍ଲୀପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ କଲିକତା ହାଇକୋର୍ଟରେ ପେଷାଗତ ଅଭିବୃଦ୍ଧି ପାଇଁ ସେ ବିଶିଷ୍ଟ ଇଂରେଜ ବାରିଷ୍ଟର ଜେ.ଡିଉଡ୍ ରଫ୍‌ଙ୍କ ସିରସ୍ତାରେ ଜୁନିଅର ଭାବେ କାର୍ଯ୍ୟ କରୁଥିଲେ । କିନ୍ତୁ 'ଉତ୍କଳ ଦୀପିକା' ଖବରକାଗଜରେ ସେ ଓଡ଼ିଆ ହୋଇ ମଧ କଲିକତାରେ ଅଧ୍ୟୟନ କରିବା ପରେ ତାଙ୍କ ଭିତରେ ଓଡ଼ିଆବୋଧ ଜାଗ୍ରତ ହେଲା ନାହିଁ ବୋଲି ଗୋଟିଏ ଲେଖା ତାଙ୍କୁ ଅଭିଭୂତ କରି ପକାଇଥିଲା । ପରବର୍ତ୍ତୀ ଅବସ୍ଥାରେ ସେ ଯେତେବେଳେ ଓକିଲାତି ପେଷା ଆରମ୍ଭ କରିବା ପାଇଁ ଓଡ଼ିଶାରେ ପହଞ୍ଚିଥିଲେ 'ଉତ୍କଳ ଦୀପିକା'ରେ ମଧ ସେ ପ୍ରସଙ୍ଗଟି ଆଉଥରେ ପ୍ରକାଶିତ ହୋଇଥିଲା ।

କଟକର ଚାନ୍ଦିନୀଚୌକର ବିହାରିବାଗ କୋଠାରେ ଭଡ଼ାଘରେ ମଧୁବାବୁ ଆରମ୍ଭ କରିଥିଲେ ତାଙ୍କର ଓକିଲାତି । ମଧୁବାବୁଙ୍କ ଭିତରେ ଥିବା ଆତ୍ମପ୍ରତ୍ୟୟ ଓ ଅଭିମାନର ଫଳ ସ୍ୱରୂପ ତାଙ୍କୁ କଟକ ବାର୍ ଲାଇବ୍ରେରୀରେ ବସିବା ପାଇଁ ଚଉକି ଖଣ୍ଡେ ମିଳି ନଥିଲେ ମଧ ସେ ଜଜ୍ ସାହେବ କକ୍ଲାନଙ୍କର କୋର୍ଟ ବାରଣ୍ଡାରେ ଆରାମ ଚୌକୀ ପକାଇ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ । ବିଚାରପତି ତାଙ୍କୁ ଯେତେବେଳେ ଏ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ, ତାଙ୍କ ଭିତରେ ଥିବା ଓକିଲ ପଣିଆର ସେ ପରିଚୟ ଦେଇ ଉତ୍ତର ଦେଇଥିଲେ ଯେ ଓଡ଼ିଆଙ୍କ ବାର୍ ଲାଇବ୍ରେରୀରେ ଓଡ଼ିଆ ଓକିଲଙ୍କ ପାଇଁ ସ୍ଥାନ ନାହିଁ । ସେଥିପାଇଁ ମୋର ବିଶ୍ୱାସ ହଜୁରଙ୍କ ବାରଣ୍ଡାରେ ମୋ ପାଇଁ ସ୍ଥାନାଭାବ ହେବ ନାହିଁ । ଜଜ୍ ସାହେବ ଏଭଳି ଶାଣିତ ଉତ୍ତର ଶୁଣି ମଧୁବାବୁଙ୍କୁ କହିଥିଲେ ଯେ ବାର୍ ଲାଇବ୍ରେରୀର ପରିଚାଳନା ସମ୍ପର୍କରେ ଜଣେ ବିଚାରପତି ଭାବେ ସେ କିଛି କରିପାରିବେ ନାହିଁ । ତାଙ୍କର ଖାସ୍ କମରାକୁ ଲାଗି ପେସ୍କାରଙ୍କ ପାଇଁ ଯେଉଁ କୋଠରି ଅଛି ତାକୁ ମଧୁବାବୁ ବ୍ୟବହାର କରିପାରିବେ ।



ରାଉରକେଲାରେ ନିର୍ମିତ ରାଜ୍ୟରେ ମଧୁବାବୁଙ୍କ ସର୍ବପ୍ରଥମ ବ୍ରୋଞ୍ଜ ପ୍ରତିମୂର୍ତ୍ତି, ଯାହା ୨୧/୦୮/୧୯୭୬ରେ ଉନ୍ମୋଚିତ ହୋଇଥିଲା ।

ମଧୁସୂଦନ ପ୍ରଥମେ ଚିନ୍ତା କରିଥିଲେ ଯେ ଓକିଲାତି ପେଷାରେ ସେ ଟଙ୍କା ରୋଜଗାର କରିପାରିବେ, କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଉପଲବ୍ଧି କରିଥିଲେ ଯେ ସେଭଳି ଓଡ଼ିଆ ମହକିଲ ପାଇବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ । ସେଥିପାଇଁ ଓକିଲାତି ଜୀବନ ସହିତ ତାଙ୍କ ରାଜନୈତିକ ଜୀବନର ସମ୍ପର୍କ ଅଧିକ ଘନୀଭୂତ ହୋଇଥିଲା । ଆଇନପେଷାର ସାଂସ୍କୃତିକ ସ୍ୱକୀୟତାକୁ ସେ ପରବର୍ତ୍ତୀ ଅବସ୍ଥାରେ ମଧ ବୁଝି ପାରିଥିଲେ । ଫଳ ସ୍ୱରୂପ ଅନେକ ମୋକଦ୍ଦମା ସେ ମାଗଣାରେ ଲଢିଥିଲେ । ଆଇନଜୀବୀମାନଙ୍କ ମଧ୍ୟରେ ନୈତିକତାର ଗୋଟିଏ ନୂତନ ପରିଭାଷା ତିଆରି କରିଥିଲେ ମଧୁସୂଦନ । କଟକର ମାନସିଂହ ପାଟଣାର ଡକାୟତି ମାମଲାରେ ତାଙ୍କୁ ଅଭିଯୁକ୍ତ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା ସେଥିରେ ସେ ଆଦୌ ବିଚଳିତ ହୋଇ ପଡ଼ି ନଥିଲେ । ଡକାୟତମାନେ ଯେଉଁ ସୁନାରୁପା ଡକାୟତି କରି ଆଣନ୍ତି ସେଗୁଡ଼ିକ ମଧୁବାବୁଙ୍କ ତାରକସି କାରଖାନାରେ ଲଗା ଯାଇଥାଏ ବୋଲି ଅଭିଯୋଗ ଆସିଥିଲା । ତାର କାରଣ ହେଉଛି ମାନସିଂହ ପାଟଣା ବଣିଆ ମହାଜନ ଘରୁ ଯେଉଁ ସୁନାରୁପା ଡକାୟତି ହୋଇଥିଲା ସେଥିରେ ଅଭିଯୁକ୍ତ ରଙ୍ଗା ଓ ଦାନୀଙ୍କ ପାଇଁ ମୋକଦ୍ଦମା ପରିଚାଳନା କରିବାକୁ ଆଗଭର ହୋଇଥିଲେ ମଧୁସୂଦନ । ସେ ନିଜେ ଉପଲବ୍ଧି କରିଥିଲେ ଯେ ପୋଲିସ୍ କେବଳ ସନ୍ଦେହ ଓ ପାରିପାର୍ଶ୍ୱିକ ପ୍ରମାଣ ବଳରେ ସେ ଦୁହିଁଙ୍କୁ ଗିରଫ କରିଥିଲା । ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ମଧୁବାବୁଙ୍କ ପ୍ରୟାସ ତତ୍କାଳୀନ ପୋଲିସ ପଦାଧିକାରୀମାନଙ୍କୁ ମଧୁବାବୁଙ୍କ ଚରିତ୍ର ସଂହାରପାଇଁ ସୁବର୍ଣ୍ଣ ସୁଯୋଗ ଦେଇଥିଲା ।

**କଟକର ମାନସିଂହ ପାଟଣାର ଡକାୟତି ମାମଲାରେ ତାଙ୍କୁ ଅଭିଯୁକ୍ତ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର ହୋଇଥିଲା ସେଥିରେ ସେ ଆଦୌ ବିଚଳିତ ହୋଇ ପଡ଼ି ନଥିଲେ । ଡକାୟତମାନେ ଯେଉଁ ସୁନାରୁପା ଡକାୟତି କରି ଆଣନ୍ତି ସେଗୁଡ଼ିକ ମଧୁବାବୁଙ୍କ ତାରକସି କାରଖାନାରେ ଲଗା ଯାଇଥାଏ ବୋଲି ଅଭିଯୋଗ ଆସିଥିଲା । ତାର କାରଣ ହେଉଛି ମାନସିଂହ ପାଟଣା ବଣିଆ ମହାଜନ ଘରୁ ଯେଉଁ ସୁନାରୁପା ଡକାୟତି ହୋଇଥିଲା ସେଥିରେ ଅଭିଯୁକ୍ତ ରଙ୍ଗା ଓ ଦାନୀଙ୍କ ପାଇଁ ମୋକଦ୍ଦମା ପରିଚାଳନା କରିବାକୁ ଆଗଭର ହୋଇଥିଲେ ମଧୁସୂଦନ । ସେ ନିଜେ ଉପଲବ୍ଧି କରିଥିଲେ ଯେ ପୋଲିସ୍ କେବଳ ସନ୍ଦେହ ଓ ପାରିପାର୍ଶ୍ୱିକ ପ୍ରମାଣ ବଳରେ ସେ ଦୁହିଁଙ୍କୁ ଗିରଫ କରିଥିଲା । ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବା ପାଇଁ ମଧୁବାବୁଙ୍କ ପ୍ରୟାସ ତତ୍କାଳୀନ ପୋଲିସ ପଦାଧିକାରୀମାନଙ୍କୁ ମଧୁବାବୁଙ୍କ ଚରିତ୍ର ସଂହାରପାଇଁ ସୁବର୍ଣ୍ଣ ସୁଯୋଗ ଦେଇଥିଲା ।**

ତାଙ୍କର ତାରକସି କାରଖାନାରେ ଏଭଳି ଡକାୟତି ସୁନାରୁପା ବ୍ୟବହାର କରାଯାଉଥିବାର ଅଭିଯୋଗ କରିବା ସୁବିଧାଜନକ ହୋଇ ପଡ଼ିଥିଲା । ପରବର୍ତ୍ତୀ ଅବସ୍ଥାରେ ଅଭିଯୁକ୍ତମାନେ ଖଲାସ ହୋଇଯିବା ଓ ମଧୁସୂଦନଙ୍କ ବିରୋଧରେ ପୋଲିସର ଅଭିଯୋଗ ମିଥ୍ୟା ବୋଲି ପ୍ରମାଣିତ ହେବା ମଧୁବାବୁଙ୍କ ଭିତରେ ଥିବା ଓକିଲାତି ପେଷାର ସାହସିକତାର ପରିଚୟ ଦିଏ । ମଧୁବାବୁ ସେତିକି ବେଳେ ଏ ମୋକଦ୍ଦମାର ପରିଚାଳନା ନ କରିଥିଲେ ଏହି ଦୁଇ ଅଭିଯୁକ୍ତ ସାରାଜୀବନ ଦ୍ୱିପାନ୍ତରିତ ହୋଇ ରହି ଥାଆନ୍ତେ ।

ଆଇନଜୀବୀଙ୍କ ଅସ୍ମିତାର ଅନ୍ୟତମ ବିନ୍ଧାଣୀ ଭାବେ ମଧୁବାବୁଙ୍କ ଆଇନପେଷା ଜୀବନକୁ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଆଇନପେଷାରେ ତାଙ୍କ ସାଧନା ସମେତ ମୁଣ୍ଡଟେକି ଓଡ଼ିଆ ଓକିଲ ଭାବେ ଚାଲିବା ପାଇଁ ତାଙ୍କର ପ୍ରଚେଷ୍ଟା ଯୁବପିଢ଼ି ଓକିଲଙ୍କ ପାଇଁ ଖୁବ୍ ପ୍ରେରଣାଦାୟକ । ମଧୁବାବୁଙ୍କ ଜୁନିୟର ଗୋକୁଳାନନ୍ଦ ଚୌଧୁରୀ ମଧୁବାବୁଙ୍କ ବିରୋଧରେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେବା ଘଟଣାରେ ବିଧାନସଭା ପରିଷଦକୁ ଯିବା ପାଇଁ ସେ ନିଜେ ଯୋଗ୍ୟ ନୁହନ୍ତି ବୋଲି କହିବା ତାଙ୍କର 'ମୁଁ ପଣିଆ'ରେ ଥିବା ବିନମ୍ରତାର ପରିଚୟ ଦେଇଥିଲା ।

ନିଜର ସହକର୍ମୀ ଓକିଲମାନଙ୍କୁ ମଧୁବାବୁଙ୍କ ଭଲପାଇବା, ସେମାନଙ୍କୁ ସାଥୀରେ ନେଇ ଖାଇବା ଓ ସେମାନଙ୍କ ସହିତ ଏକାଠି ରହିବାରୁଣ ତାଙ୍କର ବାରି ହୋଇ ପଡୁଥିଲା । ଆଜି ବରିଷ୍ଠ ଆଇନଜୀବୀ ଓ ସହକର୍ମୀମାନଙ୍କ ମଧ୍ୟରେ ସେହି ପ୍ରକାରର ସମ୍ପର୍କର ସେତୁର ଆବଶ୍ୟକତା ପଡ଼ିଛି । ନିଜେ ରାତିସାରା ମୋକଦ୍ଦମାର ଶୁଣାଣିର ପ୍ରସ୍ତୁତି କରିବା ସମୟରେ ସହକର୍ମୀମାନଙ୍କ ସହ ଏକାଠି କାର୍ଯ୍ୟ କରିବା ଓ ଅନେକ ରାତିରେ ମଧୁବାବୁ ନିଜ ଚାମ୍ବରରେ ଶୋଇଯିବା ଘଟଣା ଆଇନପେଷା ପାଇଁ ତାଙ୍କ ନିଷ୍ଠା ଓ ସାଧନାକୁ ପ୍ରମାଣିତ କରୁଥିଲା ଏବଂ ତାହା ସହକର୍ମୀ ଓକିଲମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା ।

ନିଜ ଲାଇବ୍ରେରୀ ସହ ମଧୁବାବୁଙ୍କର ଥିଲା ପ୍ରଗାଢ ବନ୍ଧୁତ୍ୱ । ସେ ଲାଇବ୍ରେରୀରେ କେବଳ ଆଇନ ବହି ନୁହେଁ ତତ୍ ସହିତ ଡାକ୍ତରୀ, ଇଞ୍ଜିନିୟରିଂ, ରାଜନୀତି, ଆଧାତ୍ମବାଦ ଓ ସାହିତ୍ୟ ଆଦି ଅନେକ ବିଷୟର ବହି ରହିଥିଲା । ଜଣେ ଭଲ ଓକିଲ ହେବା ଲାଗି ଆଇନ ସହ ଅନ୍ୟାନ୍ୟ ବହୁ ବିଷୟରେ କିଭଳି ଜ୍ଞାନ ଆହରଣ କରିବାକୁ ପଡ଼େ ତାହା ମଧୁବାବୁଙ୍କ ଲାଇବ୍ରେରୀରୁ ଜଣା ପଡୁଥିଲା ।

ଓକିଲାତି ପେଷାରେ ମଧୁବାବୁଙ୍କ ସାଧୁତାର ଜ୍ୱଳନ୍ତ ନିଦର୍ଶନ ଥିଲା ମୋକଦ୍ଦମାଗୁଡ଼ିକରେ ଅର୍ଥ ସର୍ବସ୍ୱ ନ ହୋଇ ତାକୁ ପରିଚାଳନା କରିବାରେ ତାଙ୍କର ଦକ୍ଷତା । ଥରେ ମୋକଦ୍ଦମା ପରିଚାଳନା କରୁଥିଲାବେଳେ ଜଣେ ବିଚାରପତି ମଧୁବାବୁଙ୍କୁ ତାଚ୍ଛଲ୍ୟପୂର୍ଣ୍ଣ ସ୍ୱରରେ କହିଥିଲେ ଯେ ଆପଣ କଣ କହୁଛନ୍ତି ମୁଁ ବୁଝିପାରୁନାହିଁ । ମଧୁବାବୁ ତାହାର ଉତ୍ତରରେ ଶାନ୍ତ ସ୍ୱରରେ କହିଥିଲେ ଯେ ''ହଜୁର ମୁଁ କେବଳ ମୋକଦ୍ଦମା ସମ୍ପର୍କରେ ଯାହା ତଥ୍ୟ ଅଛି ତାହା ଉପସ୍ଥାପିତ କରି ପାରିବି, କିନ୍ତୁ ମୋକଦ୍ଦମା ବୁଝିବା ପାଇଁ ମସ୍ତିଷ୍କ ପ୍ରଦାନ କରି ପାରିବି ନାହିଁ ।''

ଆଇନଜୀବୀର ସତ୍ତା ଓ ପ୍ରାଣକେନ୍ଦ୍ର ଆଇନଜୀବୀର ସ୍ୱାଭିମାନ, ସ୍ୱାଧୀନତା ଓ ସାଧୁତା । ମଧୁବାବୁଙ୍କ ଓକିଲାତି ଜୀବନରେ ଏହି ଆତ୍ମପ୍ରତ୍ୟୟସମ୍ପନ୍ନ ଉଦ୍ଭାସିକତା ସବୁ ସମୟରେ ଦେଖିବାକୁ ମିଳିଥିଲା । ସମାଜ ପାଇଁ, ଜାତି ପାଇଁ, ତାଙ୍କର ଯେତିକି ପ୍ରତିବଦ୍ଧତା ଥିଲା ନିଜ ମହକିଲଙ୍କ ମକଦ୍ଦମା ଲଢିବା ପାଇଁ ତାଙ୍କ ଭିତରେ ଥିଲା ସେତିକି ପାରଦର୍ଶିତା । ଆଜି ଯେତେବେଳେ ଆଇନଜୀବୀମାନେ କୋର୍ଟ, କଚେରୀ ଓ ସାମାଜିକ ବ୍ୟବସ୍ଥାର ଶ୍ୱାସରୁଦ୍ଧକାରୀ ପରିସ୍ଥିତି ସମ୍ପର୍କରେ କୌଣସି ଆଲୋଚନା କିମ୍ବା ବିତର୍କରେ ଭାଗ ନନେଇ ନୀରବଦ୍ରଷ୍ଟା ଭାବେ ନିଜର ସ୍ୱାଧୀକାର ଓ ସ୍ୱାଭିମାନକୁ ବଳି ଦେଉଛନ୍ତି ସେତେବେଳେ ମଧୁବାବୁଙ୍କ ଆଦର୍ଶ ଓ ବିଚାରଧାରା, ପେଷାଗତ ଜୀବନ ଓ ଆତ୍ମସମ୍ମାନବୋଧ ଏହି ନୂଆପିଢ଼ିର ଆଇନଜୀବୀଙ୍କ ପାଇଁ ନିଶ୍ଚିତ ରୂପେ ଉଜ୍ଜ୍ୱଳବର୍ତ୍ତିକା ପାଲଟିବ ।

**ବରିଷ୍ଠ ଆଇନଜୀବୀ**
**ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ**
**ମୋ-୯୪୩୭୦୧୨୪୬୦**

# ବୈଦ୍ୟୁତିକ ଯାନର ସୁଯୋଗ ଓ ସମସ୍ୟା



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତର ବାହନ ବଜାର ପ୍ରତ୍ୟେକ ଦିନ ନୂତନ ଧରଣର ଯାନବାହାନ ସହିତ ଚଳଚଞ୍ଚଳ ହେଉଛି । ବାହନ ପ୍ରତି ଆସକ୍ତି ଆମକୁ ଅଧିକ ପରିମାଣରେ ଅଶୋଧିତ ତେଲର ଆମଦାନୀ କରିବାକୁ ବାଧ କରୁଛି, ଯାହା ଦେଶର ବାଣିଜ୍ୟ ନିଅଣ୍ଟକୁ ବୃଦ୍ଧି କରୁଛି ।

ଏହି ସମସ୍ୟାର ସମାଧାନ ପାଇଁ ସରକାର ଅଧିକ ପରିମାଣରେ ବୈଦ୍ୟୁତିକ ଯାନ ନିର୍ମାଣ କରି ସେଗୁଡ଼ିକୁ ଯଥାସମ୍ଭବ ଲୋକପ୍ରିୟ କରିବାକୁ ପ୍ରୟାସ କରୁଛନ୍ତି । ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ୨୦୩୦ସୁଦ୍ଧା ଦେଶରେ ୮୦ ପ୍ରତିଶତ ବାଇକ୍ ଏବଂ ଅଟୋରିକ୍ସା, ୪୦ ପ୍ରତିଶତ ବସ୍, ୭୦ ପ୍ରତିଶତ ବାଣିଜ୍ୟିକ ଯାନ ଏବଂ ୩୦ ପ୍ରତିଶତ କାର ବିଦ୍ୟୁତ ଚାଳିତ ହେବା । ଏହା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ସଞ୍ଚୟ ହେବ । ଏହାକୁ ପ୍ରୋତ୍ସାହିତ କରିବା ପାଇଁ, ସରକାର ବିଭିନ୍ନ ଯୋଜନା ଏବଂ ପ୍ରୋତ୍ସାହନ ଆରମ୍ଭ କରିଥିଲେ । ଅନେକ ରାଜ୍ୟ ଯାନବାହାନ ପଞ୍ଜୀକରଣ ଶୁଳ୍କ ଛାଡ଼ କରିଥିଲେ ।

ଏହା ସତ୍ତ୍ୱେ ୨୦୨୪-୨୫ ଇଲେକ୍ଟ୍ରି ଯାନ ବିକ୍ରି ସଂଖ୍ୟା କେବଳ ୬.୩ ରୁ ୭.୬ପ୍ରତିଶତ ଥିଲା । ବର୍ତ୍ତମାନ ଯଦିଓ ବୃଦ୍ଧି ପାଉଛି, କିନ୍ତୁ ଏହା ଆଶାନୁରୂପ ନୁହେଁ । ବାଣିଜ୍ୟିକ ଯାନବାହାନର ସଂଖ୍ୟା ନିରାଶାଜନକ ।

ସରକାରୀ ପ୍ରୋତ୍ସାହନ ଏବଂ ଅନେକ ନୂତନ କାରର ଶୁଭାରମ୍ଭ ସତ୍ତ୍ୱେ , ଭାରତରେ ଇଲେକ୍ଟ୍ରି ଯାନ ବିକ୍ରୟ ବୃଦ୍ଧି ପାଉନାହିଁ । ଏହାର ପ୍ରଥମ କାରଣ ଲୋକମାନେ ଏହି ଯାନଗୁଡ଼ିକୁ ଭରସା କରୁ ନାହାନ୍ତି । ଅନ୍ୟ ଏକ ସମସ୍ୟା ହେଉଛି ବୈଦ୍ୟୁତିକ ଯାନର ଚାର୍ଜିଂ । ଚାର୍ଜିଂ ଷ୍ଟେସନ ବହୁତ କମ୍ ଏବଂ ବହୁତ ଦୂରରେ ଅବସ୍ଥିତ । ଲୋକମାନଙ୍କ ମନରେ ପ୍ରଶ୍ନ ଉଠେ, ଯେତେବେଳେ ଯାନଗୁଡ଼ିକର ଚାର୍ଜ ସରିଯିବ, ସେମାନେ କେଉଁଠାରେ ଚାର୍ଜ କରିବେ?

ତେଣୁ ଅନ୍ୟ ସହରଗୁଡ଼ିକୁ ଯାତ୍ରା କରୁଥିବା ଲୋକମାନେ ଭାବୁଛନ୍ତି, ସେମାନେ ସେଠାରେ ଚାର୍ଜିଂ ସୁବିଧା ପାଇବେ କି ନାହିଁ ? ଏହି ସମସ୍ୟା CNG ଚାଳିତ କାର ମାଲିକମାନେ ଗ୍ୟାସ ଷ୍ଟେସନ ଖୋଜିବା ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ସହିତ ସମାନ । ଯଦିଓ ସରକାରଙ୍କ ଦ୍ୱାରା ଚାର୍ଜିଂ ଷ୍ଟେସନ୍ ନିର୍ମାଣ କରାଯାଇଛି, ହେଲେ ସେମାନଙ୍କର ସଂଖ୍ୟା ସୀମିତ । ତେଣୁ, ପେଟ୍ରୋଲିୟମ୍ କମ୍ପାନୀଗୁଡ଼ିକୁ ଆଗକୁ ବଢ଼ି ପେଟ୍ରୋଲ ପମ୍ପଗୁଡ଼ିକରେ ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରିବା ପାଇଁ ପଦକ୍ଷେପ ନେବାକୁ ହେବ । କାର୍ କମ୍ପାନୀଗୁଡ଼ିକ ଏହାର ସମାଧାନ ଖୋଜୁଛନ୍ତି । ଭିଏତନାମ କମ୍ପାନୀ ଭିନଫାଷ୍ଟ ମଡେଲ ଘରେ କାର ଚାର୍ଜିଂ କରିବାକୁ ଅନୁମତି ଦିଏ । ଅନ୍ୟ ଏକ ପ୍ରଶ୍ନ ହେଉଛି ଥରେ ଚାର୍ଜରେ ଏକ କାର କେତେ ଦୂର ଯାତ୍ରା କରିପାରିବ ? ପ୍ରାରମ୍ଭରେ, କାରଗୁଡ଼ିକ ୨୦୦-୨୫୦ କିଲୋମିଟର ଯାତ୍ରା କରିପାରିଲେ କିନ୍ତୁ ଏହା ଗ୍ରାହକମାନଙ୍କୁ ଆକର୍ଷିତ କରିପାରିଲା ନାହିଁ ।

ବର୍ତ୍ତମାନ ଗୋଟିଏ ଚାର୍ଜରେ ୫୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଥିବା କାରଗୁଡ଼ିକ ଉପଲବ୍ଧ, ଯେଉଁଥିରେ କୋରିଆନ୍ କମ୍ପାନୀ କିଆ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଚୀନ୍ କମ୍ପାନୀ ବିଓ୍ୱାଡି (BYD) ଅନ୍ତର୍ଭୁକ୍ତ । ଟେସଲା ୬୦୦ କିଲୋମିଟରରୁ ଅଧିକ ରେଞ୍ଜ ଥିବା କାର ଉତ୍ପାଦନ କରିବା ଆରମ୍ଭ କରିଛି । ଏହା ବ୍ୟତୀତ, କମ୍ ସମୟ ମଧ୍ୟରେ ଚାର୍ଜ ହେଉଥିବା କାର ମଧ ଉପଲବ୍ଧ ।

ହେଲେ, ଗ୍ରାହକ ମାନଙ୍କ ମଧ୍ୟରେ କାର୍ ବ୍ୟାଟେରୀକୁ ନେଇ ଅନିଶ୍ଚିତତା ରହିଛି । ଏଥିରେ ବ୍ୟାଟେରୀ ଜୀବନକାଳ ଏବଂ ବଦଳେଇବା ଖର୍ଚ୍ଚ ଅନ୍ତର୍ଭୁକ୍ତ । ବୈଦ୍ୟୁତିକ କାର ବ୍ୟାଟେରୀ ଭାରତରେ ବହୁତ କମ୍ ନିର୍ମିତ ହୁଏ । ଏହାର ୮୦ ପ୍ରତିଶତ ଉତ୍ପାଦନ ଚୀନରେ ହୁଏ । ଫଳସ୍ୱରୂପ, ସେଗୁଡ଼ିକ ମହଙ୍ଗା । ତେଣୁ ଗ୍ରାହକମାନେ ସେଗୁଡ଼ିକୁ କିଣିବାକୁ ଅନିଚ୍ଛୁକ ।

ଭାରତୀୟ କମ୍ପାନୀଗୁଡ଼ିକ ଏବେ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ବ୍ୟାଟେରୀ ବିକାଶ କରୁଛନ୍ତି । ଗ୍ରାହକମାନଙ୍କ ମଧ୍ୟରେ ଏହି ଦ୍ୱିଧାକୁ ଚିହ୍ନି, କିଛି କମ୍ପାନୀ କାର ବାଇ-ବ୍ୟାକ୍ ଯୋଜନା ଆରମ୍ଭ କରିଛନ୍ତି । କମ୍ପାନୀ ପାଞ୍ଚ କିମ୍ବା ଛଅ ବର୍ଷ ପରେ ପୁରୁଣା କାର୍ କିଣି ନିଏ । ଫଳରେ ଲୋକଙ୍କ ମନରୁ କିଛି ମାତ୍ରାରେ ଭୟ ଦୂର ହେଉଛି ।

**ବୈଦ୍ୟୁତିକ କାର ବ୍ୟାଟେରୀ ଭାରତରେ ବହୁତ କମ୍ ନିର୍ମିତ ହୁଏ । ଏହାର ୮୦ ପ୍ରତିଶତ ଉତ୍ପାଦନ ଚୀନରେ ହୁଏ । ଫଳସ୍ୱରୂପ, ସେଗୁଡ଼ିକ ମହଙ୍ଗା । ତେଣୁ ଗ୍ରାହକମାନେ ସେଗୁଡ଼ିକୁ କିଣିବାକୁ ଅନିଚ୍ଛୁକ । ଭାରତୀୟ କମ୍ପାନୀଗୁଡ଼ିକ ଏବେ ନୂତନ ପ୍ରଯୁକ୍ତିବିଦ୍ୟା ସହିତ ବ୍ୟାଟେରୀ ବିକାଶ କରୁଛନ୍ତି । ଗ୍ରାହକମାନଙ୍କ ମଧ୍ୟରେ ଏହି ଦ୍ୱିଧାକୁ ଚିହ୍ନି, କିଛି କମ୍ପାନୀ କାର ବାଇ-ବ୍ୟାକ୍ ଯୋଜନା ଆରମ୍ଭ କରିଛନ୍ତି । କମ୍ପାନୀ ପାଞ୍ଚ କିମ୍ବା ଛଅ ବର୍ଷ ପରେ ପୁରୁଣା କାର୍ କିଣି ନିଏ । ଫଳରେ ଲୋକଙ୍କ ମନରୁ କିଛି ମାତ୍ରାରେ ଭୟ ଦୂର ହେଉଛି ।**

ଏକ ଧାରଣା ମଧ ଅଛି ଯେ ବୈଦ୍ୟୁତିକ କାରଗୁଡ଼ିକ ମହଙ୍ଗା । ଟାଟା ମୋଟର୍ସ ନୂତନ ଓ ସୁଲଭ କାର ପ୍ରଚଳନ କରି ଏହାକୁ ଦୂର କରିଛି । ଏହି କମ୍ପାନୀ ଭାରତରେ ବୈଦ୍ୟୁତିକ କାର ନିର୍ମାଣରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ବିଦେଶୀ କମ୍ପାନୀ ଯାନ ଯେପରି ବିଓ୍ୱାଡି (BYD) କାରଗୁଡ଼ିକର ମୂଲ୍ୟ ପ୍ରାୟ ୪୦-୫୦ ଲକ୍ଷ ଟଙ୍କା ଏବଂ ଟେସଲା କାରଗୁଡ଼ିକ ଭାରତରେ ନିର୍ମିତ ହୁଏ ନାହିଁ, ତେଣୁ ଏଗୁଡ଼ିକ ଆମଦାନୀ ଶୁଳ୍କ ବହନ କରେ, ଯାହା ଫଳରେ ଏହାର ମୂଲ୍ୟ ଅଧିକ ।

ପୂର୍ବରୁ କୁହାଯାଉଥିଲା ଯେ ଏହି କାରଗୁଡ଼ିକ ଟୋଲ୍ ଟିକସରୁ ମଧ ମୁକ୍ତ ହେବେ, କିନ୍ତୁ ଏବେ ତାହା ସମ୍ଭବ ନୁହେଁ । **ଏହି କାରଣରୁ ବାଣିଜ୍ୟିକ ଯାନ ମାଲିକମାନେ ସେଗୁଡ଼ିକୁ କିଣିବାକୁ ଏଡ଼ାଇ ଯାଉଛନ୍ତି । ଏହି ଯାନଗୁଡ଼ିକ ପାଇଁ ଋଣ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ସୁଧ ସବସିଡି ନାହିଁ ।**

ବର୍ତ୍ତମାନ ବାହନ ବଜାରରେ ପ୍ରତିଯୋଗିତା ସହିତ ସୌଖୀନ କାର ପ୍ରଚଳନ ହେଉଛି । ସରକାରଙ୍କୁ ଏହି ସମସ୍ୟାର ସମାଧାନ କରିବାକୁ ପଡିବ । ଇରାନ-ଉପସାଗର ଯୁଦ୍ଧ ପେଟ୍ରୋଲ ଏବଂ ଡିଜେଲର ନିଅଣ୍ଟ ଆଶଙ୍କା କରୁଛି । ବୈଦ୍ୟୁତିକ ଯାନ ବା ଗ୍ରୀନ୍ ମୋବିଲିଟିକୁ ଆପଣାଇବା ଏବେ ସମୟର ଆହ୍ୱାନ । ସରକାର ବୈଦ୍ୟୁତିକ କାର କିମ୍ବା ବାହନ ଉଦ୍ୟୋଗକୁ ସମର୍ଥନ କରି ଏକ ନୂତନ ରାସ୍ତା ଖୋଲିପାରିବେ । ଏହା ଅର୍ଥନୀତିକୁ ମଧ ବୃଦ୍ଧି କରିବ ।

ରାସ୍ତାରେ ସବୁଜ ସୁଆରି ସଂଖ୍ୟା ଯେତିକି ବୃଦ୍ଧି ପାଇବ ଲୋକଙ୍କ ମଧ୍ୟରେ ବିଶ୍ୱାସ ସେତିକି ବଢ଼ିବ ।

**ନୟାଗଡ଼,ମୋ-୯୪୩୭୬୪୨୯୪୭**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆକାଶ୍ରୁ...

ମଙ୍ଗଳବାର ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଓ ସୋନପୁର ଜିଲ୍ଲାର ବହୁ ସ୍ଥାନରେ ଗ୍ରୀଷ୍ମ ଲହରୀ ପ୍ରବାହିତ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହିତ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ତାରିଖରୁ କାଳବୈଶାଖୀ ପ୍ରଭାବ ବଢ଼ିବ । ତେବେ ଉପକୂଳ ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ବର୍ଷା ହେବାର ଅଧିକ ସମ୍ଭାବନା ରହିଛି । ହେଲେ ଆଭ୍ୟନ୍ତର ଓ ପଶ୍ଚିମ ଓଡ଼ିଶାର ବହୁ ସ୍ଥାନରେ ତାତି ସାଙ୍ଗକୁ ଗୁଳୁଗୁଳି ଲାଗି ରହିବ ।

## ୮୨୮୪ ରପ୍ତାନୀ...

ରହିବ । ଭାରତ ମଧ୍ୟ ନ୍ୟୁଜିଲାଣ୍ଡରୁ ଆମଦାନୀ ସାମଗ୍ରୀ ଉପରେ ଥିବା ଶୁଳ୍କକୁ ହ୍ରାସ କରିଛି । ନ୍ୟୁଜିଲାଣ୍ଡର ରପ୍ତାନୀ ଏହାଦ୍ୱାରା ଲାଭବାନ ରହିବ । ବିଶେଷକରି ଉଲ୍, ମଦ, କାଠ, କୋଇଲା ଓ ଫଳ ଯଥା ଆକକୋଟ୍ ଓ ବ୍ଲ୍ୟୁବେରିସ ଫଳଗୁଡ଼ିକ ଶସ୍ତା ହେବ । ଏହାର ମୂଳ୍ୟ ଲକ୍ଷ୍ୟ ହେଉଛି ୧୫ ବର୍ଷ ମଧ୍ୟରେ ନ୍ୟୁଜିଲାଣ୍ଡ ଭାରତରେ ୧.୮ ଲକ୍ଷ କୋଟି ଟଙ୍କା ନିବେଶ କରିବ । ଏହି ଚୁକ୍ତିନାମା ଅନୁଯାୟୀ ଭାରତୀୟ ବ୍ୟବସାୟୀଙ୍କ ପାଇଁ ବିପୁଳ ସୁଯୋଗ ଖୋଲିବ । ୫ ହଜାର ଭାରତୀୟ ବୃତ୍ତିଧାରୀଙ୍କୁ ଭିଷା ମିଳିବ । ଆୟୁଷ, ଯୋଗ ଶିକ୍ଷକ, ଭାରତୀୟ ରୋଷେୟା ଓ ସଙ୍ଗୀତ ଶିକ୍ଷକଙ୍କ ପାଇଁ ସୁଯୋଗ ଉନ୍ମୋକ୍ତ ହେବ । ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା କ୍ଷେତ୍ରରେ ବିଶେଷ ସୁଯୋଗ ରହିବ । ଭାରତୀୟ ମଦ ଏବଂ ସ୍ପିରିଟ୍ ନ୍ୟୁଜିଲାଣ୍ଡ ବଜାରରେ ଶୁଳ୍କ ମୁକ୍ତ ପ୍ରବେଶ ପାଇବ । ଭାରତ ନ୍ୟୁଜିଲାଣ୍ଡକୁ ଭାରତୀୟ ବଜାରରେ ପ୍ରବେଶ ଦେବାପାଇଁ ୭୦% ଟାରିଫ ଲାଇନ୍ ଖୋଲିଛି । ଏଥିରେ ସେଓ, କିୱିଫ୍ରୁଟ୍ ଏବଂ ମାନୁକା ମହୁ ଭଳି କୃଷି ଉତ୍ପାଦ ଉପରେ ଶୁଳ୍କ ରିହାତି କରାଯାଇଛି । ନ୍ୟୁଜିଲାଣ୍ଡ ପ୍ରାୟ ୫୪% ଅଧିକ ସାମଗ୍ରୀ ଭାରତକୁ ବିନା ଶୁଳ୍କରେ ରପ୍ତାନୀ କରିପାରିବ । ଏଥିରେ ମେଣ୍ଢାମାଂସ, ପଶମ, କୋଇଲା ଓ ଜଙ୍ଗଲ ଜାତୀୟ ଦ୍ରବ୍ୟ ରହିଛି । ତେବେ ଘରୋଇ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ଭାରତ ଦୁଗ୍ଧ ଜାତୀୟ ଦ୍ରବ୍ୟ ପିଆଜ, ଡାଲି, ଚିନି, ଅସ୍ତ୍ରଶସ୍ତ୍ର-ଗୋଳାବାରୁଦ ଏବଂ କିଛି ଧାତୁ ଭଳି ସମ୍ବେଦନଶୀଳ କ୍ଷେତ୍ରକୁ ରିହାତି ତାଲିକାରୁ ବାଦ୍ ଦେଇଛି ।

## ସୋସିଆଲ...

ଓନୋ'ଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) ।

## ଆମେରିକାକୁ...

ଆମେରିକାର ଏ ପର୍ଯ୍ୟନ୍ତ କୌଣସି ସହମତି ଆସିନାହିଁ । ଇରାନର ବୈଦେଶିକ ମନ୍ତ୍ରୀ ଆଲୋଚନା ବିଫଳ ଲାଗି ଆମେରିକାକୁ ଦାୟୀ କରିଛନ୍ତି । ଏହାପରେ ସେ କୂଟନୈତିକ ଗସ୍ତରେ ଋଷ ଯାଇଛନ୍ତି । ସିଧା ସଳଖ ଆଲୋଚନା ଉପରେ ଗୁରୁତ୍ୱ ଦିଆଯାଇଛି । ଇରାନ ବୈଦେଶିକ ମନ୍ତ୍ରୀଙ୍କ ମନ୍ତବ୍ୟ ପରେ ସେଣ୍ଟ ପେଟର୍ସବର୍ଗଙ୍କ ମନ୍ତବ୍ୟ ଆସିଛି । ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଇରାନ ପ୍ରତିନିଧି ଦଳ ଭେଟିବାକୁ ଯାଇଛନ୍ତି । ପାକିସ୍ତାନର ମଧ୍ୟସ୍ଥତା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ପାକିସ୍ତାନ ଦ୍ୱାରା ଯେଉଁ ବୁଝାମଣାର ପ୍ରୟାସ କରାଯାଉଛି ତାହା ବିଫଳ ହୋଇଛି । ସପ୍ତାହକ ମଧ୍ୟରେ ପୁଣି ନୂଆ ବୁଝାମଣା ହୋଇପାରେ ବୋଲି ଆଶା ପ୍ରକାଶ ପାଉଛି । ଋଷ୍ ରାଷ୍ଟ୍ରପତି ପୁଟିନ୍ ଇରାନର ପ୍ରମୁଖ ଡିପ୍ଲୋମାଟ୍‌ମାନଙ୍କୁ କହିଛନ୍ତି ଯେ ଶାନ୍ତି ପ୍ରତିଷ୍ଠା ପାଇଁ ସେ ସମସ୍ତ ପଦକ୍ଷେପ ନେବେ । ଇରାନର ବୈଦେଶିକ ମନ୍ତ୍ରୀ ଋଷ୍‌ରେ ପହଞ୍ଚିବା ପରେ ଆଲୋଚନାର ବିଫଳତା ପାଇଁ ଆମେରିକାକୁ ଦାୟୀ କହିଛନ୍ତି । ତେବେ ଉଭୟ ପକ୍ଷରୁ ଏବେ ଅସ୍ତ୍ରବିରତି ଜାରି ରହିଛି । ଇରାନ କହିଛି ଯେ ଦେଶର ସ୍ୱାର୍ଥ ପାଇଁ ଆମେ ସବୁକିଛି କରିବାକୁ ପ୍ରସ୍ତୁତ ଅଛୁ । ଯଥାଶୀଘ୍ର ସେଠାରେ ଶାନ୍ତି ଫେରୁ ବୋଲି ସେ କହିଛନ୍ତି ।

## ନିଯୁକ୍ତ...

ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି । ଏହି ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ବିଜେପି କ୍ଷମତାକୁ ଆସିବା ପରେ ନିଜର ନିର୍ବାଚନ ପ୍ରତିଶ୍ରୁତି କ୍ରମେ ୨୦୨୫ରେ ଲିଙ୍ଗରାଜ ମନ୍ଦିରର ପରିଚାଳନା ସଂସ୍କାର ନିମନ୍ତେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଏକ କମିଟି ଗଠନ କରିଥିଲେ । ଚଳିତ ବର୍ଷ ଜାନୁଆରୀରେ କମିଟି ପ୍ରଥମ ଅନ୍ତରୀଣ ରିପୋର୍ଟରେ ଶ୍ରୀମନ୍ଦିର ପରିଚାଳନା ଢାଞ୍ଚାରେ ଲିଙ୍ଗରାଜ ମନ୍ଦିର ପରିଚାଳନା କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ମନ୍ଦିର ରେକର୍ଡ ଅଫ୍ ରାଇଟ୍ସର ସମୀକ୍ଷା ଏବଂ ଚୂଡ଼ାନ୍ତ କରିବାକୁ ମଧ୍ୟ କହିଥିଲେ ।

## ପୃଥକ୍...

ନୀଳମଣି ସାହୁ ଓ ମୋବୁ ବଳା ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ପ୍ରକାଶ ବଳ ସମସନ୍ତ ଅତି ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ଅଣାଯାଇଥିଲା ପକାଶଙ୍କୁ କଟକ ସ୍ଥାନାନ୍ତରିତ କରାଯାଇ ଦୁର୍ଘଟଣା କାରର ପରିବାରଙ୍କୁ ଖବର ଦିଆଯାଇଛି । ସେହିଭଳି ପଡିଆବେଡା କଲେଜରୁ ଅର୍ଜୁନ କୁମାର ମଲ୍ଲିକ ତାଂକ କାର୍ଯ୍ୟ ସରି ଫେରୁଥିଲେ, କାଦଦିହ ଛକ ନିକଟରେ ଜଣେ ଅଜଣା ବ୍ୟକ୍ତିଙ୍କ ମଟର ସାଇକେଲ ସହିତ ଧକ୍କା ଲାଗିଥିଲା । ଫଳରେ ସେ ଗୁରୁତର ଆହତ ହୋଇ କରଞ୍ଜିଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ଖବର ପାଇ ପୋଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ିକୁ ଜବତ କରିବ ସହ ମୃତ ଦେହଗୁଡ଼ିକ ବ୍ୟବଚ୍ଛେଦ ପାଇଁ ପାଠାଇଛି ।

## ପଶ୍ଚିମବଙ୍ଗ...

ଫୋର୍ସ ୭ ଜିଲ୍ଲାରେ ମୁତୟନ ଅଛନ୍ତି । ୧୪୨ ସାଧାରଣ ପର୍ଯ୍ୟବେକ୍ଷକ ଥିବାବେଳେ ୯୫ ପୋଲିସ ପର୍ଯ୍ୟବେକ୍ଷକ ଓ ୧୦୦ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମୁତୟନ ହୋଇଛନ୍ତି । କ୍ୟାମେରା ଥିବା ଡ୍ରୋନ୍‌କୁ ମଧ୍ୟ ମୁତୟନ କରାଯାଇଛି । କୋଲକାତାରେ କେବଳ ୨୭୩ କେନ୍ଦ୍ରୀୟ ଫୋର୍ସଙ୍କୁ ମୁତୟନ କରାଯାଇଛି । ୨୯ ରେ ନିର୍ବାଚନ ହେବାକୁ ଥିବା ଭାଙ୍ଗରରେ ସର୍ବାଧିକ ୧୯ ଜଣ ପ୍ରାର୍ଥୀ ଥିବାବେଳେ ଗୋ-ଘାଟରେ ୫ ଜଣ ପ୍ରାର୍ଥୀ ରହିଛନ୍ତି । ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଭବାନୀପୁରରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲଢୁଛନ୍ତି । ସେହିଭଳି ବିଜେପିର ଶୁଭେନ୍ଦୁ ଅଧିକାରୀ ମଧ୍ୟ ଏହି ପର୍ଯ୍ୟାୟରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତୃଣମୂଳ କଂଗ୍ରେସ ନେତା ଅଭିଶେକ ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ବିଜେପି ତା'ର ପ୍ରତିଶ୍ରୁତି ରକ୍ଷା କରିପାରିନାହିଁ । ୧୫ ଲକ୍ଷ ଟଙ୍କା ପ୍ରତି ଆକାଉଣ୍ଟକୁ ଦେବା ଓ ବାର୍ଷିକ ୨ କୋଟି ଚାକିରୀ ପ୍ରତିଶ୍ରୁତି ପୂରଣ କରିପାରିନାହିଁ । ପ୍ରଥମ ପର୍ଯ୍ୟାୟ ଭୋଟ୍ ଏପ୍ରିଲ ୨୩ରେ ପଡିଥିଲା । ମମତା ବାନାର୍ଜୀ ଦାବି କରିଛନ୍ତି ଯେ ତାଙ୍କ ଦଳ ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଅଧିକ ସିଟ୍‌ରେ ଜିତି ସରକାର କରିବ । ସେହିଭଳି ବିଜେପି ମଧ୍ୟ ପ୍ରଥମ ପର୍ଯ୍ୟାୟରେ ୧୦୦ରୁ ଉର୍ଦ୍ଧ୍ୱ ଆସନ ପାଇବ ବୋଲି ଦାବି କରିଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ସେହିଭଳି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ୨୫ ବର୍ଷ ପରେ ବରହମପୁରରୁ ନିର୍ବାଚନ ଲଢୁଛନ୍ତି ।

## ସଦସ୍ୟତା...

ପଦ ଖାରଜ ହୋଇଥିଲା । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଯେଉଁ ୮ ବିଧାୟକ ଦଳ ବିରୋଧୀ କାର୍ଯ୍ୟ କରିଛନ୍ତି ସେମାନେ ଦଳରେ ରହିବାର ଆବଶ୍ୟକ ନାହିଁ । ତୁରନ୍ତ ସଭ୍ୟ ପଦର ବିଦା ହୁଅନ୍ତୁ ନହେଲେ ନିଜଆଡୁ ପଦ ଛାଡ଼ନ୍ତୁ । ଯଦି ସେମାନେ ଲୋକପ୍ରିୟ ଉପନିର୍ବାଚନକୁ ଆସନ୍ତୁ । ଅପରପକ୍ଷରେ ନିଲମ୍ବିତ ବିଧାୟକ ଦେବୀ ତ୍ରିପାଠୀ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ହ୍ୱିପ୍ କାମ କରେନାହିଁ । ଆମ ଉପରେ ଆକ୍ସନ ନେବା ଆଳରେ ଦଳରେ ଥିବା ବିଧାୟକଙ୍କୁ ଚାବୁକ ମାରି ଡରାଇବା ପାଇଁ ଏହି ପ୍ରୟାସ କରାଯାଇଛି । ସୌଭିକ୍ ବିଶ୍ୱାଳ ମଧ୍ୟ ଜବାବ ରଖିଛନ୍ତି ।

# ବଗିରିଆ ପାକ୍ସ: ଦାୟିତ୍ୱ ହସ୍ତାନ୍ତର ନୋହିଲା, କାର୍ଯ୍ୟାଳୟ ଛାଡ଼ି ପଳାଇଲେ ଯୁବକ

ପାଣିକୋଇଲି, (ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଂଚାୟତସ୍ଥିତ ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିଃ (ପାକ୍ସ)କୁ ଆଜି ଘେରିଥିଲେ ସଦସ୍ୟ ଥିବା ଶତାଧିକ ଚାଷୀ ଫଳରେ ମନମୁଖି ଭାବେ ଦାୟିତ୍ୱ ହସ୍ତାନ୍ତର ଯୋଜନା ଫସର ଫାଟିଲା। ଆଜିର ବଗିରିଆ ପାକ୍ସର ପରିଚାଳନା କମିଟିର ହେବାକୁ ଥିବା ବୈଠକକୁ ସଭାପତି ଓ ସମ୍ପାଦକଙ୍କ ଅନୁପସ୍ଥିତ ଯୋଗୁ ବାତିଲ କରାଯାଇଥିବା ପରିଚାଳନା ସମିତିର ଉପସଭାପତି ନିରୁପମା ମହାପାତ୍ର ଲିଖିତ ଭାବେ ଘୋଷଣା କରିଥିଲେ। ପ୍ରକାଶ ଯେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ସୁଦର୍ଶନ ମଲ୍ଲିକ କାର୍ଯ୍ୟରତ ଅଛନ୍ତି। ଚଳିତ ଏପ୍ରିଲ ମାସ ୩୦ ତାରିଖ ରେ ସେ ଅବସର ଗ୍ରହଣ କରିବେ। ଅବସରର ଯଥେଷ୍ଟ ପୂର୍ବରୁ ଟଂଚକତା କରି ପାକ୍ସର ପରିଚାଳନା କମିଟିକୁ ପ୍ରଭାବିତ କରିବା ସହ ତାଙ୍କ ପୁତ୍ର ଦେବାଶିଷ ମଲ୍ଲିକଙ୍କୁ ସହକାରୀ ସମ୍ପାଦକ ଭାବେ ଦାୟିତ୍ୱ ହସ୍ତାନ୍ତର କରିବାର ମସୁଧା ଚଳାଇଥିବା ପାକ୍ସର ଶତାଧିକ ସଭ୍ୟଙ୍କ ଦ୍ୱାରା ସମବାୟ ସମିତିର ଉପନିବନ୍ଧକଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ପୂର୍ବରୁ ଶ୍ରୀ ମଲିକ ତାଙ୍କ ସମ୍ପାଦକ କାର୍ଯ୍ୟକାଳ ମଧ୍ୟରେ କରିଥିବା ବିଭିନ୍ନ ବେଆଇନ କାର୍ଯ୍ୟ ଏବଂ ଆର୍ଥିକ ହେରଫେରକୁ ଚପାଇବା ସହ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହି ମସୁଧା ଚଳାଇଥିବାର ଅଭିଯୋଗରେ ଦର୍ଶାଯାଇଥିଲା। ଏହି କ୍ରମରେ ଆଜି ସମିତିର ପରିଚାଳନା କମିଟି ବୈଠକ ଡକାଯାଇ ଦାୟିତ୍ୱ ହସ୍ତାନ୍ତର କରାଯିବା ସହ ସହ ସମ୍ପାଦକ ଭାବେ ତାଙ୍କ ପୁଅକୁ ଘୋଷଣା କରିବାର ଥିଲା। ମାତ୍ର ଅଭିଯୋଗ ପରେ ଆଜି ଚାଷୀମାନେ ପାକ୍ସରେ ପହଂଚିବା ପରେ ସମିତି କାର୍ଯ୍ୟାଳୟରେ ଦେବାଶିଷ ଉପସ୍ଥିତ ଥିବା ଦେଖି ତୁମେ କିଏ ବୋଲି ପ୍ରଶ୍ନ କରିଥିଲେ। ସେ ନିଜକୁ ସହ ସମ୍ପାଦକ ବୋଲି କହିବାରୁ ତାର ପ୍ରମାଣ ପରିଚାଳନା କମିଟି ସଦସ୍ୟ ଓ ଚାଷୀମାନେ ମାଗିଥିଲେ। ଫଳରେ ଦେବାଶିଷ ନିରୁପାୟ ହୋଇ ପ୍ରମାଣ ଦେଖାଇବା ପରିବର୍ତ୍ତେ କାର୍ଯ୍ୟାଳୟ ଛାଡି ପଳାୟନ କରିଥିଲେ। ଏହା ପରେ ଶତାଧିକ ଚାଷୀ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିବା ସହ ଘଟଣାର ସଠିତ ତଦନ୍ତ କରାଯିବା ସହିତ ଦେବାଶିଷ କିଏ ବୋଲି ପ୍ରଶ୍ନ କରିଥିଲେ। ପାକ୍ସରେ ବାପ ପୁଅ ରାଜନିତୀ ଚଳିବ ନାହିଁ ବୋଲି ଦାବୀ କରିଥିଲେ। ପରିଚାଳନା କମିଟିର ଉପସଭାପତି ନିରୁପମା ମହାପାତ୍ର,ସଦସ୍ୟ ଅଶୋକ କୁମାର ସାହୁ, ନଟବର ମହାପାତ୍ର, ଅକ୍ଷୟ ଧଳ, ପ୍ରଣୟ ମହାପାତ୍ର, ନବଘନ ପରିଡା ଉପସ୍ଥିତ ଥିବା ବେଳେ ପରିଚାଳନା କମିଟିର କୌଣସି ନିଷ୍ପତି କରାଯାଇନଥିବା ବେଳେ ଦେବାଶିଷ ନିଜକୁ କିପରି ସହସମ୍ପାଦକ ଘୋଷଣା କଲେ ସେ ନେଇ ସଦସ୍ୟ ମାନେ ଜାଣିନଥିବା ଲିଖିତ ଭାବେ ଦର୍ଶାଇଥିଲେ। ଫଳରେ ଉତ୍ୟକ୍ତ ଚାଷୀମାନେ ଘରକୁ ଫେରିଥିଲେ। ଏହାର ସଠିକ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଚାଷୀ ମାନଙ୍କ ପକ୍ଷରୁ ଦାବି ହୋଇଛି।

# ୨୩ ଦିନ ପରେ ଖୋଲିଲା ଲେଣ୍ଡୁ ସମବାୟ ସମିତିର ତାଲା

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଡୁ ସେବା ସମବାୟ ସମିତିରେ ଦୀର୍ଘ ୨୩ ଦିନ ଧରି ଲାଗି ରହିଥିବା ଅଚଳାବସ୍ଥାର ଅନ୍ତ ଘଟିଛି । ସମିତିର ସମ୍ପାଦକ ସ୍ୱର୍ଗତ ଦେବବ୍ରତ ସାମନ୍ତରାୟଙ୍କ ଅକାଳ ବିୟୋଗ ପରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ବେଳେ, ସୋମବାର ଦିନ ପ୍ରଶାସନିକ ହସ୍ତକ୍ଷେପ ଫଳରେ ତାଲା ଭଙ୍ଗାଯାଇ ସମସ୍ତ ରେକର୍ଡ ଓ ସମ୍ପତ୍ତି ଜବତ କରାଯାଇଛି । ଗତ ୪ ତାରିଖରେ ସମ୍ପାଦକ ଦେବବ୍ରତ ସାମନ୍ତରାୟ (ଦୀପୁ)ଙ୍କ ମୃତ୍ୟୁ ପରେ ସମିତିର ଦୈନନ୍ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା । ଚାଷୀମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବାରୁ ଅଞ୍ଚଳରେ

## ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରେକର୍ଡ ଜବତ

ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଏହାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଚିଠି ସଂଖ୍ୟା ୬୭୪ ଜରିଆରେ ସୁନ୍ଦରପୁର ସମିତି ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଥିଲେ । ମାତ୍ର ଗତ ୧୭ ତାରିଖରେ ସମିତି କର୍ମକର୍ତ୍ତାଙ୍କ ଅନୁପସ୍ଥିତି ଯୋଗୁଁ ତାଲା ଖୋଲାଯାଇ ପାରିନଥିଲା ।ପରିସ୍ଥିତିର ଗମ୍ଭୀରତାକୁ ଦେଖି ସହକାରୀ ନିବନ୍ଧକଙ୍କ ନୂତନ ଅର୍ଡର (୭୭୧, ତା-୨୪.୦୪.୨୦୨୬) ଅନୁଯାୟୀ, ସୋମବାର ପୂର୍ବାହ୍ନ ସାଢ଼େ୧୦ଟାରେ ରେ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ସମିତିର ଚାବି ଭଙ୍ଗାଯାଇଛି । ମୃତ ସମ୍ପାଦକଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ହିସାବ କିତାବ ଓ କାଗଜପତ୍ର ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ଚାବି ଖୋଲା ସମୟରେ ସହକାରୀ ନିବନ୍ଧକ ଭାଗମୀ ମାରାଣ୍ଡି, ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ, ଏରିଆ ଅଫିସର୍ ଜ୍ୟୋତିର୍ମୟୀ ଲେଙ୍କା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କରୁ ଏ.ଆଇ ଦେବାଶିଷ ପରିଡ଼ା, ଲେଣ୍ଡୁ ସମିତି ସଭାନେତ୍ରୀ ସଂଯୁକ୍ତା ରାୟସିଂହ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଏବଂ ସୁନ୍ଦରପୁର ସମ୍ପାଦକ ତଥା ନୂତନ ଭାରପ୍ରାପ୍ତ ସମ୍ପାଦକ ବାଙ୍କନିଧି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ବିଜୟ କୁମାର ପଲଟାସିଂହ, ସରପଞ୍ଚ ବିନୋଦିନୀ ଦାସ ଓ ସମିତି ସଭ୍ୟ ବିକାଶ ରଞ୍ଜନ ନାୟକ ସମେତ ସମସ୍ତ କମିଟି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ୧୦୦ରୁ ଉର୍ଦ୍ଧ୍ୱର୍ ଚାଷୀଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆଗାମୀ ଦିନରେ ସମିତିର କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି ।

# ଜାତୀୟ ପଞ୍ଚାୟତିରାଜ ଦିବସ

ସାକ୍ଷୀଗୋପାଳ, (ସବ୍ୟୁ): ସତ୍ୟବାଦୀ ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଠାରେ ଉଦଘାଟନ କରିଥିବା ଜାତୀୟ ପଞ୍ଚାୟତରାଜ ଦିବସ ଉଦଘାଟନ ଉତ୍ସବକୁ ଆଭାସୀ ମାଧ୍ୟମରେ ପ୍ରସାରିତ କରା ଯାଇଥିଲା । ସତ୍ୟବାଦୀ ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ବିଡିଓ ଦେବାଶିଷ ନାୟକ, ୩୩ ନ୍ ଜୋନ ଜିଲ୍ଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ୩୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ । ଏହି ଅବସରରେ ସମୁଦାୟ ୧୩୫ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ନିର୍ମାଣ ଯୋଜନାରେ ଆବାସ ନିର୍ମାଣ ନିମନ୍ତେ ବିଧାୟକ ଶ୍ରୀ ମିଶ୍ର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ୮ ଜଣ ହିତାଧିକାରୀ ଗୃହ ନିର୍ମାଣ ସଠିକ ସମୟରେ କରି ସାରିଥିବାରୁ ସେହି ହିତାଧିକାରୀ ମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦେବାଶିଷ ପତ୍ରୀ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ୩ରୁ ଶିଶୁ ବ୍ୟକ୍ତିତ୍ୱ ବିକାଶ ଶିବିର

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବରପଦା ଗ୍ରାମ ରେ ଶ୍ରୀ ଶ୍ରୀ ଚୈତନ୍ୟଦେବ ଭାଗବତ ପ୍ରଚାର ସମିତି ତରଫରୁ ଶିଶୁ ବ୍ୟକ୍ତିତ୍ୱ ବିକାଶ ଶିବିରାସନ୍ତା ୩ ତାରିଖ ରୁ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ବ୍ୟକ୍ତିବ ବିକାଶ ଶିବିର ରେ ଜିଲ୍ଲାର ୬ଷ୍ଠ ଶ୍ରେଣୀ ରୁ ୧୧ଦସ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ଶିବିର ଚାଲିବ । ଶିବିର ରେ ପ୍ରମୁଖ ବିଷୟବସ୍ତୁ ରହିଛି ଚରିତ୍ରଗଠନ ଓ ମୂଲ୍ୟବୋଧ ଶିକ୍ଷା, ଯୋଗ, ଧ୍ୟାନ ଓ ଆତ୍ମ ନିୟନ୍ତ୍ରଣ ପ୍ରଶିକ୍ଷଣ, ନେତୃତ୍ୱ ବିକାଶ ଓ ବ୍ୟକ୍ତିତ୍ୱ ଗଠନ, ଗୁରୁ ଶିଷ୍ୟ ପରମ୍ପରା ଓ ଭାରତୀୟ ସଂସ୍କୃତି ଚର୍ଚ୍ଚା, ଆଧ୍ୟାତ୍ମିକ ପ୍ରେରଣା ଓ ଜୀବନ ଦର୍ଶନ, ଶିଷ୍ଟାଚାର, ସେବା ଓ ରାଷ୍ଟ୍ରସେବାର ମନୋଭାବ ଜାଗରଣ । ଏହି ଶିବିରକୁ ଉଦ୍‌ଘାଟନ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ । ଏହି ଶିବିର ଆୟୋଜିତ ପାଇଁ ରବିବାର ସନ୍ଧ୍ୟାରେ ଆଳସାହି ଐସାନେଶ୍ୱର ବିଦ୍ୟାପୀଠ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବା ସହ ,ଶିବିର ର ମୁଖ୍ୟ ଭାବେ ଅନୁଷ୍ଠାନ ର ଉପଦେଷ୍ଟା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ରହି ମନୁଷ୍ୟ ଗଢ଼ା ଯଜ୍ଞ ଓ ସଂସ୍କାର ଆନ୍ଦୋଳନ ପାଇଁ ଅଭିଯାନରେ ସମସ୍ତଙ୍କ ସହାଭାଗିତା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ଏଥି ସହ ଅନୁଷ୍ଠାନର ବରିଷ୍ଠ କର୍ମୀ ଯଥା ନରେନ୍ଦ୍ର ସ୍ୱାଇଁ, ଜୟରାମ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଶାନ୍ତ ଭୋଳ, ଐସାନେଶ୍ୱର ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସ୍ୱାଇଁ, ସଭାପତି ବିନ୍ଦୁ ସାଗର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ ।

**ଲାଇସେନ୍ସ ହଜିଛି**

ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ମୋର ମୂଳ ସ୍ୱଳ୍ପ ସଞ୍ଚୟ ଲାଇସେନ୍ସ, MPKBY/258/02 ଟି କେଉଁଠାରେ ହଜିଯାଇଛି । ଏ ସଂକ୍ରାନ୍ତରେ ଟମାଣ୍ଡୋ ଥାନାରେ ଏତଲା ମଧ୍ୟ ଦେଇଛି । କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଇଥିଲେ ଦୟାକରି ଫେରସ୍ତ କରିବାକୁ ବିନମ୍ର ଅନୁରୋଧ । ଅନ୍ୟ କେହି ଏହାର ଦୁରୁପଯୋଗ କଲେ ବିଧି ମୁତାବକ ଦଣ୍ଡନୀୟ ହେବେ ।

ସ୍ୱା/- ସଂଯୁକ୍ତା ସାହୁ
ମୋ : ୯୮୬୧୦୬୩୪୦୪

GOVERNMENT OF ODISHA
HOUSING AND URBAN DEVELOPMENT DEPARTMENT
OFFICE OF THE BIRAMITRAPUR MUNICIPALITY: BIRAMITRAPUR

"e" Procurement Notice

13001/308/2627

Tender ID:

Tender call Notice No : 1046 Date : 24.04.2026

1. Name of work : Civil works as mentioned in DTCN.
2. No. of works : 02 Nos. of work.
3. Bid value : Rs. 10.68 lakhs to Rs. 14.11 lakhs.
4. Period of Completion : As per DTCN.
5. Date and time of availability, received of the bid documents, in the portal : From 10.00 A.M dated : 28.04.2026 to dated : 08.05.2026 Upto 5.00 P.M. only.
6. Bids received online shall be opened on dated : 11.05.2026 at 11.30 A.M.
7. Name & Address of the Officer inviting Bid : Executive Officer, Birmitrapur Municipality

For further details can be seen from the Procurement portal: **https://tendersodisha.gov.in**

Sd/-Executive Officer
Birmitrapur Municipality

OIPR : 13001/13139/1/26-27/0001

OFFICE OF THE NOTIFIED AREA COUNCIL, BARPALI
DIST :- BARGARH (ODISHA) PIN-768029,
Email-barpalinac@gmail.com
No. 643 Dated. : 22.04.2026

13001/302/2627

E-Procurement Notice

Bid Identification No. EOBRP/01/2026-27

1. Name of the work for which e-Tender invited - Sweeping of Streets, Door to Door Collection of Garbage and its Segregation, Cleaning of drains and Lifting of Garbage from 01 to 11 ward of Barpali NAC area for the Financial Year. 2026-27
2. Estimated cost of work (Annually) - Rs. 1,47,03,187.00
3. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience, supply of man power at least 10 year and fulfilling the other criteria as given in the D.T.C.N.
4. The Bid documents will be available in the website i.e http://www.tendersodisha.gov.in from 11.00 AM of Dt. 24.04.2026 to 5.00 PM Dt. 05.05.2026 for online bidding.
5. Bid identification No. EOBRP/01/2026-27
6. Last date & time of receipt of Bid through online 5.00 PM Dt. 05.05.2026
7. Opening of Technical Bid on Dt. 06.5.2026 at 10:00 AM.
8. The bidder has to participate in online bidding only.

For further detail information any one can visit the e - procurement portal of the Govt, of Odisha i.e. **http://www.tendersodisha.gov.in** & office web site i.e **www.nacbarpali.in**

Sd/- Executive Officer,
Barpali NAC

OIPR : 13001/13127/1/26-27/0003

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR

32001/123/2627 NOTICE INVITING TENDER e-Procurement

Bid ID No. 01SEMID (KJR/2026-2027) Dt. 23.04.2026

The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 4 (Four) Nos. |
| Estimated Cost | Various from Rs. to 48.96 lakhs to Rs. 82.31 Lakhs approximately. |
| Tender Paper Cost | Mentioned in Column No. 6 of Tender call notice |
| Period of completion | 06 (Six) calendar months |
| Availability of Bid Documents | From 28.04.2026 to 07.05.2026 in Website (www.tenderorissa.gov.in) |
| Period of receipt of Bid through online | From 28.04.2026 to 07.05.2026 through online. |
| Date of Opening of Technical Bid Documents | At 11.00 A.M. on 08.05.2026 in the office chamber of the Superintending Engineer, M.I. Division, Keonjhar |
| Date of Opening of Financial Bid Documents | 12.05.2026 in the office chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 14.05.2026 in the office chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT : | Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001. E-Mail ID-semikjr@yahoo.co.in |

Further Details can be seen from the web site : **www.tendersorissa.gov.in**

(Er. Rashmi Rekha Chattar)
Superintending Engineer
M.I. Division, Keonjhar

OIPR : 32001/32123/1/26-27/0001

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
KEONJHAR (R&B) CIRCLE, KEONJHAR
Mail ID: - ccekeonjharpwdcircle@gmail.com
EOI IDENTIFICATION No CCEKC - 01/2026-27

34001/123/2627 Order No. 2081 Dtd. 23.04.2026

The Chief Construction Engineer, Keonjhar (R&B) Circle, Keonjhar on behalf of Governor of Odisha invites Expression of Interest (EOI) for Empanelment of agencies / vendors for Venue Set-up and other related allied facilities for VVIP/VIP programs under the jurisdiction of the Chief Construction Engineer i.e. revenue districts of Keonjhar/Sundargarh as detailed in the table below :

| Sl. No. | Name of the Work | Non-Refundable Processing Fee (Online Submission) | Eligibility Criteria | Duration of EOI |
|---|---|---|---|---|
| 1 | 2 | 3 | 4 | 5 |
| 1 | Empanelment of Agency/ Vendor for Venue Set-up and other related allied facilities for VVIP/VIP programs under the jurisdiction of the Chief Construction Engineer, Keonjhar (R&B) Circle, Keonjhar. | Rs. 10,000/- | As per EOI | 03 (Three) Years |

2. No of works = **(01 No) (EOI Work)**
3. Processing Fees : **Rs. 10,000/-**
4. Date & Time of available in web site & receipt of application from **29.04.2026** to **17.00 Hours** of 13.05.2026.
5. Date of opening of EOI Proposal **14.05.2026** at **11.30 Hours.**
6. The Agency/Vendor has to participate in ONLINE mode only. Further details can be seen from the website **www.tendersodisha.gov.in.**
7. Any corrigendum / Addendum will be displayed in the website **www.tendersodisha.gov.in.**

Sd/- Chief Construction Engineer
Keonjhar (R&B) Circle, Keonjhar

OIPR : 34001/34033/1/26-27/0006

# ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ନିରାକାରପୁର , (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ବଡପୋଖରିଆ ନିକଟସ୍ଥ ମା' ବାଉତୀ ମନ୍ଦିର ସମ୍ମୁଖରେ ଜଣେ ଅଜଣା ବ୍ୟକ୍ତିଙ୍କୁ କୌଣସି ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଛି । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ହିଁ ବ୍ୟକ୍ତିଜଣଙ୍କର ପ୍ରାଣବାୟୁ ଉଡ଼ିଯାଇଛି ।ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟା ୧୫ ମିନିଟ ସମୟରେ ଉକ୍ତ ବ୍ୟକ୍ତିଜଣକ କୌଣସି କାର୍ଯ୍ୟରେ ରାଜପଥର ପୂର୍ବ ପାର୍ଶ୍ୱରୁ ପଶ୍ଚିମ ପାର୍ଶ୍ୱକୁ ଯାଉଥିଲେ । ଏହି ସମୟରେ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ସମ୍ମୁଖରୁ ଶକ୍ତ ଧକ୍କା ଦେଇଥିଲା । ଧକ୍କାଟି ଏତେ ଭୟଙ୍କର ଥିଲା ଯେ, ବ୍ୟକ୍ତିଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା । ଫଳରେ ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଜଂକିଆ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡ଼ିଟିକୁ ଚିହ୍ନଟ କରିବା ପାଇଁ ପୋଲିସ ପ୍ରୟାସ କରୁଛି ।ଏହି ଦୁର୍ଘଟଣା ପରେ ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାସ୍ତାର ଗୋଟିଏ ପାଶ୍ୱର୍ରେ ଗାଡ଼ିଗୁଡ଼ିକ ଯାତାୟାତ କରୁଥିବାରୁ କିଛି ସମୟ ପାଇଁ ଟ୍‌ଏହି ଦୁର୍ଘଟଣା ପରେ ଜାତୀୟ ରାଜପଥରେ ପ୍ରାୟ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ରାସ୍ତାର ଗୋଟିଏ ପାଶ୍ୱର୍ରେ ଗାଡ଼ିଗୁଡ଼ିକ ଯାତାୟାତ କରୁଥିବାରୁ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଉପୁଜିଥିଲା । ପୋଲିସ ଘଟଣାସ୍ଥଳରୁ ମୃତଦେହ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭ ୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୬୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଏବେଟ୍ ମେଣ୍ଟ, ଜମିପଟ୍ଟାର ସମୟୋପଯୋଗୀ

# ସଂଶୋଧନ ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅଧିଗ୍ରହୀତ ଜମି ମାମଲାରେ ଭୂମି ରାଜସ୍ୱ ମାଫ୍ (ଏବେଟ୍ ମେଣ୍ଟ) ଏବଂ ଜମିପଟ୍ଟା ବା ରେକର୍ଡ ଅଫ ରାଇଟସ୍ ସଂଶୋଧନକୁ ତ୍ୱରିତ ଓ ସମୟୋପଯୋଗୀ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଚିଠି ଲେଖି ଉଚିତ୍ ସମୟରେ ଭୂମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ସମ୍ବନ୍ଧରେ ଉଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ଅନୁଯାୟୀ ଅଧିଗ୍ରହଣ ସମ୍ବନ୍ଧୀୟ ସଂଶୋଧନ ସୁନିଶ୍ଚିତ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି । ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଅନେକ ମାମଲାରେ ଭୂମି ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟ ବକେୟା ରହିଛି । ଯାହା ଫଳରେ ଜମି ସମ୍ବନ୍ଧୀୟ ରେକର୍ଡ୍ ନିୟମିତ ଭାବେ ସଂଶୋଧନ ହେବାରେ ବ୍ୟାଘାତ ସୃଷ୍ଟି ହେଉଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବକେୟା ମାମଲାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମାଭିତରେ ସମାଧାନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଜିଲ୍ଲାପାଳମାନେ ମାସିକ ଭିତ୍ତିରେ ଲକ୍ଷ୍ୟ ଧାର୍ଯ୍ୟ କରି ତହସିଲଦାରମାନଙ୍କ ମାଧ୍ୟମରେ ଆବଶ୍ୟକୀୟ ସଂଶୋଧନ କାର୍ଯ୍ୟ ସମ୍ପାଦନ କରିବେ । ଉପ-ଜିଲ୍ଲାପାଳମାନଙ୍କୁ ଏହି କାର୍ଯ୍ୟର ନିରୀକ୍ଷଣ ଦାୟିତ୍ୱ ଦିଆଯିବା ସହ ରେଭେନ୍ୟୁ ଡିଭିଜନାଲ କମିଶନରମାନେ (ଆରଡିସି) ପ୍ରତି ଦୁଇ ମାସରେ ଏହାର ସମୀକ୍ଷା କରିବେ ଏବଂ ରାଜସ୍ୱ ପର୍ଷଦ (ବୋର୍ଡ୍ ଅଫ ରେଭେନ୍ୟୁ) ପ୍ରତି ତିନି ମାସରେ ସମୀକ୍ଷା କରି ବିଭାଗକୁ ସଂକଳିତ ରିପୋର୍ଟ ପ୍ରଦାନ କରିବେ । ତେବେ ରାଜସ୍ୱ ବିଭାଗ ଦ୍ୱାରା ଏପର୍ଯ୍ୟନ୍ତ ସଂଶୋଧିତ ରିପୋର୍ଟ୍ ସଠିକ୍ ସମୟରେ ହସ୍ତଗତ ହୋଇନାହିଁ । ଏହି ପରିପ୍ରେକ୍ଷୀରେ ସଂଶୋଧିତ ରେକର୍ଡ ନଥିବା ଯୋଗୁଁ ଅନଧିକୃତ କିମ୍ବା ବିବାଦୀୟ ଜମି ପୁନର୍ବାର କିଣାବିକା ଘଟିବାକୁ ରୋକିବା ପାଇଁ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଯେ, ସମସ୍ତ ରାଜସ୍ୱ ମାଫ୍ ପ୍ରସ୍ତାବକୁ ଶୀଘ୍ର ସମ୍ପାଦନ କରିବା ସହିତ ଜମି ଅଧିଗ୍ରହଣ ଅଧିକାରୀଙ୍କ (ଏଲଏଓ) ଦ୍ୱାରା ପ୍ରସ୍ତାବିତ ମାମଲାରେ ନିୟମାନୁସାରେ ଜମିପଟ୍ଟା ସମୁଚିତ ସମୟରେ ସଂଶୋଧନ କରିବେ । ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ବକେୟା ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟକୁ ୩୦ ମଇ ୨୦୨୬ ମଧ୍ୟରେ ସମ୍ପନ୍ନ କରିବାକୁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହା ପରେ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦିଷ୍ଟ ଫର୍ମାଟ୍ ଅନୁସାରେ ସମ୍ବନ୍ଧିତ ସୂଚନା ୧୫ ଜୁନ ୨୦୨୬ ମଧ୍ୟରେ ରାଜସ୍ୱ ବିଭାଗକୁ ପ୍ରେରଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ।

**୩୦ ମଇ ୨୦୨୬ ସୁଦ୍ଧା ସମସ୍ତ ବକେୟା ମାମଲା ସଂଶୋଧନ ସାରିବାକୁ ଗୁରୁତ୍ୱାରୋପ**

## ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

# ଜିଲ୍ଲାପାଳ, ଏସ୍‌ପି, ଏସ୍‌ସି ଏସ୍‌ଟି ଉନ୍ନୟନ ବିଭାଗକୁ ଅନୁସୂଚିତ ଜନଜାତି ଆୟୋଗର ନୋଟିସ୍

ଭୁବନେଶ୍ୱର, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକର ନଳଗଜା ପଞ୍ଚାୟତରେ ଥିବା କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ପଞ୍ଚମ ଶ୍ରେଣୀର ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନସିଏସଟି) କଠୋର ପଦକ୍ଷେପ ନେଇଛି। ବିଜୁ ଜନତା ଦଳର ଗଣମାଧ୍ୟମ ସଂଯୋଜକ ଓ ପ୍ରବକ୍ତା ଡ. ପ୍ରିୟବ୍ରତ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ଉପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ତଦନ୍ତ ଆରମ୍ଭ କରିଛି। ଏହି ସମ୍ପର୍କରେ ଆୟୋଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ, ଏସ୍‌ପି ଏବଂ ଓଡି.ଶା ସରକାରଙ୍କ ଏସ୍‌ଟି ଓ ଏସ୍‌ପି ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରାଯାଇଛି। ଜାରି ହୋଇଥିବା ନୋଟିସ୍ ଅନୁଯାୟୀ, ଏପ୍ରିଲ୍ ୧୫, ୨୦୨୬ ତାରିଖରେ ଡ. ପ୍ରିୟବ୍ରତ ମାଝୀଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ତଦନ୍ତ କରାଯିବ। ଆୟୋଗ ଭାରତୀୟ ସମ୍ବିଧାନର ଧାରା ୩୩୮ (ଏ) ଅନୁଯାୟୀ ତଦନ୍ତ କରିବାର କ୍ଷମତା ପ୍ରୟୋଗ କରୁଛି। ନୋଟିସ୍ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଘଟଣାର ତଥ୍ୟ, ନିଆଯାଇଥିବା ପଦକ୍ଷେପ ଏବଂ ଅନ୍ୟାନ୍ୟ ସୂଚନା ଦାଖଲ କରିବାକୁ ଆୟୋଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସମୟ ମଧ୍ୟରେ ଉତ୍ତର ନ ମିଳେ, ଆୟୋଗ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ସମନ୍ ଜାରି କରିପାରେ। ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ନିର୍ଦ୍ଦେଶକ ଡ. ପି. କଲଙ୍କାଣ ରେଡ୍ଡୀଙ୍କ ସ୍ୱାକ୍ଷରରେ ନୋଟିସ ଜାରି ହୋଇଥିବା ବେଳେ ଏହାର ପ୍ରତିଲିପି ଡ. ପ୍ରିୟବ୍ରତ ମାଝୀଙ୍କୁ ମଧ୍ୟ ପଠାଯାଇଛି।

# ସୁକିନ୍ଦା ସାରାଂଶରେ ୧୮୦୦ ହେକ୍ଟର ଜଙ୍ଗଲ ଜମି ଜବରଦଖଲ

## ଉଚ୍ଛେଦ ପାଇଁ ହାଇକୋର୍ଟରେ ମାମଲା ରୁଜୁ

କଟକ, (ସବ୍ୟୁ): ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ୍ ଅନ୍ତର୍ଗତ ସାରାଂଶ ଅଞ୍ଚଳରେ ୧୮୦୦ ହେକ୍ଟର ଜଙ୍ଗଲ ଜମି ଜବରଦଖଲ ହୋଇଥିଲାବେଳେ ଏହାକୁ ଉଚ୍ଛେଦ ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି । ଏହି ଜମିରୁ ଜବରଦଖଲ ହଟାଯିବା ସହ ଏହାକୁ ପୁନର୍ଗର ଜଙ୍ଗଲ କିସମକୁ ଫେରାଇ ଆଣିବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି ।

ଆଇନଜୀବୀ ଶିବଶଙ୍କର ମହାନ୍ତି ଏହି ମାମଲା ରୁଜୁ କରିଛନ୍ତି । ସେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ପ୍ରଥମେ ଏହି ଜମିକୁ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଜଣେ ଆଦିବାସୀ ବ୍ୟକ୍ତି ରଥୁଆ ମୁଣ୍ଡା ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ କଟକ ଡିଏଫଓ ଘଟଣାର ଯୁଗ୍ମ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ତଦନ୍ତରୁ ଉକ୍ତ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଏବଂ ଏଥିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଜଣାପଡ଼ିଥିଲା । ଏହାସତ୍ତ୍ୱେ ଜବରଦଖଲ ହଟିନଥିଲା । ଆବେଦନକାରୀ ଶ୍ରୀ ମହାନ୍ତି ରାଜ୍ୟ ମୁଖ୍ୟ ଶାସନସଚିବଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ମୁଖ୍ୟ ଶାସନସଚିବ ପୁନର୍ବାର ଏହା ଉପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ କରାଯାଇଥିଲେ ମଧ୍ୟ ଏଠାରୁ ଜବରଦଖଲ ହଟିନଥିଲା । ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହି ଜବରଦଖଲ ଘଟଣାର ଏକ ନିରପେକ୍ଷ ସ୍ୱତନ୍ତ୍ର ତଦନ୍ତ ଟିମ୍(ଏସ୍‌ଆଇଟି) ଗଠନ ପାଇଁ ପ୍ରାର୍ଥନା କରିଛନ୍ତି । ଏହି ଜବରଦଖଲ ହଟାଯାଇ ଏହି ଜମିକୁ ପୁନର୍ବାର ଜଙ୍ଗଲ ଜମିକୁ ଫେରାଇ ଆଣିବା ପାଇଁ ଆବେଦନକରାରୀ ପ୍ରାର୍ଥନା କରିଛନ୍ତି । ଏଥିରେ ରାଜ୍ୟ ମୁଖ୍ୟ ଶାସନସଚିବ, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନସଚିବ, କେନ୍ଦ୍ର ଜଙ୍ଗଲ ମନ୍ତ୍ରାଳୟ, ଯାଜପୁର ଜିଲ୍ଲାପାଳ, ସୁକିନ୍ଦା ତହସିଲଦାର ପ୍ରମୁଖଙ୍କ ପକ୍ଷଭୁକ୍ତ କରିଛନ୍ତି ।

# ନାରାୟଣପୋଷି ଖଣିରେ ଜଳ କିଓସ୍କ ଉଦ୍‌ଘାଟନ

ବଡବିଲ, (ସବ୍ୟୁ) : ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ଏହାର ନାରାୟଣପୋଷି ଖଣିରେ ଏକ ନୂତନ ଜଳ କିଓସ୍କ ଉଦଘାଟନ କରିଛି । ଏହି କିଓସ୍କ ସ୍ଥାନୀୟ ବାସିନ୍ଦା ଏବଂ ଖଣି ଶ୍ରମିକ ଉଭୟଙ୍କୁ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ଯୋଗାଇବ, ଯାହା



ଏହି ଅଞ୍ଚଳର ପ୍ରଚଣ୍ଡ ଗ୍ରୀଷ୍ମ ଋତୁରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବ । କମ୍ପାନୀର ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଜେଏସଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡାଙ୍କ ଦ୍ୱାରା ଏହି ସୁବିଧାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା । ପ୍ରତିଦିନ ସେହି ବାଟ ଦେଇ ଯାଉଥିବା ସମସ୍ତଙ୍କୁ ସେବା ଯୋଗାଇବା ପାଇଁ ଡିଜାଇନ୍ କରାଯାଇଥିବା ଏହି କିଓସ୍କ ଦୂର ଉତ୍ସରୁ ପାଣି ଆଣିବା ପାଇଁ ଆବଶ୍ୟକ ପ୍ରୟାସକୁ ଯଥେଷ୍ଟ ହ୍ରାସ କରିବ । ଏହାର ଦୀର୍ଘକାଳୀନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ, ଜେଏସଡବ୍ଲୁ ଷ୍ଟିଲ୍ ନିୟମିତ ରକ୍ଷଣାବେକ୍ଷଣ ଏବଂ ସକ୍ରିୟ ସମ୍ପ୍ରଦାୟ ଅଂଶଗ୍ରହଣ ପାଇଁ ଯୋଜନା ପ୍ରସ୍ତୁତ କରିଛି । କମ୍ପାନୀ ଏହା ମଧ୍ୟ ଘୋଷଣା କରିଛି ଯେ ଅନ୍ୟ ଖଣି ସ୍ଥାନରେ ମଧ୍ୟ ସମାନ କିଓସ୍କ ପ୍ରତିଷ୍ଠା କରାଯିବ ।

# ରାମକୃଷ୍ଣ କୁଟୀରକୁ ଓପିଜିସିର ଖେଳ ସାମଗ୍ରୀ ପ୍ରଦାନ

କଟକ, (ସବ୍ୟୁ): ଓଡିଶା ପାୱାର୍ ଜେନେରେସନ୍ କର୍ପୋରେସନ ପକ୍ଷରୁ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀରର ଅନ୍ତେବାସୀମାନଙ୍କ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ପ୍ରଦାନ କରାଯାଇଛି । ଓପିଜିସିର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ନିର୍ଦ୍ଦେଶକ ତଥା କୁଟୀରର ପ୍ରାକ୍ତନ ଅନ୍ତେବାସୀ ଗଗନ ବିହାରୀ ସ୍ୱାଇଁ ଟ୍ରେଡମିଲ୍, ବ୍ୟାଡମିଣ୍ଟନ୍,ପିକିଲ ବଲ୍ ଆଦି ଖେଳ ସରଞ୍ଜାମ ପ୍ରଦାନ କରିଥିଲେ । ଏହି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ କୁଟୀରର ଉପସଭାପତି ପ୍ରଫେସର ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଅନ୍ୟତମ ଉପସଭାପତି ଡ଼ଃ ସତ୍ୟ ରାୟ, ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ, ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ, ଭୁବନାନନ୍ଦ ମହାନ୍ତି, ଡ଼ଃ ଓଁକାର ରାଉତ, ବିଶ୍ୱଜିତ ମହାପାତ୍ର, ରାକେଶ



ଶତପଥୀ, ବିଦ୍ୟୁତ କୁମାରୀ ଲାଲା, ଜ୍ଞାନରଞ୍ଜନ ଦାସ ଓ ଅନ୍ତେବାସୀମାନେ ଯୋଗ ଦେଇଥିଲେ । ଏହା ପରେ ଅନ୍ତେବାସୀମାନେ ବ୍ୟାଡମିଣ୍ଟନ ଖେଳିଥିଲେ ।

## ନଦୀକୁ ଖସି ଶ୍ରମିକ ନିଖୋଜ

ନିଶ୍ଚିନ୍ତକୋଇଲି , (ସବ୍ୟୁ) :କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଚିତ୍ରୋତ୍ପଳା ନଦୀରେ ଜନାର୍ଦ୍ଦନପୁରରୁ କୂଳିଆକୁ ସଂଯୋଗ ପାଇଁ ନିର୍ମାଣାଧୀନ ବ୍ରିଜରେ କାମ କରୁଥିବା ଶ୍ରମିକ ନଦୀ ଗର୍ଭକୁ ଖସି ପଡି ଭାସିଯାଇ ନିଖୋଜ ରହିଛନ୍ତି। ନିର୍ମାଣାଧୀନ ଖୁଣ୍ଟର ସେଣ୍ଟରିଙ୍ଗ କାମ କରୁଥିବା ବେଳେ ଶ୍ରମିକ ଜଣକ ନଦୀ ଗର୍ଭକୁ ଖସି ନଦୀରେ ବୁଡି ନିଖୋଜ ହୋଇ ଯାଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ନେମାଳ ଓ ସାଲେପୁର ଥାନାର ଉଭୟ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ପ୍ରଶାସନ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି । ତେବେ ନାରାୟଣ ଦାଶ କନ୍‌ଷ୍ଟ୍ରକସନ କମ୍ପାନୀ (ଏନ ଡି ସି )ପକ୍ଷରୁ ଶ୍ରମିକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରି ନଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ନିଖୋଜ ଶ୍ରମିକ ମାହାଙ୍ଗା ଏରକଣାର ଘନଶ୍ୟାମ ପ୍ରଧାନଙ୍କ ବଡ ପୁଅ ଗଣେଶର ପ୍ରଧାନ ବୋଲି ଜଣା ପଡ଼ିଛି ।

# ୧୪ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ : ଜଣେ ଗିରଫ

କଟକ, (ସବ୍ୟୁ): ଲାଲବାଗ ଥାନା ଅନ୍ତର୍ଗତ ଚାନ୍ଦିନଚୌକ ଅଞ୍ଚଳରେ ଜଣେ ପେସାଦାର ନିଶା ବେପାରୀକୁ ସୋମବାର ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଗିରଫ କରିଛି । ଅଭିଯୁକ୍ତ ହେଉଛି ସ୍ଥାନୀୟ ଅଞ୍ଚଳର ଭାବଗ୍ରାହୀ ସେଠୀ(୨୬) । ତାଦ ପାଖରୁ ୧୪୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଅବକାରୀ ସ୍କ୍ୱାଡ୍ ସୂଚନା ଅନୁସାରେ, ଗତ କିଛି ଦିନ ହେବ ସତୀଚୌରା ସଂଲଗ୍ନ ଅଞ୍ଚଳରେ ନିଶା କାରବାର ଚାଲୁଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ଅଧିକ ତଦନ୍ତ ପରେ ଚାନ୍ଦିନଚୌକ ଅଞ୍ଚଳର ଭାବଗ୍ରାହୀ ଏହି କାରବାର କରୁଥିବା ସ୍ପଷ୍ଟ ହୋଇଥିଲା । ତାକୁ ଧରିବା ପାଇଁ ଅବକାରୀ ଟିମ ଉଦ୍ୟମ ଜାରି



ରଖିଥିଲା ବେଳେ ଆଜି ମଧ୍ୟାହ୍ନରେ ସୂଚନା ମିଳିଲାକି, ଭାବଗ୍ରାହୀ ନିଶାଦ୍ରବ୍ୟ ଧରି ସେଲଟର ଛକ ନିକଟରେ ଛିଡା ହୋଇଛି । କୌଣସି ଗ୍ରାହକଙ୍କୁ ନିଶାଦ୍ରବ୍ୟ ଯୋଗାଣ ଉଦ୍ଦେଶ୍ୟରେ ଆସିଥିଲା । ଏହି ସୂଚନା ପାଇବା ମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ଅଭିଯୁକ୍ତ ଭାବଗ୍ରାହୀକୁ ମାଡି ବସିଥିଲା । ତଲାସି ନେବା ପରେ ତାଦ ପାଖରୁ ୧୪୭ ଗ୍ରାମ ଓଜନର ବ୍ରାଉନସୁଗର ମିଳିଥିଲା । ଯାହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ୭୦ ହଜାର ଟଙ୍କା ହେବ । ଅଧିକ ତଦନ୍ତରୁ ଜଣାପଡିଛିଯେ, ଚାନ୍ଦିନଚୌକ ଅଞ୍ଚଳରେ ଭାବଗ୍ରାହୀ ଏକ ଦୋକାନ କରିଥିଲା । ପରବର୍ତ୍ତୀ ସମୟରେ ଅର୍ଥ ଲୋଭରେ ପଡି ସେ ନିଶା ମାଫିଆଙ୍କ ସଂସ୍ପର୍ଶରେ ଆସି ବ୍ରାଉନସୁଗର ବେପାର ଆରମ୍ଭ କରୁଥିଲା । ସେ ବାଲେଶ୍ୱରରୁ ନିଶାଦ୍ରବ୍ୟ ଆଣି ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲା ବେଳେ ପୂର୍ବରୁ ଥରେ ଧରାପଡି ଜେଲ ମଧ ଯାଇଥିବା ଜଣାପଡିଛି । ଆଜି କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି ।

## ସୁନ୍ଦରଗଡ଼, ଝାରସୁଗୁଡ଼ାର ୫୦ ହଜାରରୁ ଅଧିକ

# ଲୋକଙ୍କ ନିକଟରେ ପହଞ୍ଚିଛି ବେଦାନ୍ତ ଆଲୁମିନିୟମର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ନିଜର ପ୍ରମୁଖ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମଏଚୟୁ) ସେବା ଜରିଆରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ୧୮ଟି ଦୁର୍ଗମ ଗ୍ରାମର ୫୦,୦୦୦ରୁ ଅଧିକ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଛି । ଗତ ତିନି ବର୍ଷ ମଧ୍ୟରେ, କମ୍ପାନୀ ୩୦୦୦ ରୁ ଅଧିକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିଛି, ଯାହା ଦୁର୍ଗମ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରିଛି । ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ଜରିଆରେ ବେଦାନ୍ତ ଆଲୁମିନିୟମ୍ ମାଗଣା ଚିକିତ୍ସା ପରାମର୍ଶ, ମ୍ୟାଲେରିଆ ଏବଂ ଋତୁକାଳୀନ ରୋଗ ନୀରିକ୍ଷଣ, ଡାଇବେଟିସ୍ ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିଛି, ଏବଂ ରକ୍ତହୀନତା, ସ୍ତନ୍ୟପାନ, ଋତୁସ୍ରାବ ସ୍ୱଚ୍ଛତା, କୃମି ଦୂରୀକରଣ, ତମାଖୁ ବନ୍ଦ କରିବା, ଅଂଶୁଘାତ ମୁକାବିଲା, ମ୍ୟାଲେରିଆ ନିୟନ୍ତ୍ରଣ ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୧୦୦୦ ରୁ ଅଧିକ ସଂରଚିତ ସ୍ୱାସ୍ଥ୍ୟ ସଚେତନ ଶିବିର ଆୟୋଜନ କରିଛି । ରକ୍ତହୀନତା, ପାକସ୍ଥଳୀ ସମ୍ବନ୍ଧୀୟ ରୋଗ, ଗଣ୍ଠି ଯନ୍ତ୍ରଣା, ଶ୍ୱାସକ୍ରିୟା ସଂକ୍ରମଣ, ଫଙ୍ଗସ୍ ସଂକ୍ରମଣ ଏବଂ ଚର୍ମ ରୋଗ ଭଳି ସାଧାରଣ ରୋଗର ଚିକିତ୍ସା



ସହିତ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ଭଳି ଦୀର୍ଘସ୍ଥାୟୀ ରୋଗ ପାଇଁ ନିୟମିତ ଅନୁଧ୍ୟାନ ସହିତ ଶୀଘ୍ର ରୋଗ ନିର୍ଣ୍ଣୟ ଏବଂ ନିୟମିତ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଛି । ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ବର୍ଷଗୁଡିକରେ ପ୍ରାରମ୍ଭିକ ଚିକିତ୍ସା, ପୁଷ୍ଟିକର ନୀରିକ୍ଷଣ ଏବଂ ଉନ୍ନତ ସ୍ୱାସ୍ଥ୍ୟ ଫଳାଫଳକୁ ସମର୍ଥନ କରି ଏହି ପଦକ୍ଷେପ ୪୦୦୦ ରୁ ଅଧିକ ପିଲାମାନଙ୍କ ନିକଟରେ ପହଞ୍ଚିଛି । ସୁନ୍ଦରଗଡ ଜିଲ୍ଲାର ହେମଗିର ବ୍ଲକରେ ଏମ୍‌ଏଚୟୁ ଗୁଡ଼ିକ ଜାମଖାନୀ, ଝାରପାଲମ୍, ଗିରିସିମା, ଗର୍ଜନଜୋର, ଆର୍.ଆଣ୍ଡ. ଆର୍. କଲୋନୀ, ଘୋଘରପଲ୍ଲୀ, ମୁଣ୍ଡେରଖେତ୍, ଲତାପାଣି, ଭୋଗ୍ରାକାଚର ଏବଂ ବିଲେଇମୁଣ୍ଡା ଗ୍ରାମ ଏବଂ ଆଖପାଖର ଜନବସତିଗୁଡ଼ିକୁ ସେବା ଯୋଗାଇଥାନ୍ତି, ଯାହାଦ୍ୱାରା ଲୋକମାନେ ନିୟମିତ ସ୍ୱାସ୍ଥ୍ୟ ସେବା ପାଇପାରିବେ । ସେହିଭଳି, ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକରେ କୁରାଲୋଇ, ବଞ୍ଜାରୀ, ବାରତାପ୍, ପିପିଲିମାଳ, ୱାର୍ଡ ନଂ. ୧୭, ଏବଂ କାଟୁଜୋର ପର୍ଯ୍ୟନ୍ତ ଏହି ସେବା ଉପଲବ୍ଧ । କୁଡାଲୋଇ ଗାଁର ବାସିନ୍ଦା ସୋରୋଜିନୀ ଠାକୁର କହିଛନ୍ତି, ଏକ ଦୁର୍ଗମ ଅଞ୍ଚଳରେ ରହିବା, ସ୍ୱାସ୍ଥ୍ୟସେବା ପାଇବା ମୋ ପାଇଁ ସର୍ବଦା ଏକ ଚ୍ୟାଲେଞ୍ଜ ହୋଇ ରହିଛି । ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟର ସହାୟତାରେ ମୁଁ ଠିକ୍ ସମୟରେ ଚିକିତ୍ସା ଏବଂ ମାର୍ଗଦର୍ଶନ ପାଇପାରିଲି । ଆଜି, ମୋର ରକ୍ତଚାପ ନିୟନ୍ତ୍ରଣରେ ଅଛି, ଏବଂ ସେମାନଙ୍କ ସମର୍ଥନ ପାଇଁ ମୁଁ ପ୍ରକୃତରେ କୃତଜ୍ଞ । ଫାଉଣ୍ଡେସନର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟର ଡାକ୍ତର ଡକ୍ଟର ଇନ୍ଦ୍ରପ୍ରକାଶ ପ୍ରଜାପତି କହିଛନ୍ତି, ଏହି ଗାଁ ଗୁଡ଼ିକ ମଧ୍ୟରୁ ଅନେକରେ ରୋଗୀମାନେ ଚିକିତ୍ସା ନପାଇ ଆମ ପାଖକୁ ଆସନ୍ତି ଯାହା ଦୀର୍ଘ ଦିନ ଧରି ଦୃଷ୍ଟିକୁ ଆସିପାରି ନଥିଲା । ନିୟମିତ ଯାଞ୍ଚ ଏବଂ ଫଲୋ-ଅପ୍ ସହିତ ଆମେ ଉଚ୍ଚ ରକ୍ତଚାପ ଏବଂ ମଧୁମେହକୁ ସ୍ଥିର କରିବାରେ, ଋତୁକାଳୀନ ଅସୁସ୍ଥତାକୁ ଶୀଘ୍ର ପରିଚାଳନା କରିବାରେ ଏବଂ ଜଟିଳତାକୁ ହ୍ରାସ କରିବାରେ ସକ୍ଷମ ହୋଇଛୁ ।

# ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଶିକ୍ଷାନେକ୍ସଟ୍ ର ବହୁ-ଭାଗୀ ପଦକ୍ଷେପ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶିକ୍ଷା ମନ୍ତ୍ରଣାଳୟ ସଚିବ ସଞ୍ଜୟ କୁମାର ନିକଟରେ ନୂଆଦିଲ୍ଲୀରେ ଶିକ୍ଷାନେକ୍ସଟ୍ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ସାହସିକ, ବହୁ ଦାତା ଏବଂ ଦୀର୍ଘମିଆଦୀ ପଦକ୍ଷେପ ଦ୍ୱାରା ଏଡଟେକ୍ ଏବଂ ଏଆଇ ବ୍ୟବହାର କରି ଆର୍ଥିକ ଦୁର୍ବଳ ବର୍ଗ ପିଲାମାନଙ୍କ ଶିକ୍ଷାକୁ ଉନ୍ନତ କରିବା ଲକ୍ଷ୍ୟ ରଖାଯାଇଛି । ଶିକ୍ଷାନାକ୍ସଟ୍ ତିନି ବର୍ଷ ଲାଗି କାର୍ଯ୍ୟ କରିବ । ଏଥିରେ ୧୭୦ କୋଟି ଟଙ୍କା ବିନିଯୋଗ ହେବ । ଏହାର ଲକ୍ଷ୍ୟ ୨୦୨୯ ସୁଦ୍ଧା ସାରା ଦେଶରେ ୧୩ ନିୟୁତରୁ ଅଧିକ ପିଲାଙ୍କୁ ଅର୍ଥପୂର୍ଣ୍ଣ, ପ୍ରଯୁକ୍ତି ଭିତ୍ତିକ ଏବଂ ଏଆଇ-ସକ୍ଷମ ଶିକ୍ଷା ସୁଯୋଗ ଲାଭ କରିବାକୁ ସକ୍ଷମ କରିବା । ପ୍ରଯୁକ୍ତି ମାଧ୍ୟମରେ ଶିକ୍ଷା ଲାଭକୁ ଦୃଢ଼ କରିବା ପାଇଁ ପ୍ରତିବଦ୍ଧ ଥିବା ଦାତବ୍ୟ ସଂଗଠନ ଏବଂ ଇକୋସିଷ୍ଟମ ଅଂଶୀଦାରଙ୍କ ଏକ ମିଳିତ ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ସମର୍ଥନ କରାଯାଉଛି । ଏହି ମିଳିତ ପ୍ରୟାସର ଅଂଶ ଭାବେ ମାଇକେଲ ଏବଂ ସୁସାନ ଡେଲ ଫାଉଣ୍ଡେସନ, ରିଲାଏନ୍ସ ଫାଉଣ୍ଡେସନ ଏବଂ ଗେଟ୍ସ ଫାଉଣ୍ଡେସନ ପ୍ରତିଷ୍ଠାତା ରଣନୈତିକ ଅଂଶୀଦାର ଭାବରେ ସାମିଲ ଅଛନ୍ତି । ସେହିଭଳି ସେଣ୍ଟ୍ରାଲ ସ୍କୋୟାର ଫାଉଣ୍ଡେସନ ଏହାର ପରିଚାଳନା ଅଂଶୀଦାର ରହିଛି । ଶିକ୍ଷାନେକ୍ସଟ୍ ଏକ ପ୍ରଭାବଶାଳୀ ଦାତବ୍ୟ ପ୍ରତିବଦ୍ଧତା ଏବଂ ଦକ୍ଷତା ମାଧ୍ୟମରେ ମିଶ୍ରଣ କାର୍ଯ୍ୟାନ୍ୱୟନ ଏବଂ ପ୍ରଭାବ ସୃଷ୍ଟି ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ । ଏହି ପ୍ରୟାସର ଶୁଭାରମ୍ଭ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ଦିଗରେ, ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଶିକ୍ଷକ ମାନଙ୍କୁ ସଶକ୍ତ କରିବା ଏବଂ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାରେ ପ୍ରଯୁକ୍ତିବିଦ୍ୟା ଏବଂ ଏଆଇର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି, "ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଯେଉଁଠାରେ ସରକାର, ସମାଜ ଏବଂ ସଂସ୍ଥା ଏଡଟେକକୁ ପ୍ରକୃତରେ ସବକା ଏଡଟେକ କରିବା ପାଇଁ ଏକାଠି ହୋଇଛନ୍ତି । ପରବର୍ତ୍ତୀ ପଦକ୍ଷେପ ହେଉଛି ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଯାହା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପ୍ରଯୁକ୍ତିବିଦ୍ୟାର ଲାଭ ସୁନିଶ୍ଚିତ କରିବ । ଗୁଣାତ୍ମକ ଏଡଟେକକୁ ସମସ୍ତଙ୍କ ପାଇଁ ସୁଲଭ ଏବଂ ଉପଲବ୍ଧ କରାଯାଉଥିବା ଭାରତ ବିଶ୍ୱ ଗ୍ଲୋବାଲ ସାଉଥ ସାମ୍ନାରେ ଏକ ମଡେଲ ଉପସ୍ଥାପନ କରିବ ।

# ଭାରତୀୟ ସେନା ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷାଗତ ସଶକ୍ତିକରଣ ଏବଂ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସେନା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ସେନା ପକ୍ଷରୁ ଏହାର ପ୍ରତିନିଧିତ୍ୱ କରୁଥିବା ସେନା ମୁଖ୍ୟାଳୟର ବ୍ରିଗେଡିୟର କଲ୍ୟାଣ ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା ଏଥିରେ ସ୍ୱାକ୍ଷର କରିଥିଲେ ।

ଏହା ବୁଝାମଣାପତ୍ର ଅନୁସାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମ (ଡାକ୍ତରୀ ପାଠ୍ୟକ୍ରମ ବ୍ୟତୀତ) ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ସୁଯୋଗ ଯୋଗାଇ ଦେବ । ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଶିକ୍ଷା ଫିସରେ ୫୦% ରିହାତି, ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ପାଇଁ ୧୦% ପାଠ୍ୟକ୍ରମର ଶିକ୍ଷା ଫିସ୍ ରେ ୧୦୦% ବୃତ୍ତି ଦିଆଯିବ । ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମରେ ନାମ ଲେଖା



ରିହାତି ପ୍ରଦାନ କରାଯିବ । ଏହା ସହିତ ବୀରଗତି ହାସଲ କରିଥିବା/ ଯୁଦ୍ଧ ସମୟରେ ମୃତ୍ୟୁବରଣ କରିଥିବା ଭାରତୀୟ ସେନା କର୍ମଚାରୀଙ୍କ ପିଲାଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ପାଇଁ ସେନା କର୍ମଚାରୀଙ୍କ ପିଲାଙ୍କୁ 'ନିଟ' ମାନଦଣ୍ଡ ପୂରଣ କରିବାକୁ ପଡ଼ିବ । ଅନ୍ୟ ସମସ୍ତ ପାଠ୍ୟକ୍ରମରେ ପ୍ରବେଶ ପାଇଁ, ଅଧିକାରୀ/ ପିଲାମାନଙ୍କୁ କିଟ୍ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା (କିଟି) ମାନଦଣ୍ଡ ପୂରଣ କରିବାକୁ ପଡ଼ିବ । ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ସୁନିଶ୍ଚିତ କରିବା । ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା କିଟ୍ ଓ କିସ୍ ଦ୍ୱାରା ପ୍ରଦାନ କରାଯାଉଥିବା ଭିତ୍ତିଭୂମି ଓ ସୁବିଧାଗୁଡ଼ିକୁ ପ୍ରଶଂସା କରିଥିଲେ । ରାଷ୍ଟ୍ର ନିର୍ମାଣରେ ଭାରତୀୟ ସେନାର କର୍ମଚାରୀଙ୍କ ଭୂମିକାକୁ ସ୍ୱୀକୃତି ଦେବା ଓ ସେନା କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ କିଟ୍ ରେ ସୁଯୋଗ ସୃଷ୍ଟି କରିଥିବାରୁ ସେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ପରେ ବ୍ରିଗେଡିୟର ସିଂହ ଓ ଶ୍ରୀ ସାମନ୍ତଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା ହୋଇଥିଲା ।

## ରାସ୍ତା ଆଲୋକୀକରଣ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଚୌଦ୍ୱାର, (ସବ୍ୟୁ.) : ଚୌଦ୍ୱାର ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥ ଠାରୁ ବାଣିପଦା-ବନ୍ଦାଳ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ୩ କିଲୋମିଟର ରାସ୍ତା ରେ ଆଲୋକୀକରଣ ବ୍ୟବସ୍ଥା ନଥିବା ଯୋଗୁଁ ବାଣିପଦା, ବନ୍ଦାଳ ଓ ଚାଙ୍ଗୁଡ଼ିଆ ଗ୍ରାମ ସହ ଅନ୍ୟାନ୍ୟ ପଂଚାୟତବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଶେଷ କରି ଏହି ରାସ୍ତାଟି ଇଡକୋ ଶିଳ୍ପାଂଚଳର ସମସ୍ତ ଶିଳ୍ପ ପାଇଁ ମୁଖ୍ୟରାସ୍ତା ଅଟେ । ଏହାସହ ପଂଚାୟତ ମଧ୍ୟରେ ବେଆଇନ୍ ପଟ୍ଟାଧାରୀଙ୍କ ପଟ୍ଟା ଖାରଜ ଏବଂ ଜମି ଜବରଦଖଲକାରୀଙ୍କ ଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାନେଇ ବାଣିପଦା ଗ୍ରାମ ପଞ୍ଚାୟତ ସରପଂଚ ଦିଲ୍ଲୀପ କୁମାର ଭୋଇଙ୍କ ନେତୃତ୍ୱରେ ଗ୍ରାମବାସୀମାନେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ଦୁଇଟି ଦାବିପତ୍ର ପ୍ରଦାନ କରିଛନ୍ତି ।

# ଭାରତୀୟ ଖାଦ୍ୟ ସୁରକ୍ଷାର ଜାଗ୍ରତ ପ୍ରହରୀ ହେଉଛନ୍ତି ପ୍ରାଣୀ ଚିକିତ୍ସକ : ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ) : ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ତୀବ୍ର ରୂପ ଧାରଣ କରିଥିବା ବେଳେ ଦେଶର ଖାଦ୍ୟ ସୁରକ୍ଷାର ଦାୟିତ୍ୱ ପ୍ରାଣୀ ଚିକିତ୍ସକଙ୍କ ହାତରେ ରହିଛି ବୋଲି ଜଣେ ବିଶିଷ୍ଟ ବୈଜ୍ଞାନିକ ମତ ରଖିଛନ୍ତି । ପ୍ରାଣୀ ଚିକିତ୍ସକ ମାନେ ଜାତୀୟ ଖାଦ୍ୟ ସୁରକ୍ଷାର ଅଦୃଶ୍ୟ ରକ୍ଷକ ହୋଇଥିବା ବେଳେ ଜଳବାୟୁ ପରିବର୍ତ୍ତନ ସମସ୍ୟା ମଧ୍ୟରେ ଖାଦ୍ୟ ଏବଂ ପୋଷଣ ବିଷୟରେ ଏମାନଙ୍କ ବିନା ଚିନ୍ତା କରାଯାଇ ନପାରେ ବୋଲି ଶନିବାର ଆଇସିଏଆର- ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଫର ଫ୍ରେସୱାଟର ଆକ୍ୱାକଲଚର (ସିଫା)ର ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ କହିଛନ୍ତି । ଡକ୍ଟର ସାହୁ କହିଛନ୍ତି ଯେ ପ୍ରାଣୀ ଚିକିତ୍ସକମାନେ ଅନେକ ସଫଳତା ହାସଲ କରିଛନ୍ତି । ଗୋରୁ ବସନ୍ତ ଭଳି ପଶୁ ମହାମାରୀ ଯାହାକି ଗାଇ ଗୋରୁଙ୍କୁ ଅଧିକ ମାତ୍ରାରେ ସଂକ୍ରମିତ କରୁଥିଲା ତାହା ଭାରତରୁ ସମୂଳେ ଦୂର କରାଯାଇଛି । ଇନ- ଭିଟ୍ରୋ ଫର୍ଟିଲାଇଜେସନରେ ସଫଳତା ମଧ୍ୟ ଏକ ବିଶେଷ ସଫଳତା ବୋଲି ସେ କହିଥିଲେ । ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବାଂଡ୍ରି (ଆଭିଏସଏଏଚ), ଓଡ଼ିଶା ଲାଇଭଷ୍ଟକ ଡେଭେଲପମେଣ୍ଟ ସୋସାଇଟି ଏବଂ ଓଡ଼ିଶା ଭେଟେରିନାରି କାଉନସିଲ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡକ୍ଟର ସାହୁ ଏହା କହିଥିଲେ । କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଇଭିଏସଏଏଚର ଡିନ୍ ତଥା ଓଡ଼ିଶା ଲାଇଭଷ୍ଟକ ଡେଭେଲପମେଣ୍ଟ ସୋସାଇଟି (ଓଏଲଡ଼ିଏସ)ର ସଭାପତି ପ୍ରଫେସର




ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ଆଭିଏସଏଏଚରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ଥିବା ଏକ ହସ୍ପିଟାଲ ଦିନ ରାତି କାର୍ଯ୍ୟ କରୁଛେ ବୋଲି ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରାଣୀ ଚିକିତ୍ସକ ମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଡକ୍ଟର ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶାନ୍ତି କଥାବାର୍ତ୍ତା: ପାକ୍ ମଧ୍ୟସ୍ଥତାକୁ ଇରାନ ସାଂସଦଙ୍କ ବିରୋଧ



**ତେହେରାନ:** ଆମେରିକା ଓ ଇରାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଲାଗି ପଡ଼ିଥିବା ପାକିସ୍ତାନର ଭୂମିକା ଉପରେ ଉଠିଛି ପ୍ରଶ୍ନ। ପାକିସ୍ତାନ ଉପଯୁକ୍ତ ମଧ୍ୟସ୍ଥି ନୁହେଁ ବୋଲି କହିଛନ୍ତି ଇରାନର ଜଣେ ସାଂସଦ। ପାକିସ୍ତାନର ନିରପେକ୍ଷତା ଉପରେ ମଧ୍ୟ ସାଂସଦ ଜଣଙ୍କ ପ୍ରଶ୍ନ ଉଠାଇଛନ୍ତି। ଗୋଟିଏ ପଟେ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ଶାନ୍ତି ବୈଠକକୁ ନେଇ ଅଚଳାବସ୍ଥା ଜାରି ରହିଥିବା ବେଳେ ଇରାନୀୟ ସାଂସଦ ଇବ୍ରାହିମ ରେଜାଇ ଏପରି ବୟାନ ଦେଇଛନ୍ତି। ଇରାନର ଜାତୀୟ ସୁରକ୍ଷା ଓ ବିଦେଶ ନୀତି କମିଶନର ମୁଖପାତ୍ର ଭାବେ କାର୍ଯ୍ୟ କରୁଥିବା ରେଜାଇଙ୍କ କହିବା କଥା ଯେ ପାକିସ୍ତାନ ପାଖରେ ମଧ୍ୟସ୍ଥତା ପାଇଁ ଆବଶ୍ୟକୀୟ ବିଶ୍ୱାସନୀୟତାର ଅଭାବ ରହିଛି।

ସେ ଏକ୍ସରେ କହିଛନ୍ତି, ପାକିସ୍ତାନ ଗୋଟିଏ ଭଲ ବନ୍ଧୁ ଓ ପଡ଼ୋଶୀ ହୋଇପାରେ, କିନ୍ତୁ ଏହା ଆଦୌ ଉପଯୁକ୍ତ ମଧ୍ୟସ୍ଥି ନୁହେଁ। କାରଣ ଆମେରିକା ସ୍ୱାର୍ଥ ପ୍ରତି ପାକିସ୍ତାନ ଧିକ ଯତ୍ନବାନ ରହିଛି। ଇବ୍ରାହିମ ରେଜାଇ ଆହୁରି ଅଭିଯୋଗ କରିଛନ୍ତି ଯେ ଇସଲାମାବାଦ ଖୋଲାଖୋଲି ଭାବେ ୱାଶିଂଟନକୁ ସମାଲୋଚନା କରିବାରୁ ଦୂରେଇ ରହୁଛି ଓ ଆମେରିକା ନିଜର ପ୍ରତିଶ୍ରୁତି ପୂରଣ ନ କରିବା ପ୍ରସଙ୍ଗକୁ ମଧ୍ୟ ପାକିସ୍ତାନ ଉଠାଉ ନାହିଁ।

ବିଶେଷ କରି ଲେବାନନ ଓ କଟକଣା ଲାଗିଥିବା ସମ୍ପତ୍ତି ପ୍ରସଙ୍ଗରେ ପାକିସ୍ତାନ ଚୁପ ରହୁଛି। ଜଣେ ମଧ୍ୟସ୍ଥି ନିଶ୍ଚିତ ଭାବେ ନିରପେକ୍ଷ ରହିବା କଥା। ମଧ୍ୟସ୍ଥି କେବେ ହେଲେ ଗୋଟିଏ ଆଡ଼କୁ ଢଳିବା କଥା ନୁହେଁ ବୋଲି ସେ କହିଛନ୍ତି। ଆଲୋଚନାକୁ ନେଇ ଅଚଳାବସ୍ଥା ଲାଗି ରହିଥିବା ବେଳେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରାଘଚି ଦ୍ୱିତୀୟ ଥର ପାଇଁ ପାକିସ୍ତାନ ଗସ୍ତ କରିଥିଲେ। ସେ ପାକିସ୍ତାନ ଆର୍ମି ମୁଖ୍ୟ ଜେନରାଲ ଆସିମ ମୁନିରଙ୍କ ସହ କଥା ହୋଇଛନ୍ତି। ଏହାପୂର୍ବରୁ ଅରାଘଚି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ବି ଭେଟିଥିଲେ।ସେଠାରୁ ସେ ଓମାନ ଯାଇ ସୁଲତାନ ହେିମ ବିନ ତାରିକ ଅଲ ସୈଦଙ୍କ ସହ ମଧ୍ୟ କଥା ହୋଇଥିଲେ। ଷ୍ଟ୍ରେଟ ଅଫ ହର୍ମୁଜ ଖୋଲିବା ଓ ଆମେରିକା ସହ କୂଟନୀତିକ ସମ୍ପର୍କ ବିଷୟରେ ସେ କଥା ହୋଇଛନ୍ତି। ସେ ଗୋଟିଏ ପଟେ ଆଲୋଚନା କରିଥିବା ବେଳେ ଅନ୍ୟପଟେ ଇରାନୀୟ ସାଂସଦଙ୍କ ଏପରି ବୟାନ ସାମ୍ନାକୁ ଆସିଛି।

# ଦୀନେଶ ତ୍ରିବେଦୀ ହେଲେ ଭାରତର ବାଂଲାଦେଶ ହାଇକମିଶନର

**ନୂଆଦିଲ୍ଲୀ:** ବାଂଲାଦେଶ ସହ ସମ୍ପର୍କ ସୁଧାରିବାକୁ ଆଜି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଦୀନେଶ ତ୍ରିବେଦୀଙ୍କୁ ନୂଆ ଦାୟିତ୍ୱ ମିଳିଛି। ଭାରତର ପରବର୍ତ୍ତୀ ବାଂଲାଦେଶ ହାଇକମିଶନର ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଖୁବଶୀଘ୍ର ୭୫ ବର୍ଷୀୟ ତ୍ରିବେଦୀ ନୂଆ ଦାୟିତ୍ୱ ଗ୍ରହଣ କରିବେ।

ପୂର୍ବରୁ ଭାରତ ପାଇଁ ବାଂଲାଦେଶ ହାଇକମିଶନର ଭାବେ ପ୍ରଣୟ ବର୍ମା କାର୍ଯ୍ୟ କରୁଥିଲେ। ତାଙ୍କ ବେଲଜିୟମ ଓ ୟୁରୋପୀୟ ୟୁନିୟନର ପରବର୍ତ୍ତୀ ଆମ୍ବାସାଡାର ଭାବେ ନିଯୁକ୍ତ କରାଯାଇଛି। ପ୍ରଣୟଙ୍କ ସ୍ଥାନରେ ଦୀନେଶ ତ୍ରିବେଦୀଙ୍କୁ ବାଂଲାଦେଶ ଦାୟିତ୍ୱ ମିଳିଛି।



ମହମ୍ମଦ ୟୁନିସ ସରକାର ବେଳେ ବାଂଲାଦେଶ ଓ ଭାରତ ସମ୍ପର୍କରେ ଫାଟ ଦେଖିବାକୁ ମିଳିଥିଲା। ତାରିକ ରହମାନ ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ପରେ ଦୁଇ ଦେଶ ମଧ୍ୟରେ ବିଗିଡ଼ି ଯାଇଥିବା ସମ୍ପର୍କକୁ ଉଭୟ ସୁଧାରିବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଦୀନେଶ ତ୍ରିବେଦୀଙ୍କୁ ବାଂଲାଦେଶ ହାଇକମିଶନର ଭାବେ ଭାରତ ସରକାର ନିଯୁକ୍ତ କରିଥିବା ଜଣାପଡ଼ିଛି। ଦୀନେଶ ତ୍ରିବେଦୀ ୨୦୧୧ରୁ ୨୦୧୨ ଯାଏ ରେ ଭାରତର ରେଳ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ୨୦୦୯ରୁ ୨୦୧୧ ଯାଏ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଥିଲେ।୨୦୦୯ରୁ ୨୦୦୧୯ ଯାଏ ଟିଏମସି ଟିକେଟରେ ବାରାକପୁରରୁ ଜିତି ଆସୁଥିବା ତ୍ରିବେଦୀ ୨୦୨୧ରେ ବିଜେପିରେ ମିଶିଥିଲେ।ଅଷ୍ଟିନରେ ଥିବା ଟେକ୍ସାସ ବିଶ୍ୱବିଦ୍ୟାଳୟରୁ ଏମବିଏ ଡିଗ୍ରୀ ହାସଲ କରିଛନ୍ତି ତ୍ରିବେଦୀ। ସେ ଜଣେ ଦକ୍ଷ ପାଇଲଟ ଭାବେ ପରିଚିତ। ତାଙ୍କର ନିଜସ୍ୱ ଏୟାର କାର୍ଗୋ ବ୍ୟବସାୟ ରହିଛି।

# ଟେକ୍ସାସରେ ଗୁଳିକାଣ୍ଡ: ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଘଟଣା



**ଟେକ୍ସାସ:** ୱାଶିଂଟନରେ ଆମେରିକାର ୱାଶିଂଟନ୍ ଡି.ସି.ରେ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟସ୍ଙ୍କ ରାତ୍ରୀଭୋଜନ ସମୟରେ ଗୁଳିକାଣ୍ଡ ଘଟିବା ପରେ ଗତ ୨୪ ମଧ୍ୟରେ ଆମେରିକାର ଟେକ୍ସାସର ମିଡଲ୍ୟାଣ୍ଡରେ ଏକ ବାର୍ ନିକଟରେ ଦୁଇଟି ପୃଥକ ଗୁଳିକାଣ୍ଡ ଘଟଣା ଘଟିଛି। ଘଟଣାଗୁଡ଼ିକ ରବିବାର ଭୋର୍ ପ୍ରାୟ ୧:୩୦ ସମୟରେ ଘଟିଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ମିଡଲ୍ୟାଣ୍ଡ ପୁଲିସ ବିଭାଗର କିଛି ଅଫ-ଡ୍ୟୁଟି ଅଧିକାରୀ ଟ୍ରେଡୱିଣ୍ଡସ୍ ଏବଂ ଡେଭଭିଲ୍ ବୁଲେଭାର୍ଡ ନିକଟରେ ଏକ ବାର୍ରେ ଡ୍ୟୁଟି କରୁଥିବା ସମୟରେ ସେମାନେ ନିକଟରେ ଗୁଳି ଫୁଟିବାର ଶବ୍ଦ ଶୁଣିଥିଲେ। ପହଞ୍ଚିବା ପରେ, ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କୁ ଅସ୍ତ୍ରଶସ୍ତ୍ର ଧରିଥିବା ଦେଖିଥିଲେ ଏବଂ ସେମାନେ ଏହାର ଜବାବରେ ତାଙ୍କ ଉପରକୁ ପାଲଟା ଗୁଳି ଚଳାଇଥିଲେ। ଏହି ଘଟଣାରେ ଆହତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିକିତ୍ସା ଲାଗି ମିଡଲ୍ୟାଣ୍ଡ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏହି ସମୟରେ, ପୁଲିସ ରିପୋର୍ଟ କରିଛି ଯେ ସମାନ ଘଟଣାରେ ଗୁଳିଚାଳନା ଯୋଗୁଁ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଘରୋଇ ଗାଡ଼ି ଯୋଗେ ହସ୍ପିଟାଲକୁ ଅଣାଯାଇଥିଲା ଏବଂ ଚିକିତ୍ସା ପରେ ଛାଡି ଦିଆଯାଇଥିଲା। ଘଟଣାର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ବାର୍ ଥିବା ଅଞ୍ଚଳର ରାସ୍ତା ଆରପଟେ କିଛି ଲୋକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ସମୟରେ ସନ୍ଦିଗ୍ଧ ବ୍ୟକ୍ତି ଅନେକ ରାଉଣ୍ଡ ଗୁଳି ଚଳାଇ ଉଭୟଙ୍କୁ ଆହତ କରିଥିଲେ। ଗୁଳିଚାଳନା ପରେ ପୁଲିସ ତାଙ୍କୁ ଘେରି ଯାଇଥିଲେ। ଯାହା ଫଳରେ ଗୁଳି ବିନିମୟ ହୋଇଥିଲା।

# ଲସ୍କର ଆତଙ୍କୀ ଶେଖ ୟୁସୁଫ ଆଫ୍ରିଦିକୁ ଗୁଳି କରି ହତ୍ୟା

**ଇସଲାମାବାଦ:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଏଲଇଟି)ର ଜଣେ କମାଣ୍ଡର ଶେଖ ୟୁସୁଫ ଆଫ୍ରିଦିକୁ ଅଜ୍ଞାତ ବନ୍ଧୁକଧାରୀମାନେ ଗୁଳି କରି ହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀମାନେ ଆଫ୍ରିଦିଙ୍କ ଉପରକୁ ଅନେକ ରାଉଣ୍ଡ ଗୁଳି ଚଳାଇଥିଲେ। ଆଫ୍ରିଦି ଏଲ୍ ଇଟି କମାଣ୍ଡର ହାଫିଜ୍ ସଇଦର ଜଣେ ଘନିଷ୍ଠ ସହଯୋଗୀ ଥିଲା ଏବଂ ଆକ୍ରମଣ ସମୟରେ ତାଙ୍କୁ ଖସିଯିବାର କୌଣସି ସୁଯୋଗ ମିଳିନଥିଲା। ଆଫ୍ରିଦିକୁ ଖାଇବର ପଖତୁନଖ୍ୱା ଅଞ୍ଚଳରେ ଆତଙ୍କବାଦୀ ସଂଗଠନ ଏଲଇଟିର କାର୍ଯ୍ୟକଳାପରେ ଏକ ପ୍ରମୁଖ ଲିଙ୍କ୍ ଭାବରେ ବିବେଚନା କରାଯାଉଥିଲା। ତଦନ୍ତ ଏଜେନ୍ସିଗୁଡ଼ିକ ତାଙ୍କ ମୃତ୍ୟୁକୁ ଏକ ପୂର୍ବ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ବର୍ଣ୍ଣନା କରିଛନ୍ତି। ଶେଖ ୟୁସୁଫ ଆଫ୍ରିଦିଙ୍କ ହତ୍ୟା ଗତ ଦୁଇ ବର୍ଷ ମଧ୍ୟରେ ପାକିସ୍ତାନରେ ଅନେକ ଆତଙ୍କବାଦୀଙ୍କ ହତ୍ୟାର ଏକ ଅଂଶ। ଗତ ମାସରେ, ଜଣେ ଅଜ୍ଞାତ ବନ୍ଧୁକଧାରୀ ପାକିସ୍ତାନର ଲାହୋରରେ ଏକ ଟିଭି ଷ୍ଟେସନ ବାହାରେ ଲସ୍କର-ଏ-ତୈବାର ପ୍ରତିଷ୍ଠାତା ସଦସ୍ୟ ଏବଂ ଜଣେ ୱାଣ୍ଟେଡ୍ ଆତଙ୍କବାଦୀ ଆମିର ହମଜାକୁ ଟାର୍ଗେଟ କରିଥିଲେ। ରିପୋର୍ଟ ଅନୁଯାୟୀ, ଏହି ଆକ୍ରମଣରେ ୬୭ ବର୍ଷୀୟ ହମଜା ଗୁରୁତର ଆହତ ହୋଇଥିଲେ।



ପାକିସ୍ତାନରେ ଜଣଙ୍କ ପରେ ଜଣେ ୱାଣ୍ଟେଡ୍ ଆତଙ୍କବାଦୀଙ୍କୁ ହତ୍ୟା କରାଯାଉଛି। ପୂର୍ବରୁ ଜୈଶ-ଏ-ମହମ୍ମଦ ମୁଖ୍ୟ ମୌଲାନା ମାସୁଦ ଆଝାରର ବଡ଼ ଭାଇ ମହମ୍ମଦ ତାହିର ଅନୱରର ମଧ୍ୟ ପାକିସ୍ତାନରେ ରହସ୍ୟମୟ ପରିସ୍ଥିତିରେ ମୃତ୍ୟୁ ହୋଇଥିଲା। ଅନୱର ଜୈଶ-ଏ-ମହମ୍ମଦ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲା ଏବଂ ଆତଙ୍କବାଦୀ ସଂଗଠନର କାର୍ଯ୍ୟକଳାପରେ ସକ୍ରିୟ ଭାବରେ ସାମିଲ ଥିଲା। ଗତ ବର୍ଷ ମାର୍ଚ୍ଚରେ, ପାକିସ୍ତାନର ସିନ୍ଧର ଝେଲମରେ ଅଜ୍ଞାତ ବନ୍ଧୁକଧାରୀମାନଙ୍କ ଦ୍ୱାରା ଲଶ୍ର ଜଣେ ଶୀର୍ଷ ଆତଙ୍କବାଦୀ, ଆବୁ କତାଲ ଓରଫ କତାଲ ସିନ୍ଧୀକୁ ହତ୍ୟା କରାଯାଇଥିଲା। ସେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସଇଦର ଜଣେ ଘନିଷ୍ଠ ସହଯୋଗୀ ଥିଲା। ଅଭିଯୋଗ କରାଯାଇଛି ଯେ, କତାଲ ୨୦୨୪ ମସିହାରେ ଜମ୍ମୁ ଏବଂ କାଶ୍ମୀରରେ ହୋଇଥିବା ରିଆସି ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା, ଯେଉଁଥିରେ ନଅ ଜଣ ଲୋକ ପ୍ରାଣ ହରାଇଥିଲେ ଏବଂ ୩୩ ଜଣ ଆହତ ହୋଇଥିଲେ।

୨୦୨୩ ମସିହାରୁ ପାକିସ୍ତାନରେ ଅଜ୍ଞାତ ବନ୍ଧୁକଧାରୀମାନେ ଅନେକ ଆତଙ୍କବାଦୀଙ୍କୁ ହତ୍ୟା କରିଛନ୍ତି। ୨୦୨୩ ମସିହାରେ ସାତ ମାସରେ ସାତ ଜଣ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଥିଲା। ଏହା ବ୍ୟତୀତ, ୨୦୨୬ ମସିହାର ପ୍ରଥମ ଚାରି ମାସରେ, ଲସ୍କର-ଏ-ତୈବା ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନ ସହିତ ଜଡିତ ୩୦ ଜଣ ଆତଙ୍କବାଦୀଙ୍କୁ ଲାହୋର, କରାଚୀ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଅଜ୍ଞାତ ବନ୍ଧୁକଧାରୀମାନେ ଟାର୍ଗେଟ କରିଛନ୍ତି।

# ଦେଶରେ ଚାଲିବ ଜଳ ବିମାନ

**ନୂଆଦିଲ୍ଲୀ:** ଦେଶରେ ଜଳବିମାନ ବା ସିପ୍ଲେନ ବିମାନ ଉଡ଼ାଣ ବାଟ ଖୋଲିଛି। ସ୍କାଏହପ୍ ଏଭିଏସନ୍ ନାମକ କମ୍ପାନିକୁ ଏଥିପାଇଁ ବିମାନସେବା ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଅନୁମତି ବା ଏୟାର ଅପରେଟର ସାର୍ଟିଫିକେଟ୍ (ଏଓସି) ମିଳିଛି। ସ୍କାଏହପ୍ ଏଭିଏସନର ସୂଚନା ଅନୁଯାୟୀ, ଚଳିତମାସ ୬ ତାରିଖରେ କମ୍ପାନି ଉତ୍ତରାଖଣ୍ଡର ଗଙ୍ଗା ବ୍ୟାରେଜ୍ ଓ ତେହରି ହ୍ରଦରେ ଜଳବିମାନର ପରୀକ୍ଷାମୂଳକ ଉଡ଼ାଣ ଓ ଅବତରଣ ସଫଳତାର ସହ ସମ୍ପାଦନ କରିଥିଲା। ଏହାପରେ କମ୍ପାନିକୁ ଡିଜିସିଏ ଏହାର ବାଣିଜ୍ୟିକ ସେବା ପାଇଁ ପ୍ରମାଣପତ୍ର ବା ଅନୁମତି ପ୍ରଦାନ କରିଛି। କମ୍ପାନିର ପ୍ରତିଷ୍ଠାତା ତଥା ସିଇଓ ଅବନୀ ସିଂହ କହିଛନ୍ତି, ଏଓସି ହାସଲ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଆମେ ଚଳାଇ ଆସିଥିବା ନିରବଚ୍ଛିନ୍ନ ଉଦ୍ୟମର ଏହା ଫଳ। ଆଗକୁ ବଢ଼ିବାରେ ଏହି ପ୍ରମାଣପତ୍ର ଆମ ପାଇଁ ସହାୟକ ହେବ।

ଉଲ୍ଲେଖଯୋଗ୍ୟ, ଅବନୀ ସିଂହ ହେଉଛନ୍ତି ସ୍ପାଇସଜେଟ୍ର ପ୍ରତିଷ୍ଠାତା ଅଜୟ ସିଂହଙ୍କ ଝିଅ। ସୂଚନା ଅନୁଯାୟୀ, ଏହି କମ୍ପାନି ଅବନୀଙ୍କ ନିଜସ୍ୱ ଏବଂ ସ୍ପାଇସଜେଟ୍ ସହିତ ଏହାର କୌଣସି ସଂପର୍କ ନାହିଁ।

ପ୍ରଥମ ପର୍ଯ୍ୟାୟରେ ସ୍କାଏହପ୍ ଲକ୍ଷଦ୍ୱୀପର ୫ଟି ଦ୍ୱୀପ ଏବଂ ମୁଖ୍ୟ ସ୍ଥଳଭାଗ ମଧ୍ୟରେ ଯୋଗାଯୋଗ ସ୍ଥାପନ ପାଇଁ ସେବା ଆରମ୍ଭ କରିବା ଯୋଜନା ରଖିଛି। ୧୯ ଆସନ ବିଶିଷ୍ଟ ଜଳବିମାନରେ ଏହି ସେବା ଆରମ୍ଭ ହେବ। ଏଥିସହିତ ଦେଶର ଅନ୍ୟାନ୍ୟ ଭାଗରେ ମଧ୍ୟ ଏହି ସେବା ଆରମ୍ଭ ଉପରେ ବିଚାର କରୁଛି। ଦେଶର ଯେଉଁ ଅଞ୍ଚଳରେ ପାରମ୍ପରିକ ବିମାନବନ୍ଦର ନାହିଁ କିମ୍ବା ସ୍ଥାପନ କରିବା କଷ୍ଟସାଧ୍ୟ ସେସବୁ ଅଞ୍ଚଳକୁ ବିମାନରେ ଯୋଗାଯୋଗ ସୁବିଧା ଯୋଗାଇବାରେ ଜଳବିମାନ ସେବା ସହାୟକ ହେବ।




ଘଟଣାର ତଦନ୍ତ ଏବେ ଟେକ୍ସାସ ରେଞ୍ଜର୍ସ ଦ୍ୱାରା କରାଯାଉଛି। ପୁଲିସ ଅଧିକାରୀମାନେ କହିଛନ୍ତି, ତଦନ୍ତ ଚାଲିଛି ଏବଂ ଏହା ସମାପ୍ତ ହେବା ପରେ ହିଁ ଅଧିକ ବିବରଣୀ ପ୍ରକାଶ କରାଯିବ। ବର୍ତ୍ତମାନ ଅଞ୍ଚଳର ପରିସ୍ଥିତି ସ୍ୱାଭାବିକ ଅଛି, କିନ୍ତୁ ସୁରକ୍ଷା କାରଣରୁ ପୁଲିସ ହାଇ ଆଲର୍ଟରେ ରହିଛି।

# ଲିଭ୍ଇନ ପାର୍ଟନରଙ୍କ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ରାୟ

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟ ବିବାହ ବିନା ଏକାଠି ଲିଭ୍ ଇନ୍ରେ ରହୁଥିବା ଦମ୍ପତିଙ୍କ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ସମ୍ପର୍କ ସହମତିରେ ହୋଇଥାଏ ଏବଂ ଦମ୍ପତି ପରେ ଅଲଗା ହୋଇଯାଆନ୍ତି, ତେବେ ଏହାକୁ ଦୁଷ୍କର୍ମ ବୋଲି ବିବେଚନା କରାଯାଇପାରିବ ନାହିଁ। ଏହି ମାମଲାରେ, ଜଣେ ମହିଳା ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କ ବିରୋଧରେ ମିଥ୍ୟା ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ କରିଥିଲେ। ଦୁହେଁ ଦୀର୍ଘ ସମୟ ଧରି ଏକାଠି ରହୁଥିଲେ ଏବଂ ସେମାନଙ୍କର ଏକ ସନ୍ତାନ ମଧ୍ୟ ଅଛି। ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ, ବିବାହ ପୂର୍ବରୁ ମହିଳା ଅଭିଯୁକ୍ତଙ୍କ ସହିତ କାହିଁକି ରହିବା ଆରମ୍ଭ କରିଥିଲେ। ମାମଲାଟି ସୁପ୍ରିମକୋର୍ଟର ମହିଳା ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠକୁ ଆସିଥିଲା। ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ, ମହିଳା ଜଣକ ୧୮ ବର୍ଷ ବୟସରେ ବିଧବା ହୋଇଯାଇଥିଲେ। ତା'ପରେ ସେ ଅଭିଯୁକ୍ତଙ୍କ ସମ୍ପର୍କରେ ଆସିଥିଲେ। ସେ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ସେମାନେ ଏକାଠି ରହିବା ଆରମ୍ଭ କରିଥିଲେ। ପରେ, ଜଣାପଡିଲା ଯେ, ଅଭିଯୁକ୍ତ ପୂର୍ବରୁ ବିବାହିତ, ଯାହା ବିଷୟରେ ମହିଳାଙ୍କୁ ପୂର୍ବରୁ ଜଣାଯାଇ ନଥିଲା।ଶୁଣାଣି ସମୟରେ, ବିଚାରପତି ନାଗରତ୍ନା ପ୍ରଶ୍ନ କରିଥିଲେ ଯେ ବିବାହ ପୂର୍ବରୁ ମହିଳା ଅଭିଯୁକ୍ତଙ୍କ ସହିତ କାହିଁକି ରହିବା ଆରମ୍ଭ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏପରି ପ୍ରଶ୍ନ ପ୍ରାୟତଃ ଭିକ୍ଟିମ୍ ସେମିଂର ଅଭିଯୋଗ ଆଣିଥାଏ। ତଥାପି, ଲିଭ୍-ଇନ୍ ସମ୍ପର୍କରେ ପରିସ୍ଥିତିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଚାରପତି ପ୍ରଶ୍ନ କରିଥିଲେ ଉଭୟେ ବିବାହ କରିପାରିଥାନ୍ତେ। ଆଇନଜୀବୀ କହିଥିଲେ, ଅଭିଯୁକ୍ତ ପୂର୍ବରୁ ବିବାହିତ ଏବଂ ଏହା ମହିଳାଙ୍କଠାରୁ ଲୁଚାଇ ରଖାଯାଇଛି। କୋର୍ଟ ପଚାରିଥିଲେ, ସେ ତାଙ୍କ ସହିତ ରହିବା ଏବଂ ସନ୍ତାନ ଜନ୍ମ କରିବାକୁ କାହିଁକି ନିଷ୍ପତ୍ତି ନେଇଥିଲେ?

ଜଷ୍ଟିସ୍ ବି.ଭି. ନାଗରତ୍ନା କହିଛନ୍ତି ଯେ, ଯଦି ସମ୍ପର୍କ ସହମତିରେ ଥିଲା ଏବଂ ଦମ୍ପତି ଦୀର୍ଘ ସମୟ ଧରି ଏକାଠି ରହୁଥିଲେ, ତେବେ ପରେ ଯଦି ସେମାନେ ଅଲଗା ହୋଇଯାଆନ୍ତି ତେବେ ଏହାକୁ ଏକ ଅପରାଧିକ ଅପରାଧ ବୋଲି ବିବେଚନା କରାଯାଇପାରିବ ନାହିଁ। ଜଷ୍ଟିସ୍ ନାଗରତ୍ନା ଉଲ୍ଲେଖ କରିଛନ୍ତି ଯେ ଏପରି ଲିଭ୍-ଇନ୍ ସମ୍ପର୍କରେ, ପ୍ରାୟତଃ ଏପରି ପରିସ୍ଥିତି ଉପୁଜେ ଯେଉଁଠାରେ ସମ୍ପର୍କ ଭାଙ୍ଗିବା ପରେ ମହିଳା ଦୁଷ୍କର୍ମ ଅଭିଯୋଗ କରନ୍ତି, ଯଦିଓ ସମ୍ପର୍କ ପ୍ରଥମେ ସହମତିରେ ଥିଲା। ମହିଳାଙ୍କ ଆଇନଜୀବୀ କହିଥିଲେ ପୀଡ଼ିତା ଜାଣି ନଥିଲେ, ସେ ପୂର୍ବରୁ ବିବାହିତ ଥିଲେ। ତାଙ୍କର ଚାରି ଜଣ ସ୍ତ୍ରୀ ଥିଲେ ଏବଂ ସେ ମହିଳାମାନଙ୍କୁ ଶୋଷଣ କରୁଥିଲେ। ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ଆମେ ଅନ୍ୟ ମହିଳାଙ୍କୁ ନେଇ ଚିନ୍ତିତ ନୁହଁ। ଆମେ ଆବେଦନକାରୀଙ୍କୁ ନେଇ ଚିନ୍ତିତ। ଯେତେବେଳେ ସମ୍ପର୍କ ସହମତିରେ ହୁଏ, ସେଠି ଅପରାଧର ପ୍ରଶ୍ନ ଉଠିନଥାଏ? ସେମାନେ ଏକାଠି ରହୁଛନ୍ତି ଏବଂ ମହିଳା ଏକ ସନ୍ତାନକୁ ଜନ୍ମ ଦେଇଛନ୍ତି, ସେମାନେ ବିବାହିତ ନୁହଁନ୍ତି, ଏବଂ ତା'ପରେ ସେ ଦୁଷ୍କର୍ମ ଅଭିଯୋଗ କରୁଛନ୍ତି? ଲିଭ୍-ଇନ୍ ସମ୍ପର୍କରେ ଏହା ଘଟିଥାଏ। ସେମାନେ ବର୍ଷ ବର୍ଷ ଧରି ଏକାଠି ରହୁଥାନ୍ତି, ଏବଂ ଯଦି ସେମାନେ ଅଲଗା ହୋଇଯାଆନ୍ତି, ତେବେ ମହିଳା ପୁରୁଷଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ କରନ୍ତି।

କୋର୍ଟ ମହିଳାଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ପରାମର୍ଶ ଦେଇଛନ୍ତି ଯେ, ସେ ତାଙ୍କ ପିଲା ପାଇଁ ଭରଣପୋଷଣ ମାଗିପାରିବେ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି, ଯଦିଓ ସମ୍ପର୍କ ଏକ ଆଇନଗତ ବିବାହ ନୁହେଁ, ତେବେ ପିଲାଟିକୁ ବେଆଇନ ବୋଲି ବିବେଚନା କରାଯାଇପାରିବ ନାହିଁ।

# ବିଷାକ୍ତ ଖାଦ୍ୟ ଖାଇ ପରିବାରର ୪ ମୃତ

**ମୁମ୍ବାଇ:** ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଏକ ମୁସଲିମ ପରିବାରର ଚାରି ଜଣ ସଦସ୍ୟଙ୍କ ମୃତ୍ୟୁ ଆଲୋଡ଼ନ ସୃଷ୍ଟି କରିଛି। ସମସ୍ତ ମୃତକ ଗୋଟିଏ ପରିବାରର ଥିବା ଜଣାପଡ଼ିଛି। ମୃତ୍ୟୁର କାରଣ ଖାଦ୍ୟ ବିଷାକ୍ତତା ବୋଲି କୁହାଯାଉଛି। ୨୫ ଏପ୍ରିଲରେ କିଛି ସମ୍ପର୍କୀୟ ମୃତକ ପରିବାରକୁ ଭେଟିବାକୁ ଆସିଥିଲେ। ସମଗ୍ର ପରିବାର ଏକାଠି ରାତ୍ରୀଭୋଜନ କରିଥିଲେ, କିନ୍ତୁ ହଠାତ୍ ସକାଳେ ସମସ୍ତ ସଦସ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ସମୟରେ ୪ଜଣଙ୍କ ମୃତ୍ୟୁ ହୋଇଯାଇଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ ପାଇଛି ।ଘଟଣା ସମ୍ପର୍କରେ ଡିସିପି ପ୍ରବୀଣ ମୁଣ୍ଡେ କହିଛନ୍ତି ଯେ ମୃତ ପରିବାର ଏପ୍ରିଲ ୨୫ରେ କିଛି ସମ୍ପର୍କୀୟଙ୍କୁ ଏକ ଭୋଜି ପାଇଁ ନିମନ୍ତ୍ରଣ କରିଥିଲେ। ପରିବାରର ସମସ୍ତ ସଦସ୍ୟ ରାତି ପ୍ରାୟ ୧୦ ଟାରେ ସମ୍ପର୍କୀୟଙ୍କ ସହିତ ରାତ୍ରୀଭୋଜନ କରିଥିଲେ। ସମ୍ପର୍କୀୟମାନେ ଭୋଜି ଖାଇ ଘରକୁ ଫେରିଯିବା ପରେ ପରିବାର ସଦସ୍ୟ ମିଶି ତରଭୁଜ ଖାଇଥିଲେ। ସକାଳେ ପରିବାରର ୪ଜଣ ସଦସ୍ୟଙ୍କୁ ଏକାସାଙ୍ଗରେ ଝାଡାବାନ୍ତି ହୋଇଥିଲା। ଚିକିତ୍ସା ସମୟରେ ଜଣକ ପରେ ଜଣେ ଏପରି ଭାବେ ୪ଜଣ ସଦସ୍ୟଙ୍କ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ମାମଲାର ତଦନ୍ତ କରୁଥିବା ପୁଲିସ ଏହା କେବଳ ଖାଦ୍ୟ ବିଷାକ୍ତକରଣ ମାମଲା ନା ଏହା ପଛରେ ଅନ୍ୟ କୌଣସି କାରଣ ଅଛି ସେ ଦିଗରେ ତଦନ୍ତ କରୁଛି। ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ଦୁଇ ଝିଅଙ୍କ ଏକକାଳୀନ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ନିର୍ବାଚନୀ ରାଲିରେ ମମତାଙ୍କ ବିବାଦୀୟ ମନ୍ତବ୍ୟ

# ତଦନ୍ତ କରିବ ଜାତୀୟ ଅନୁସୂଚୀତ ଜାତି ଆୟୋଗ

**ନୂଆଦିଲ୍ଲୀ:** ତୃଣମୂଳ କଂଗ୍ରେସ (ଟିଏମସି)ର ମମତା ବାନାର୍ଜୀ ଏକ ନିର୍ବାଚନ ରାଲିରେ ଚାମର ଶବ୍ଦ ବ୍ୟବହାର କରି ଅନୁସୂଚିତ ଜାତିଙ୍କୁ ଖୋଲାଖୋଲି ଅପମାନିତ କରିଥିବା ଗଣମାଧ୍ୟମ ରିପୋର୍ଟର ଜାତୀୟ ଅନୁସୂଚିତ ଜାତି କମିଶନ ସ୍ୱତଃ ତଦନ୍ତ କରିଛି। ଜାତୀୟ ଅନୁସୂଚିତ ଜାତି କମିଶନ ରାଜ୍ୟ ସରକାରଙ୍କୁ ଏକ ନୋଟିସ୍ ଜାରି କରି ଏପରି ଅପମାନଜନକ ମନ୍ତବ୍ୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ମମତା ବାନାର୍ଜୀଙ୍କ ମନ୍ତବ୍ୟ କେବଳ ଲଜ୍ଜାଜନକ ନୁହେଁ ବରଂ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଆଇନର ଧାରା ୩(୧)(ଗୁଡ଼ିକ) ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। କମିଶନର ଅଧ୍ୟକ୍ଷ କିଶୋର ମାକୱାନା ସ୍ପଷ୍ଟ ଭାବରେ କହିଛନ୍ତି ଯେ କମିଶନ ଅନୁସୂଚିତ ଜାତିର ସାମ୍ବିଧାନିକ ଅଧିକାର ଏବଂ ମର୍ଯ୍ୟାଦା ରକ୍ଷା କରିବାକୁ ପ୍ରତିବଦ୍ଧ ଏବଂ କୌଣସିସ୍ତରରେ ଜାତିଭିତ୍ତିକ ଅପମାନକୁ ସହ୍ୟ କରିବ ନାହିଁ। କମିଶନ ଆଜି ଏହି ମାମଲାରେ ପଶ୍ଚିମବଙ୍ଗ ରାଜ୍ୟର ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିଛନ୍ତି। ନୋଟିସରେ ତିନି ଦିନ ମଧ୍ୟରେ ବିସ୍ତୃତ ସୂଚନା ମାଗିଛନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗରେ ଅନୁସୂଚିତ ଜାତିଙ୍କ ବିରୁଦ୍ଧରେ ବଢ଼ୁଥିବା ଅତ୍ୟାଚାର ଏବଂ ହିଂସାକୁ ଦୃଷ୍ଟିରେ ରଖି ଜଣେ ମୁଖ୍ୟମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଦୁର୍ଭାଗ୍ୟଜନକ। କମିଶନ, ଏହାର ଅଧ୍ୟକ୍ଷ, କିଶୋର ମାକୱାନାଙ୍କ ନେତୃତ୍ୱରେ, ଏହି ମାମଲା ଉପରେ କଡ଼ା ନଜର ରଖିଛି ଏବଂ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ରିପୋର୍ଟ ଆଧାରରେ ଉପଯୁକ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବ। ମନେରଖିବା ଉଚିତ ଯେ ୨୩ ଏପ୍ରିଲ, ୨୦୨୬ ରେ କୋଲକାତାର ଚୌରଙ୍ଗିରେ ଏକ ନିର୍ବାଚନ ରାଲିରେ, ଟିଏମସି ପ୍ରାର୍ଥୀଙ୍କ ସମର୍ଥନରେ ଭାଷଣ ଦେବା ସମୟରେ, ମମତା ବାନାର୍ଜୀ ତାଙ୍କ ସରକାରଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ବର୍ଣ୍ଣନା କରିବା ସମୟରେ ଜନବଜାରରେ ଚାମର ଶବ୍ଦ ବ୍ୟବହାର କରିଥିଲେ।

# ଦିଲ୍ଲୀକୁ ୯ ୱିକେଟ୍‌ରେ ହରାଇଲା ବେଙ୍ଗାଲୁରୁ

## ଚଳିତ ଆଇପିଏଲର ସର୍ବନିମ୍ନ ସ୍କୋର ୭୫ ରନ୍

**ନୂଆଦିଲ୍ଲୀ:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୯ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛି। ବେଙ୍ଗାଲୁରୁ ଟିମ୍ ଏହି ମ୍ୟାଚକୁ ୯ ୱିକେଟରେ ଜିତିଛି। ଦିଲ୍ଲୀକୁ ପ୍ରଥମେ ୧୬.୩ ଓଭରରେ ୭୫ ରନରେ ଅଟକାଇଥିଲା। ପରେ ୭୬ ରନରେ ବିଜୟ ଲକ୍ଷ୍ୟକୁ ୬.୩ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରିଥିଲା। ବେଙ୍ଗାଲୁରୁ ୭୭ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ବ୍ୟାଟର ଜେକୋବ ବେଥେଲ ବ୍ୟକ୍ତିଗତ ଭାବେ ୨୦ ରନ୍ ସଂଗ୍ରହ କରିଥିଲେ। ସେ ୧୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ବିରାଟ କୋହଲି ଅପରାଜିତ ୨୩ ରନ୍ ସଂଗ୍ରହ କରିଥିଲେ। ସେ ୧୫ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ସେହିପରି ଦେବଦତ୍ତ ପଡ୍ଡିକଲ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ୩୪ ରନ୍ ସଂଗ୍ରହ କରିଥିଲେ। ଦିଲ୍ଲୀ ପାଇଁ ସାହିଲ ପ୍ରକାଶ ଏବଂ କେଏଲ୍ ରାହୁଲ ଇନିଂସ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ବିପର୍ଯ୍ୟର ସାମ୍ନା କରିଥିଲେ। ସାହିଲ ଖାତା ଖୋଲି ପାରିନଥିଲା ବେଳେ କେଏଲ୍ ରାହୁଲ ମାତ୍ର ୧ ରନ୍ ସଂଗ୍ରହ କରି ପାଭିଲିଅନ୍କୁ ଫେରି ଆସିଥିଲେ। ସାହିଲ ୨ଟି ଏବଂ କେଏଲ୍ ରାହୁଲ ୩ଟି ବଲ୍ ସାମ୍ନା କରିଥିଲେ। ବେଙ୍ଗାଲୁରୁର ତୃତୀୟ ଏବଂ ଚତୁର୍ଥ ଶିକାର ଯଥାକ୍ରମେ ସମୀର ରିଜ୍ଭି (ଶୂନ୍ୟ ରନ୍) ଏବଂ ଟ୍ରିସ୍ତାନ ଷ୍ଟବ୍ (୫ରନ୍) ହୋଇଥିଲେ। ଦଳର ଆଗଧାଡ଼ିର ୪ଜଣ ଖେଳାଳି ଆଉଟ୍ ହେଲା ପରେ ମଧ୍ୟ ଅଧିନାୟକ ଅକ୍ଷର ପଟେଲ ଧୈର୍ଯ୍ୟର ସହିତ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ। ସେ ୩ଟି ବଲ୍ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲିପାରି ନଥିଲେ। ଯୁବ ଏବଂ ବିସ୍ଫୋରକ ବ୍ୟାଟର ନିତିଶ ରାଣା ମଧ୍ୟ ୯ଟି ବଲ୍ ଖେଳି ମାତ୍ର ୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। କେଏଲ୍ ରାହୁଲ, ନିତିଶ ରାଣା, ସମୀର ରିଜ୍ଭି, ଟ୍ରିସ୍ତାନ ଷ୍ଟବ୍ସ ଏବଂ ଅକ୍ଷର ପଟେଲ ଭଳି ତାରକା ତଥା ଯୁବ ବ୍ୟାଟରମାନେ ଆଜି ଦମ୍ଭ ଦେଖାଇପାରି ନାହାନ୍ତି। ଦିଲ୍ଲୀ କ୍ୟାପିଟାଲ୍ସର ଶକ୍ତିଶାଳୀ ଖେଳାଳିମାନଙ୍କର ବ୍ୟାଟ୍ ନିଷ୍କ୍ରିୟ ହୋଇଯାଇଛି। ଘରୋଇ ମାଟିରେ ଏହି ଖେଳାଳିମାନେ ବିପକ୍ଷ ଦଳର ବୋଲରଙ୍କ ହାତରେ ଆତ୍ମସମର୍ପଣ କରିଛନ୍ତି। ଦ୍ରୁତ ବୋଲର ଜୋସ୍ ହାଜେଲଉଡ୍ ୪ ଏବଂ ଭୁବନେଶ୍ୱର କୁମାର ୩ ଦିଲ୍ଲୀ ଖେଳାଳିଙ୍କୁ ଆଉଟ୍ କରିଥିଲେ। ରସିକ ସାଲମ ଡାର, ସୁୟାଂଶ ଶର୍ମା ଏବଂ କୁଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଏହାର କାରଣ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏକ ସଫଳ ରଣନୀତି ନେଇ ବୋଲିଂ କରିଥିଲା। ରଜତ ପାଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅରୁଣ ଜେଟଲୀ ଷ୍ଟାଡିୟମରେ ଘରୋଇ ଦିଲ୍ଲୀ ଟିମ୍କୁ ବେଙ୍ଗାଲୁର ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏଥି ସହିତ ବେଙ୍ଗାଲୁରୁ ଟିମ୍ ଏକ ସଫଳ ବୋଲିଂ ରଣନୀତି ପ୍ରସ୍ତୁତ କରିଥିଲା। ଦିଲ୍ଲୀ ଟିମ୍ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ୍ ସଂଗ୍ରହ କରିଛି। ଫଳରେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ବିଜୟ ପାଇଁ ୭୬ ରନ୍ର ଲକ୍ଷ୍ୟ ମିଳିଛି। ଦିଲ୍ଲୀର ରନ୍ ଚଳିତ ଆଇପିଏଲ୍ରେ ସର୍ବନିମ୍ନ ସ୍କୋର ଭାବେ ରେକର୍ଡ ହୋଇଛି। ସୂଚନାଯୋଗ୍ୟ ଆଇପିଏଲ୍ ଇତିହାସରେ ସର୍ବନିମ୍ନ ସ୍କୋର ବେଙ୍ଗାଲୁରୁ ନାମରେ ରହିଛି, ଯାହା ଥିଲା ୨୦୧୭ ଏପ୍ରିଲ ୨୩ ତାରିଖ କୋଲକାତା ବିପକ୍ଷରେ। ଇଡେନ ଗାର୍ଡେନରେ ବେଙ୍ଗାଲୁରୁ ୯.୪ ଓଭରରେ ସମସ୍ତ ୱିକେଟ ହରାଇ ୪୯ ରନ୍ ସଂଗ୍ରହ କରିଥିଲା।



### ଆଜିର ମ୍ୟାଚ

* ପଞ୍ଜାବ - ରାଜସ୍ଥାନ
* ସ୍ଥାନ - ଡିରା
* ସମୟ - ରାତି ୭.୩୦
* ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୧୨ |
| ସନରାଇଜର୍ସ | ୮ | ୫ | ୩ | ୧୦ |
| ରାଜସ୍ଥାନ | ୮ | ୫ | ୩ | ୧୦ |
| ଗୁଜରାଟ | ୮ | ୪ | ୪ | ୮ |
| ଚେନ୍ନାଇ | ୮ | ୩ | ୫ | ୬ |
| ଦିଲ୍ଲୀ | ୮ | ୩ | ୫ | ୬ |
| କୋଲକାତା | ୮ | ୨ | ୫ | ୫ |
| ମୁମ୍ବାଇ | ୭ | ୨ | ୫ | ୪ |
| ଲକ୍ଷ୍ନୌ | ୮ | ୨ | ୬ | ୪ |

## 'ଆପ୍' କରିବ ଖେଳାଳି ପଞ୍ଜୀକରଣ ଓ ପରିଚାଳନା

# ୭.୫ ଲକ୍ଷ ପିଲାଙ୍କୁ ସୁଟିଂ ସହ ଯୋଡ଼ିବା ଲକ୍ଷ୍ୟ




ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ଭାରତକୁ ୨୦୩୦ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୧୦ କ୍ରୀଡ଼ାମହାଶକ୍ତି ଭାବେ ସ୍ଥାପିତ କରିବାର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ କେନ୍ଦ୍ର କ୍ରୀଡ଼ାମନ୍ତ୍ରାଳୟ ଧାର୍ଯ୍ୟ କରିଛନ୍ତି। ଏଭଳି ଏକ ପ୍ରତିଶ୍ରୁତିଭରା ଲକ୍ଷ୍ୟକୁ ପୂରଣ କରିବା ପାଇଁ ସରକାରଙ୍କୁ ସହାୟତାର ହାତ ବଢ଼ାଇବାକୁ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଦେଶର ସୁଟରମାନଙ୍କୁ ଆହ୍ୱାନ କରିଛନ୍ତି। ସୋମବାର ଭାରତୀୟ ରାଇଫଲ୍ ସଂଘ (ଏନ୍ଆର୍ଏଆଇ)ର ୭୫ତମ ସ୍ଥାପନା ଦିବସ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ୨୦୨୩୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳ ଆୟୋଜନ ସହ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ କରିବାର ଲକ୍ଷ୍ୟ ପୂରଣ ଦିଗରେ ଦ୍ରୁତ ଅଗ୍ରଗତି କରୁଛି ବୋଲି ମତ ପ୍ରକାଶ କରିଛନ୍ତି ସେ।

ଏହି ଦିବସକୁ ଅଧିକ ସ୍ମରଣୀୟ କରିବାକୁ ଯାଇ ଏନ୍ଆର୍ଏଆଇ ମଧ୍ୟ ଆଧୁନିକ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ୭.୫ ଲକ୍ଷ ଯୁବକ ଯୁବତୀଙ୍କ ପାଖରେ ସୁଟିଂକୁ ପହଞ୍ଚାଇବାକୁ ଯୋଜନା କରିଛି। ଏଥିଲାଗି ସଂଘ ଏକ ଆଥ୍ଲେଟ୍ ଆପ୍ ଉନ୍ମୋଚନ କରିଛି। ଏହି ଆପ୍ ମାଧ୍ୟମରେ ଖେଳାଳିମାନେ ନାମ ପଞ୍ଜୀକରଣ କରିପାରିବେ। ପ୍ରତିଭା ଚିହ୍ନଟ କରିବା ସହ ସୁଟିଂର କ୍ରୀଡ଼ା ମଣ୍ଡଳକୁ ଆହୁରି ସୁଦୃଢ଼ କରିବା ଏବଂ ଖେଳାଳିଙ୍କ ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରିବା ଏହି 'ଆପ୍' ଆରମ୍ଭ କରାଯିବାର ମୂଳ ଉଦ୍ଦେଶ୍ୟ ବୋଲି ଶ୍ରୀ ମାଣ୍ଡବୀୟ କହିଛନ୍ତି।ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ଆର୍ଏଆଇ ସଂପାଦକ ପବନ କୁମାର ସିଂହ ଏବଂ ଅଲିମ୍ପିକ୍ସ ପଦକ ବିଜୟିନୀ ମନୁ ଭାକର ମଧ୍ୟ ଉପସ୍ଥିତ ରହିବା ସହ ଭାରତରେ ସୁଟିଂର ସଫଳତା ଲାଗି ଏନ୍ଆର୍ଏଆଇ ଗତ ୭୫ବର୍ଷ ହେବ ପ୍ରମୁଖ ଭୂମିକା ତୁଲାଇ ଆସୁଛି ବୋଲି ମତବ୍ୟକ୍ତ କରିଥିଲେ।

## କର୍ପୋରେଟ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

# "ଉଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିଅନ୍ସ"

ଭୁବନେଶ୍ୱର,୨୭।୪(ସବ୍ୟୁ): ଓଡିଶାର କର୍ପୋରେଟ୍ ଜଗତର କର୍ମଜୀବୀମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, କ୍ରୀଡା ମନୋଭାବ ଏବଂ ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ଦୁଇ ଦିନିଆ ପ୍ରମୁଖ ଇଭେଣ୍ଟ "ଉଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିଅନ୍ସ" ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ସିଡ୍ରିମ୍ଜ୍ ଦ୍ୱାରା ଆୟୋଜିତ ଏହି ଚାମ୍ପିଅନସିପ୍ ରାଜ୍ୟର ଅନ୍ୟତମ ବୃହତ୍ କର୍ପୋରେଟ୍ କ୍ରୀଡା ମହୋତ୍ସବ ଭାବେ ପରିଚିତ ହୋଇଛି।

ଏହି ପ୍ରତିଯୋଗିତାରେ ୧୨୮ଟି ପୁରୁଷ ଡବଲ୍ସ ଏବଂ ୩୨ଟି ମିକ୍ସଡ୍ ଡବଲ୍ସ ଟିମ୍ ଅଂଶଗ୍ରହଣ କରିଥିଲେ। ଖେଳ ଗୁଡିକ "ବେଷ୍ଟ-ଅଫ୍-୩ ସେଟ୍" ଫର୍ମାଟ୍ ରେ ଅତ୍ୟନ୍ତ ରୋମାଞ୍ଚକର ଭାବେ ଖେଳାଯାଇଥିଲା। ଏଥିରେ ଓଡିଶାର ପ୍ରମୁଖ ଆଇଟି ଏବଂ କର୍ପୋରେଟ୍ ସଂସ୍ଥା ଯଥା— ୱିପ୍ରୋ, ଟିସିଏସ୍, ଇନଫୋସିସ୍, ଆକ୍ସେଞ୍ଚର୍, ଆଇବିଏମ୍, କଗ୍ନିଜାଣ୍ଟ, ଇଏସଏସଏଲ୍ ର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏଥିସହିତ ବିଭିନ୍ନ ବେ ସରକାରି ବ୍ୟାଙ୍କ, ରେଳବାଇ ଓ ନାଲକୋ ଭଳି ପିଏସୟୁ ର ବରିଷ୍ଠ ଅଧିକାରୀମାନେ ମଧ୍ୟ ନିଜର କ୍ରୀଡା କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସିଡ୍ରିମ୍ଜ୍ ର ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ସ୍ମୃତି ଦେବତା କହିଛନ୍ତି,

"ଆମେ ବୋର୍ଡରୁ ବାହାରେ ଏକ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବାକୁ ଚାହୁଁଥିଲୁ। ଏହି ଟୁର୍ଣ୍ଣାମେଣ୍ଟ କେବଳ ଟ୍ରଫି ଜିତିବା ପାଇଁ ନୁହେଁ, ବରଂ ଏକ ସୁସ୍ଥ କର୍ପୋରେଟ୍ ପରିବେଶ ସୃଷ୍ଟି କରିବା ଏବଂ ବିଭିନ୍ନ ଶିଳ୍ପ ନେତାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ମାଧ୍ୟମ।"

ପ୍ରତିଯୋଗିତାର ଫଳାଫଳ: ପୁରୁଷ ଡବଲ୍ସ ବିଜେତା: ଦେବେଶ ଓ ପ୍ରତାପ, ପୁରୁଷ ଡବଲ୍ସ ରନର୍ସ-ଅପ୍: ପ୍ରଦ୍ୟୁମ୍ନ ଓ ସ୍ମୃତି, ମିକ୍ସଡ୍ ଡବଲ୍ସ ବିଜେତା: ଜନ୍ମେଜୟ ଓ ଶାଳିନୀ, ମିକ୍ସଡ୍ ଡବଲ୍ସ ରନର୍ସ-ଅପ୍: ଆଶାକିରଣ ଓ ବାଲା ଏହି




ଦୁଇ ଦିନିଆ କାର୍ଯ୍ୟକ୍ରମରେ ନାଲକୋରୁ ଶ୍ରୀ ଆଶୁତୋଷ ରଥ, ଇନଫୋସିସରୁ ଶ୍ରୀ ସତ୍ୟଜିତ ମହାନ୍ତି,ସନ୍ସାଇନ୍ ହସ୍ପିଟାଲ୍ସରୁ ଆୟସକାନ୍ତ ମହାନ୍ତି,ୱିପ୍ରୋରୁ ଶ୍ରୀ ମନୀଷ ୱାଘେଲା,ଦୂରାଦୃଷ୍ଟି ମ୍ୟାଗାଜିନରୁ ଶ୍ରୀ ଦୁର୍ଗା ପ୍ରସାଦ ସାମନ୍ତରାୟ,ଜୟ ଓଡିଶାରୁ ଶ୍ରୀ ରୁଦ୍ର ସାମନ୍ତରାୟ, ଡିବି ନେକ୍ସଟ୍ରୁ ସିଇଓ ଶ୍ରୀ ସଙ୍ଗ୍ରାମ ରାଉତରାୟ, କୋଟକରୁ ଶ୍ରୀ ଅନୁପମ ପଟ୍ଟନାୟକ ଏବଂ କଳ୍ପତରୁ ଫାଉଣ୍ଡେସନରୁ ଶ୍ରୀ ସୁବେନ୍ଦୁ ପଣ୍ଡା, ଅଭିନେତା ପାର୍ଥସାରଥୀ ରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷ ରେ ମୁଖ୍ୟ ପରିଚାଳକ ଚିତ୍ତରଞ୍ଜନ ଦେବତା ଖେଳାଳି ଓ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱତନ୍ତ୍ର ଅଲିମ୍ପିକ୍ସ ଜାତୀୟ ବୋଲିଂ: ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ କାଂସ୍ୟ

ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ନୂଆଦିଲ୍ଲୀର ଜୋରେକୋ ଆର୍ କ୍ୟୁବ ମଲ୍ଲାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତର ଜାତୀୟ ବୋଲିଂ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଚମତ୍କାର ପ୍ରଦର୍ଶନ କରିଛନ୍ତି। ୩ ସ୍ୱର୍ଣ୍ଣ ଓ ୧ କାଂସ୍ୟ ପଦକ ଜିତି ଅପୂର୍ବ ସଫଳତା ପାଇଛନ୍ତି। ଓଡ଼ିଶାର ଅଂଶଗ୍ରହଣ କରିଥିବା ସମସ୍ତ ୪ ଜଣ ପଦକ ଜିତିବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିଛନ୍ତି। ସତ୍ୟବ୍ରତ ଦାଶ ଓ ସୁଶ୍ରୀ ସଂଗୀତା ନାୟକ ଯଥାକ୍ରମେ ପୁରୁଷ ଓ ମହିଳା ଏକକରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦେବାଶିଷ ଓ ସତ୍ୟବ୍ରତ ଦାଶ ପୁରୁଷ ଯୁଗଳରେ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସାଗରିକା ଓ ସୁଶ୍ରୀ ସଂଗୀତା ମହିଳା ଯୁଗଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଗୀତା ପଣ୍ଡା ମୁଖ୍ୟ ପ୍ରଶିକ୍ଷକ ଓ ଲକ୍ଷ୍ମଣ ଗୌଡ଼ ସହ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶାରେ ଏହି କ୍ରୀଡ଼ାର ଭିତ୍ତଭୂମି ଅଭାବ ଥିବା ସତ୍ତ୍ୱେ ଏହି ସଫଳତା ଖେଳାଳି ଓ ପ୍ରଶିକ୍ଷକଙ୍କ ସଙ୍କଳ୍ପବଦ୍ଧ ମାନସିକତାକୁ ପ୍ରତିଫଳିତ କରିଛି। ସମସ୍ତ ସଫଳ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଅଲିମ୍ପିକ୍ସ ଓଡ଼ିଶାର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।




# କରାଟେରେ ବ୍ଲାକ ବେଲଟର କୃତିତ୍ୱ ଅର୍ଜନ କଲେ ରିଭାନ

ସାଲେପୁର,୨୭।୪(ସବ୍ୟୁ): କରାଟେ ଶିକ୍ଷାରେ ବ୍ଲାକ ବେଲଫ ସୋଦନ କୃତୀତ୍ୱ ଅର୍ଜନ କରିଛନ୍ତି ସର୍ବକନିଷ୍ଠ ବାଳକ ଶ୍ରୀ ରିଭାନ ସାମଲ। ପିଲାଟି ଦିନରୁ ସ୍ପୋର୍ଟ୍ସରେ ରୁଚି ରଖି ରିଭାନ ଗୋପୀନାଥପୁରଠାରେ ଥିବା ଶୋତକାନ କରାଟେ ସ୍କୁଲରେ କୃତୀତ୍ୱର ସହିତ ଶିକ୍ଷା ଅର୍ଜନ କରି ଏଭଳି ସଫଳତା ପାଇଛନ୍ତି। କଲିକତାର ସଲଫଲେକାରେ ୱାର୍ଲ୍ଡ ଟ୍ରାଡିସନ ଶୋତକାନ କରାଟେ ଫେଡରେସନ ପକ୍ଷରୁ ଆୟୋଜିତ ହୋଇଥିବା ଏକ ପରୀକ୍ଷାରେ ସେ ସଫଳତା ପାଇଥିବାରୁ ତାଙ୍କ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହା ପୂର୍ବରୁ ସେ ବିଭିନ୍ନ ରାଜ୍ୟ ଭିତିକ ଚାମ୍ପିଅନସିପ ପ୍ରତିଯୋଗିତାରେ ବହୁ ଗୋଲ୍ଡ ଓ ସିଲଭର ମେଡାଲ ମଧ୍ୟ ପାଇଥିଲେ। ତାଙ୍କର ଏହି କୃତୀତ୍ୱ ପାଇଁ ସେ କରାଟେ ଗୁରୁ ମହମ୍ମଦ ରେହମତଙ୍କୁ ଶ୍ରେୟ ଦେଇଛନ୍ତି। ସେ ହେଉଛନ୍ତି ସତ୍ୟଭାମାପୁର ଗ୍ରାମର ଦିଲ୍ଲୀପ ସମାଲ ଓ ନମ୍ରତା ସାମଲଙ୍କ ଏକମାତ୍ର ପୁତ୍ର। ସେ ବର୍ତ୍ତମାନ ସାଲେପୁର



ଫ୍ରିଡମ ଇଣ୍ଟରନେସନାଲ ସ୍କୁଲରେ ସପ୍ତମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି। ୧୨ ବର୍ଷ ବୟସରେ ସର୍ବକନିଷ୍ଠ ଭାବେ ଏଭଳି କୃତୀତ୍ୱ ପାଇଥିବାରୁ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ପେମେଣ୍ଟ କରି ଦେୟ ପୈଠ କରିପାରିବେ। ଦେୟ ପୈଠ କରିଥିବା ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୧୨୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୧୨୪ରେ ଯୋଗାଯୋଗ କରନ୍ତୁ।

# ଟି -୨୦ କ୍ରିକେଟ : ଶାଳଝରିଆ ଚାମ୍ପିଅନ



କଣ୍ଟିଲେ,୨୭।୪(ସବ୍ୟୁ): ପାଟଣା ଗ୍ରାମ ନୀଳକେଣ୍ଠଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶଳଝରିଆ କ୍ରିକେଟ ଟିମ ବାଣପୁର କୁ ୨୮ ରନ ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଶାଳଝରିଆ ପ୍ରଥମେ ବ୍ୟାଟିଂ କରି ୧୧୭ ରନ ସଂଗ୍ରହ କରିଥିଲା। ଜବାବ ରେ ବାଣପୁର ଟିମ ୮୯ ରନ ରେ ଅଲଆଉଟ ହୋଇଯାଇଥିଲା। ଶାଳଝରିଆ ଟିମ ର ଭୀମ ମ୍ୟାନ ଅଫ ଦି ଫାଇନାଲ ସହିତ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଆଜି ଫାଇନାଲ ମ୍ୟାଚରେ ଅତିଥି ଭାବେ କଣ୍ଟିଲୋ ପଞ୍ଚାୟତ ବିଜେଡି ସଭାପତି ମାଧବ ଚନ୍ଦ୍ର ସାହୁ, ଯୁବ ବିଜେଡି ସଭାପତି ସୁଜିତ ନିଶଙ୍କ, ସୁରେନ୍ଦ୍ର ବେହେରା ଓ ଯୁଧିଷ୍ଠିର ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀ ଟ୍ରଫି ମ୍ୟାଚ୍ ପରିଚାଳନାରେ ତ୍ରୁଟି

ରାଉରକେଲା,୨୭।୪(ସବ୍ୟୁ): ମୁଖ୍ୟମନ୍ତ୍ରୀ ଟ୍ରଫି ମ୍ୟାଚ୍ ପରିଚାଳନାରେ ଅନିୟମିତା ହୋଇଛି। ରାଉରକେଲା ଓ ସୁନ୍ଦରଗଡ଼ର ବରିଷ୍ଠ କବାଡ଼ି ଖେଳାଳି, କୋଚ୍ ଓ ଆମେଚର କବାଡି ଫେଡେରେସନ୍ ଅଫ୍ ଇଣ୍ଡିଆ (ଏକେଏଫ୍ଆଇ) ଦକ୍ଷ ଅଫିସିଆଲଙ୍କୁ ପ୍ରତିଯୋଗିତାରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଏମିତି ଅଭିଯୋଗ ଆଣିଛନ୍ତି ସୁନ୍ଦରଗଡ଼ ଓ ରାଉରେକଲାର କିଛି ବରିଷ୍ଠ କୋଚ୍ ଓ କବାଡି ଖେଳାଳି ପ୍ରେମାନନ୍ଦ ଶତପଥୀ, ବିକ୍ରମ ପ୍ରଧାନ, ଦୀପକ କୁମାର ଗଡ଼ନାୟକ, ବିରଞ୍ଚି କୁମାର ବେଉରା, ବନମାଳି ସିଂ, କାମେଶ୍ୱର ସିଂହ, ପୂର୍ବତନ ଓଡ଼ିଶା କୋଚ୍ ଶୁକ୍ରୁ ତନ୍ତୀ। ସେମାନେ ରଘୁନାଥପାଲି ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡର ଅଧକ୍ଷ ଦୁର୍ଗାଚରଣ ତନ୍ତୀଙ୍କୁ ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କିତ ଲିଖିତ ଅଭିଯୋଗ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ପଠାଇଛନ୍ତି। ସେମାନେ ଲିଖିତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଜିଲ୍ଲା କ୍ରୀଡା ସଂସଦ ଦ୍ୱାରା ଅନୁଷ୍ଠିତ କବାଡି ପ୍ରତିଯୋଗିତାରେ ନାନାଦି ତ୍ରୁଟି ପରିଲକ୍ଷିତ ହୋଇଥିଲା। ଯୋଗ୍ୟ ଅଧିକାରୀମାନଙ୍କୁ ଅବହେଳା କରି କିଛି ଅଯୋଗ୍ୟ ବ୍ୟକ୍ତଙ୍କୁ ମ୍ୟାଚ ପରିଚାଳନାରେ ନିଯୁକ୍ତି କରାଯାଇଛି। ଯାହା ସମ୍ପୂର୍ଣ୍ଣ ନିୟମବିରୋଧୀ। ଖେଳାଳି ଓ କୋଚ୍ମାନଙ୍କୁ ପ୍ରତିଯୋଗିତା ସମ୍ପର୍କରେ ସଠିକ୍ ସୂଚନା ଯୋଗାଇ ଦିଆଯାଇ ନଥିଲା। ଯାହା ଫଳରେ ଗୁରୁତର ଅବ୍ୟବସ୍ଥା ଦେଖାଦେଇଥିଲା। ବିର୍ସା ମୁଣ୍ଡା ଷ୍ଟାଡିୟମରେ ଉତ୍ତମ ବ୍ୟବସ୍ଥା ଥିବା ସତ୍ତ୍ୱେ କଲେଜରେ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯିବା କଥା। ହେଲେ ରାଉରକେଲା ପ୍ରତିଯୋଗିତାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ପ୍ରତିଯୋଗିତାକୁ ସୁଚାରୁ ଓ ପାରଦର୍ଶୀ ଭାବେ ପରିଚାଳନା ପାଇଁ ବରିଷ୍ଠ ଖେଳାଳି, କୋଚ୍ ଓ ଯୋଗ୍ୟ ଅଧିକାରୀମାନଙ୍କୁ ସମ୍ମିଳିତ କରି ଏକ ସ୍ୱତନ୍ତ୍ର କମିଟି ତୁରନ୍ତ ଗଠନ କରାଯିବାର ଆବଶ୍ୟକତା ରହିଛି। ଆଗାମୀ ଦିନରେ ଆୟୋଜିତ ପ୍ରତିଯୋଗିତାର ଏଭଳି ଅବ୍ୟବସ୍ଥାର ପୁନରାବୃତ୍ତି ସହ ବରିଷ୍ଠ ଖେଳାଳିମାନଙ୍କୁ ଅଣଦେଖା ନ କରାଯିବାକୁ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏଭଳି ଅବ୍ୟବସ୍ଥା ସମ୍ପର୍କରେ ଜିଲ୍ଲା କ୍ରୀଡା ସଂସଦର ପ୍ରଭାତ ଭୋଳଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରୀ ନୀତିନିୟମ ଅନୁଯାୟୀ ଖେଳ କରାଯାଇଛି। କିଛି କୋଚକୁ ଖେଳ ପରିଚାଳନା ପାଇଁ ଡକାଯାଇଥିଲା। କିନ୍ତୁ ସେମାନେ ଅନୁପସ୍ଥିତ ଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି